

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୩୦ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 30 September 2026
Vol.No. 36 ■ No.256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ଇରାନ ସହିତ ଯେକୌଣସି ଚୁକ୍ତି ପାଇଁ ଟ୍ରମ୍ପ ପ୍ରସ୍ତୁତ : ରଖିଲେ ବଡ଼ ସର୍ତ୍ତ



ନୂଆଦିଲ୍ଲୀ,୨୯/୯ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଏକ ଚୂଡ଼ାନ୍ତ ଚୁକ୍ତି କରିବାକୁ ପ୍ରସ୍ତୁତ ଅଛନ୍ତି। ଚୁକ୍ତି ଅନ୍ତର୍ଗତ ସେ ପ୍ରତିବନ୍ଧକ ଛାଡ଼ ଏବଂ ଫ୍ରିଜ୍ ହୋଇଥିବା ସମ୍ପତ୍ତି ମୁକ୍ତ କରିବା ବିଷୟରେ ବିଚାର କରିପାରନ୍ତି, କିନ୍ତୁ ଏଥିପାଇଁ ପରମାଣୁ ପ୍ରସଙ୍ଗରେ ଠୋସ୍ ପ୍ରଗତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଯଦି ଇରାନ ପରମାଣୁ ପ୍ରସଙ୍ଗରେ ନୀତିଗତ ଭାବେ ପଦକ୍ଷେପ ନିଏ,ତେବେ ଟ୍ରମ୍ପ ଇରାନ ସହିତ ଯେକୌଣସି ଚୁକ୍ତି ପାଇଁ ଟ୍ରମ୍ପ ପ୍ରସ୍ତୁତ ଥିବା ସୂଚନା ଦେଇଛନ୍ତି। ପୂର୍ବରୁ ଟ୍ରମ୍ପ ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଏହା ପୁଣି ଏକ ଚୁକ୍ତି ପାଇଁ ଆଶାର କିରଣ ଦେଖାଇଛି। ଜଣେ ଆମେରିକୀୟ ଅଧିକାରୀ ସିଏନଏନକୁ ଏହି ସୂଚନା ଦେଇଛନ୍ତି। ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନକୁ ଆଲୋଚନା ଟେବୁଲକୁ ଫେରାଇ ଆଣିବା ପାଇଁ ମଧ୍ୟସ୍ଥିଙ୍କ ମାଧମରେ ପ୍ରୟାସ ଚାଲିଛି। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଆମେରିକା ମଧ୍ୟସ୍ଥିଙ୍କ ମାଧମରେ ଇରାନ ସହିତ ସକାରାତ୍ମକ ଏବଂ ଗଠନମୂଳକ ଆଲୋଚନା କରୁଛି। ତେବେ ସେ ସ୍ପଷ୍ଟ କରିଛନ୍ତି ଯେ ପରମାଣୁ ସମସ୍ୟାର ସମାଧାନ ବିନା କୌଣସି ଚୁକ୍ତି ହୋଇପାରିବ ନାହିଁ। ଶନିବାର ଦିନ, ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଇରାନର ସଦ୍ୟତମ ପ୍ରସ୍ତାବକୁ ଗ୍ରହଣୀୟ ନୁହେଁ ବୋଲି କହି ପ୍ରତ୍ୟାଖ୍ୟାନ କରିଥିଲେ। ରବିବାର ଦିନ ଟ୍ରମ୍ପ ଆକ୍ସିଓସଙ୍କୁ କହିଥିଲେ ଯେ, ସେ ଚଳିତ ସପ୍ତାହରେ ଇରାନ ସହିତ ଆହୁରି ଆଲୋଚନା ଆଶା କରୁଛନ୍ତି। ଜଣେ ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଆମେରିକା ପକ୍ଷରୁ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ, ଜାରେଡ୍ କୁଶନର, ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ବିଦେଶ ସଚିବ ମାର୍କୋ ରୁବିଓ ଆଲୋଚନାର ନେତୃତ୍ୱ ନେଉଛନ୍ତି। ଇରାନର ପ୍ରସ୍ତାବ ବିଷୟରେ ଟ୍ରମ୍ପ କହିଛନ୍ତି ଯେ, ତେହେରାନ ଏକ ଚୁକ୍ତି ଚାହୁଁଛି, କିନ୍ତୁ ଏହା ଆମେରିକା ଚାହୁଁଥିବା ପ୍ରକାରର ଚୁକ୍ତି ନୁହେଁ। ଟ୍ରମ୍ପଙ୍କ ଅନୁସାରେ, ଏହି ସର୍ତ୍ତାବଳୀଗୁଡ଼ିକ ପୁରୁଣା। ଆମେରିକା ଚାହିଁଥିଲେ ଏକ ବର୍ଷ ପୂର୍ବରୁ ରାଜି ହୋଇପାରିଥାନ୍ତା। ◆◆ପୃଷ୍ଠା ୭

## ୮ ଜିଲ୍ଲାରେ ହେବ ବାୟୋ ଗ୍ୟାସ୍ ପ୍ରକଳ୍ପ: ନିର୍ମାଣ ହେବ ୫ଟି ନୂଆ ତାରକା ହୋଟେଲ୍



ଭୁବନେଶ୍ୱର, ୨୯/୯ (ନି.ପ୍ର): ଭାରତୀୟ ତୈଳ ନିଗମ ତରଫରୁ ବାଲେଶ୍ୱର, ବଲାଙ୍ଗୀର, ବରଗଡ଼, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ କମ୍ପ୍ରେସ୍ଡ ବାୟୋ ଗ୍ୟାସ୍ ପ୍ରକଳ୍ପ ସ୍ଥାପନରେ ୯୬୦ କୋଟି ଟଙ୍କା ନିବେଶ କରାଯିବ। କମ୍ପାନି ବାର୍ଷିକ ୩୯,୬୦୦ ଟନ୍ ବାୟୋ ଗ୍ୟାସ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏଥି ସହିତ ରାଜ୍ୟରେ ୫ଟି ନୂଆ ତାରକା ହୋଟେଲ୍ ନିର୍ମାଣ ହେବାକୁ ଯାଉଛି। ପୋଷାକ ଜଗତର ଅଗ୍ରଣୀ ସଂସ୍ଥା ଡଲାର ଇଣ୍ଡଷ୍ଟ୍ରିଜ୍ ମଧ ଖୋର୍ଦ୍ଧାରେ ନିବେଶ କରିବ। ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ୧୫୦ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ ମଞ୍ଜୁରି କର୍ତ୍ତୃପକ୍ଷ ବୈଠକରେ ଏହି ପ୍ରକଳ୍ପଗୁଡ଼ିକ ସମେତ ୩୨୮୦ କୋଟି ଟଙ୍କାର ୧୯ଟି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୧୦,୬୬୧ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ବୈଠକର ସୂଚନା ଅନୁସାରେ, ଗଞ୍ଜାମରେ ବିବିବି ହୋଟେଲ୍ ତରଫରୁ ୨୦୮.୦୪ କୋଟି ଟଙ୍କା ଓ ହୋଟେଲ୍ ସି ପର୍ଲ ଓଡ଼ିଶା ପକ୍ଷରୁ ପୁରୀରେ ୧୮୦ କୋଟି ଟଙ୍କା ନିବେଶରେ ପଞ୍ଚତାରକା ହୋଟେଲ୍ ନିର୍ମାଣ କରାଯିବ। ସେହିପରି, ଝାରସୁଗୁଡ଼ାରେ ହାଇଲ୍ୟାଣ୍ଡ ହୋଟେଲ୍ ଆଣ୍ଡ୍ ରିସୋର୍ଟସ୍ ୧୫୦ କୋଟି ଟଙ୍କା, ପୁରୀରେ ପୁରୀ ଇକୋ-ଟୁରିଜମ ଆଣ୍ଡ୍ ରିସୋର୍ଟସ୍ ୧୨୪ କୋଟି ଟଙ୍କା ଓ ଓଡ଼ିଶେ ଲିଜର ପକ୍ଷରୁ କୋରାପୁଟରେ ୧୦୫ କୋଟି ଟଙ୍କା ନିବେଶରେ ୩ଟି ଚାରିତାରକା ହୋଟେଲ୍ ନିର୍ମାଣ କରାଯିବ। ଟାଟା ପାୱାର-ଜିସିସି ତରଫରୁ ଖୋର୍ଦ୍ଧାରେ ୫୪.୩୧ କୋଟି ଟଙ୍କାରେ ଏକ ଗ୍ଲୋବାଲ୍ କାପାବିଲିଟି ସେଣ୍ଟର (ଜିସିସି) ସ୍ଥାପନ କରାଯିବ। ପୋଷାକ କ୍ଷେତ୍ରରେ ଖୋର୍ଦ୍ଧାରେ ଶ୍ରୀ ଦକ୍ଷିଣେଶ୍ୱରୀ ମା ପଲିଫ୍ୟାବ୍ସ ୪୦୧.୬୩ କୋଟି ଟଙ୍କା ଓ ସାଇ ୱାର୍କଓୟାର ପୁରୀରେ ୫୯ କୋଟି ଟଙ୍କା ନିବେଶ କରିବେ। ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜିଓଫାଷ୍ଟ ଇଣ୍ଡଷ୍ଟ୍ରିଜ୍ (ଇଣ୍ଡିଆ) ଖୋର୍ଦ୍ଧାରେ ୧୨୦ କୋଟି ଟଙ୍କାରେ ପ୍ୟାକେଜଡ୍ ଫୁଡ୍ କାରଖାନା ଓ କଟକରେ ଜୟ ◆◆ପୃଷ୍ଠା ୭

## ଖଣି ସଂଶୋଧନ ଆଇନକୁ ତେଜୁଛି ଅସନ୍ତୋଷ

**ଅକ୍ଟୋବର ୮ରେ ଓଡ଼ିଶା ବନ୍ଦ ଡାକରା**



ଭୁବନେଶ୍ୱର, ୨୯/୯ (ନି.ପ୍ର): ଖଣି ଓ ଖଣିଜ ସଂଶୋଧନ ଆଇନ ବିରୋଧରେ ତେଜିବାରେ ଲାଗିଛି ବିରୋଧୀ। ଗତକାଲି ବିଜେଡି ବିକ୍ଷୋଭ କରିଥିବାବେଳେ ଆଜି ପ୍ରତିବାଦ କରିଛି ଇଣ୍ଡି ମେଣ୍ଟ। ମାଷ୍ଟରକ୍ୟାଣ୍ଟିରେ ଶୋଭାଯାତ୍ରା ଓ ଲୋୟର ପିଏମଜିରେ ସମାବେଶ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଉଦ୍ୟମ କରିଛନ୍ତି କଂଗ୍ରେସ ଓ ଏହାର ସହଯୋଗୀ ଦଳର ନେତା ଓ କର୍ମୀ। ବ୍ୟାରିକେଡ୍ ଡେଇଁ ଆଗକୁ ଯିବାବେଳେ ବିକ୍ଷୋଭକାରୀ ଓ ପୁଲିସ୍ ମହାଁମୁହିଁ ହୋଇଛନ୍ତି । ଦେଖିବାକୁ ମିଳିଛି ହାଇଭୋଲଟେଜ୍ ଡ୍ରାମା। ପ୍ରତିବାଦକାରୀଙ୍କୁ ଉଠାଇ ନେଇଛି ପୁଲିସ୍। ତେବେ କାହିଁକି ଏତେ ପ୍ରତିବାଦ? କ'ଣ ରହିଛି ବିରୋଧୀଙ୍କ ଦାବି ଥମିବାର ନା ଧରୁନି ଏମ ଏମ ଡି ଆର ଆଇନ୍ ପ୍ରତ୍ୟାହାର ଦାବି । ବିଧାନସଭା ରୁ ରାଜ ରାସ୍ତା ସବୁଠି ଆନ୍ଦୋଳନ, ହଙ୍ଗାମା ଝ ଖଣି ନୀତିକୁ ନେଇ ରାଜଧାନୀରେ ରଣହୁଙ୍କାର, ଗାନ୍ଧୀମାର୍ଗରେ ଜମିଲା ବିରୋଧୀଙ୍କ ମେଳି । ଏକାଠି ହେଲେ ଇଣ୍ଡିଆ ବ୍ଲକ୍ର ବିଭିନ୍ନ ଦଳର ନେତା ଓ କର୍ମୀ। ନାରାବାଜି ଭିତରେ ଆଗକୁ ବଢ଼ିଥିଲା ଶୋଭାଯାତ୍ରା। କଂଗ୍ରେସ ସହ ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ୍) ଲିବରେସନ୍, ଫରୱାର୍ଡ ବ୍ଲକ୍, ଏନ୍ସିପି-ଶରଦ ପାୱାର, ସମାଜବାଦୀ ପାର୍ଟି ଓ ଆରଜେଡିର ନେତା ଓ କର୍ମୀମାନେ ସାମିଲ ହୋଇ ବିଜେପି ସରକାର ଉପରେ ବର୍ଷିଥିଲେ। ପରିବର୍ତନ ରାଲି ମଞ୍ଚରେ ସଂଶୋଧିତ ଖଣି ଆଇନକୁ ଓଡ଼ିଶା ସ୍ୱାର୍ଥ ବିରୋଧୀ କହି, ବିଜେପି ସରକାର ଉପରେ ବର୍ଷିଛନ୍ତି ବିରୋଧୀ । ତୁରନ୍ତ ପ୍ରତ୍ୟାହାର କରିବାକୁ ରଖିଛନ୍ତି ଦାବି । ଆଉ ଆସନ୍ତା ୮ ତାରିଖରେ ଓଡିଶା ବନ୍ଦ ଡାକରା ଦେଇଛି କଂଗ୍ରେସ । ହେଲେ ସଭା ପରେ ବଦଳିଗଲା ଆନ୍ଦୋଳନର ଚିତ୍ର। ବ୍ୟାରିକେଡ୍ ଆଗରେ ନେତା ଓ ପୋଲିସ ମୁହାଁମୁହିଁ। ଠେଲାପେଲା ଭିତରେ ବଢ଼ିଲା ଉତ୍ତେଜନା, ଆରମ୍ଭ ହେଲା ଧସ୍ତାଧସ୍ତି। କଂଗ୍ରେସ ବିଧାୟକ ଓ ନେତାଙ୍କୁ ଧରି ଉଠାଇ ନେଲା ପୋଲିସ। ◆◆ପୃଷ୍ଠା ୭

## ୪ ଜିଲ୍ଲା ପାଇଁ ୧୦ କୋଟି ଟଙ୍କାର ରିଲିଫ୍ ମଞ୍ଜୁର: ତୁରନ୍ତ ସହାୟତା ଦେବାକୁ ଏସଆରସିଙ୍କ ନିର୍ଦ୍ଦେଶ

- ■ନବରଙ୍ଗପୁର ପାଇଁ ୫ କୋଟି, ଗଞ୍ଜାମ ପାଇଁ ୨ କୋଟି ମଞ୍ଜୁର
- ■ଗଜପତି ପାଇଁ ୨ କୋଟି ଓ ଝାରସୁଗୁଡ଼ା ପାଇଁ ୧ କୋଟି ମଞ୍ଜୁର
- ■ଘର ମରାମତି, ଫସଲ କ୍ଷତି ଆଦି ପାଇଁ ତୁରନ୍ତ ସହାୟତା ନିର୍ଦ୍ଦେଶ



ଭୁବନେଶ୍ୱର, ୨୯/୯ (ନି.ପ୍ର): ବନ୍ୟା ଓ ବର୍ଷାଜନିତ କ୍ଷୟକ୍ଷତି ପରିପ୍ରେକ୍ଷୀରେ ରାଜ୍ୟର ୪ଟି ଜିଲ୍ଲା ପାଇଁ ମୋଟ ୧୦ କୋଟି ଟଙ୍କାର ରିଲିଫ୍ ସହାୟତା ମଞ୍ଜୁର କରାଯାଇଛି। ସ୍ୱେଶାଲ୍ ରିଲିଫ୍ କମିଶନର୍ ପକ୍ଷରୁ ଏହି ଅର୍ଥରାଶି ମଞ୍ଜୁର ହୋଇଥିବାବେଳେ କ୍ଷତିଗ୍ରସ୍ତ ପରିବାରମାନଙ୍କୁ ଶୀଘ୍ର ସହାୟତା ପହଞ୍ଚାଇବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମଞ୍ଜୁର ହୋଇଥିବା ମୋଟ ୧୦ କୋଟି ଟଙ୍କା ମଧ୍ୟରୁ ନବରଙ୍ଗପୁର ଜିଲ୍ଲାକୁ ସର୍ବାଧିକ ୫ କୋଟି ଟଙ୍କା ଦିଆଯାଇଛି। ସେହିପରି ଗଞ୍ଜାମ ଜିଲ୍ଲା ପାଇଁ ୨ କୋଟି ଟଙ୍କା, ଗଜପତି ଜିଲ୍ଲା ପାଇଁ ୨ କୋଟି ଟଙ୍କା ଏବଂ ଝାରସୁଗୁଡ଼ା ଜିଲ୍ଲା ପାଇଁ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ରିଲିଫ୍ ଅର୍ଥ ମୁଖ୍ୟତଃ ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଘରର ମରାମତି, ଫସଲ କ୍ଷୟକ୍ଷତି ଏବଂ ଅନ୍ୟାନ୍ୟ ତୁରନ୍ତ ରିଲିଫ୍ କାର୍ଯ୍ୟରେ ବ୍ୟବହାର କରାଯିବ। କ୍ଷତିଗ୍ରସ୍ତ ଲୋକଙ୍କୁ ବିଳମ୍ବ ନକରି ସହାୟତା ଯୋଗାଇବାକୁ ଝଜଉ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ କ୍ଷୟକ୍ଷତିର ଆକଳନ କରି ଯୋଗ୍ୟ ହିତାଧିକାରୀଙ୍କୁ ନିୟମ ଅନୁଯାୟୀ ସହାୟତା ଦେବାକୁ ପ୍ରଶାସନକୁ କୁହାଯାଇଛି। ରିଲିଫ୍ ବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଅର୍ଥର ସଠିକ୍ ବ୍ୟବହାର ଉପରେ ମଧ ନଜର ରଖାଯିବ।

## ଅକ୍ଟୋବର ୧ରୁ ୧୦ ଯାଏଁ ସେବା ସେତୁ ଅଭିଯାନ

ଭୁବନେଶ୍ୱର, ୨୯/୯ (ନି.ପ୍ର): ସରକାରୀ ସେବା ଓ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଂଚାଇବା ଲକ୍ଷ୍ୟରେ ଅକ୍ଟୋବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ 'ସେବା ସେତୁ' ଅଭିଯାନ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ଚାଲୁଥିବା 'ସେବା ସଂକଳ୍ପ' ଅଭିଯାନର ଏହା ଏକ ଅଂଶବିଶେଷ । 'ସେବା ସଂକଳ୍ପ' ଅଭିଯାନର ◆◆ପୃଷ୍ଠା ୭

## ସିଏଜି ରିପୋର୍ଟରେ ସାମନାକୁ ଆସିଲା ସାଂଘାତିକ ତଥ୍ୟ: ଡିଏମଏଫ୍ ପାଣ୍ଠି ଖର୍ଚ୍ଚରେ ବ୍ୟାପକ ହେରଫେର

ଭୁବନେଶ୍ୱର, ୨୯/୯ (ନି.ପ୍ର): ସିଏଜି ରିପୋର୍ଟରୁ ପର୍ଦ୍ଦାଫାଶ ହୋଇଛି ବଡ଼ ଧରଣର ସାଂଘାତିକ ସତ। ରାଜ୍ୟରେ ବିକାଶ ନାଁରେ କିଭଳି ଚାଲିଥିଲା ବ୍ୟାପକ ଅନିୟମିତତା, ତାର କଳା ଚିଠା ଏବେ ସାମ୍ନାକୁ ଆସିଛି। ଡିଏମ୍ଏଫ୍ ପାଣ୍ଠି ହେଉ ବା ଚର୍ଚ୍ଚିତ ଫାଇଭ-ଟି ସ୍କୁଲ ରୂପାନ୍ତରଣ, ଇ-ୱେ ବିଲ୍ରୁ ନେଇ ପାନୀୟ ଜଳ ଯୋଗାଣ ଯୋଜନା, ପ୍ରତିଟି କ୍ଷେତ୍ରରେ ନିୟମକୁ ଜଳାଞ୍ଜଳି ଦେଇ ହୋଇଛି ହେରଫେର୍ । ବିଧାନସଭାରେ ଉପସ୍ଥାପିତ ୬ଟି ଅଡିଟ୍ ରିପୋର୍ଟ ଏବେ ରାଜ୍ୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଖଣି ପ୍ରଭାବିତ ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଡିଏମ୍ଏଫ୍ ପାଣ୍ଠିରୁ କୋଟି କୋଟି ଟଙ୍କାର ଅନିୟମିତତା। ସ୍କୁଲ ରୂପାନ୍ତରଣ ନାଁରେ କୋଟି କୋଟିର ଫାଇଭ-ଟି ଖର୍ଚ୍ଚ, ଇ-ୱେ ବିଲ୍ ଯାଞ୍ଚରେ ତ୍ରୁଟି ଏବଂ ପାନୀୟ ଜଳ ଯୋଗାଣରେ ବ୍ୟାପକ ଗୋଳମାଳ। ସିଏଜି ଅର୍ଥାତ୍ କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲଙ୍କ ୬ଟି ଅଡିଟ୍ ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହେବା ପରେ ଏଭଳି ତଥ୍ୟ ସାମନାକୁ ଆସିଛି। ରିପୋର୍ଟର ସବୁଠାରୁ ଚାଞ୍ଚଲ୍ୟକର ଦିଗ ହେଉଛି, ୨୦୧୫ରୁ ୨୦୨୪, ଏହି ଦୀର୍ଘ ୧୦ ବର୍ଷ ଭିତରେ ଖଣିଜ ପାଣ୍ଠିର ବିନିଯୋଗ। ଖଣି ପ୍ରଭାବିତ ଗରିବ ଜନସାଧାରଣ, ଆଦିବାସୀଙ୍କ ◆◆ପୃଷ୍ଠା ୭

## ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ: ଆସନ୍ତା ସପ୍ତାହରେ ସୁପ୍ରିମକୋର୍ଟରେ ଶୁଣାଣି



ନୂଆଦିଲ୍ଲୀ,୨୯/୯ : ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ନେତୃତ୍ୱାଧୀନ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ପକ୍ଷରୁ ନିଆଯାଉଥିବା ବିଭିନ୍ନ ନିଷ୍ପତ୍ତିକୁ ନେଇ ଆଗତ ଆବେଦନର ଆସନ୍ତା ସପ୍ତାହରେ ଶୁଣାଣି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ମତି ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ବରିଷ୍ଠ ଆଇନଜୀବୀ ବିକାଶ ସିଂହ ଏହି ମାମଲାକୁ ଉପସ୍ଥାପନ କରିଥିଲେ। ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନଙ୍କ ଆଇନଗତ ନିୟମାନୁସାରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ କିମ୍ବା ବହୁମତ ଆଧାରରେ ଗ୍ରହଣ କରାଯିବା ଆବଶ୍ୟକ। ମାତ୍ର ବର୍ତ୍ତମାନ କମିଶନ ଯେପରି କାର୍ଯ୍ୟ କରୁଛନ୍ତି, ସେଥିରେ ନିଷ୍ପତ୍ତିଗୁଡ଼ିକ ସର୍ବସମ୍ମତ କି ନୁହେଁ ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି ବୋଲି ବିକାଶ ସିଂହ ଅଦାଲତଙ୍କୁ ଜଣାଇଛନ୍ତି। ଗତ ୧୦ ମାସ ମଧ୍ୟରେ ଭୋଟର ତାଲିକା ନାମ ସାମିଲ କରିବା, ବାଦ୍ ଦେବା, ପୁନରୁଦ୍ଧାର ଏବଂ ପଞ୍ଜୀକରଣ ପ୍ରକ୍ରିୟାରେ ପରିବର୍ତ୍ତନ ସହ ଜଡ଼ିତ ପ୍ରାୟ ୧୪ଟି ନିଷ୍ପତ୍ତି ଓ ଆଦେଶକୁ ନେଇ ନିର୍ବାଚନ କମିଶନର ସୁଖବୀର ସିଂହ ସାନ୍ଧୁ ଏବଂ ବିବେକ ଯୋଶୀ ଆନୁଷ୍ଠାନିକ ଭାବେ ଆପତ୍ତି ଜଣାଇଥିବା ନେଇ ସମ୍ବାଦ ପ୍ରକାଶ ପାଇବା ପରେ ଏହି ବିବାଦ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ, ନିର୍ବାଚନ ଆୟୋଗ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି ନିଜର ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ନିଆଯାଇଛି ବୋଲି ସ୍ପଷ୍ଟ କରିଛନ୍ତି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ଦୁଇ ନିର୍ବାଚନ କମିଶନର ଏସ.ଏସ. ସାନ୍ଧୁ ଓ ବିବେକ ଯୋଶୀଙ୍କ ବୈଠକ ପରେ ଜାରି ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, କ୍ୟାବିନେଟ୍ ◆◆ପୃଷ୍ଠା ୭

## ଆସନ ବଣ୍ଟନକୁ ନେଇ ସମାଜବାଦୀ ଓ କଂଗ୍ରେସ ମଧ୍ୟରେ ମତଭେଦ



ନୂଆଦିଲ୍ଲୀ,୨୯/୯ : ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି ଓ କଂଗ୍ରେସ ମଧ୍ୟରେ ଆସନ ବଣ୍ଟନକୁ ନେଇ ରାଜନୈତିକ ବୟାନବାଜି ତୀବ୍ର ହୋଇଛି । କଂଗ୍ରେସ ୪୦୩ ଆସନ ମଧ୍ୟରୁ ଅତିକମରେ ୧୫୦ ଆସନରେ ଲଢ଼ିବାକୁ ଚାହୁଁଥିବା କହିବା ପରେ ସପା ନେତା ଆଇପି ସିଂହ ଏହାକୁ ନେଇ କଟାକ୍ଷ କରିଛନ୍ତି। କଂଗ୍ରେସର ଉତ୍ତରପ୍ରଦେଶ ପ୍ରଭାରୀ ରାଜେନ୍ଦ୍ର ପାଲ ଗୌତମ କହିଛନ୍ତି, ଦଳ ୧୫୦ରୁ କମ୍ ଆସନରେ ଲଢ଼ିବାକୁ ଚାହୁଁନାହିଁ ଏବଂ ସମସ୍ତ ୪୦୩ ଆସନ ପାଇଁ ପ୍ରସ୍ତୁତି ରହିଛି । ଏହାର ପ୍ରତିକ୍ରିୟାରେ ଆଇପି ସିଂହ କଂଗ୍ରେସକୁ ସମସ୍ତ ୪୦୩ ଆସନରେ ଏକାକୀ ଲଢ଼ି ନିଜ ଶକ୍ତି ପରୀକ୍ଷା କରିବାକୁ ଆହ୍ୱାନ ଦେଇଛନ୍ତି। କଂଗ୍ରେସ ନେତାମାନେ ଦିଲ୍ଲୀରେ ବସି ବଡ଼ ସ୍ୱପ୍ନ ଦେଖୁଛନ୍ତି ବୋଲି ସେ କଟାକ୍ଷ କରିବା ସହ ରାହୁଲ ଗାନ୍ଧୀଙ୍କ ଦୀର୍ଘ ରାଜନୈତିକ ଯାତ୍ରା ପରେ ମଧ ଉତ୍ତରପ୍ରଦେଶରେ କଂଗ୍ରେସର ସଂଗଠନ କେତେ ମଜବୁତ ହୋଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି । ସିଂହଙ୍କ କହିବା ଅନୁଯାୟୀ, କେବଳ ବଡ଼ ମଞ୍ଚ, କ୍ୟାମେରା ଓ ବୟାନ ଦ୍ୱାରା ଜନାଧାର ସୃଷ୍ଟି ହୁଏନାହିଁ । ରାସ୍ତାରେ ଆନ୍ଦୋଳନ, ବୁଥ୍ସ୍ତରରେ ସଂଗଠନ ଏବଂ ଲୋକଙ୍କ ସହ ନିରନ୍ତର ସମ୍ପର୍କ ରଖିବା ହିଁ ରାଜନୈତିକ ଶକ୍ତିର ମୂଳ ଆଧାର ବୋଲି ସେ କହିଛନ୍ତି । କଂଗ୍ରେସ ନିଜର ରାଜନୈତିକ ଦିଗ ଓ ଲକ୍ଷ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ମଧ ସେ ମତ ରଖିଛନ୍ତି । ଅନ୍ୟପଟେ, ୨୦୨୪ ଲୋକସଭା ନିର୍ବାଚନରେ ସପା ଓ କଂଗ୍ରେସ ମିଳିତ ଭାବେ ଲଢ଼ିଥିଲେ । ୨୦୨୭ରେ ମଧ ଉଭୟ ଦଳ ମଧ୍ୟରେ ମେଣ୍ଟ ଜାରି ରଖିବା ନେଇ ଆଲୋଚନା ଚାଲିଛି, ହେଲେ ଆସନ ବଣ୍ଟନକୁ ନେଇ ମତଭେଦ ସାମ୍ନାକୁ ଆସୁଛି । ରିପୋର୍ଟ ଅନୁସାରେ ଅକ୍ଟୋବରରେ ଏନେଇ ଦୁଇ ଦଳର ଶୀର୍ଷ ନେତୃତ୍ୱ ମଧ୍ୟରେ ଚୂଡ଼ାନ୍ତ ଆଲୋଚନା ହୋଇପାରେ ।

# ଅନ୍ତର୍ଜାତିକ ପର୍ଯ୍ୟଟନ ଦିବସ ପାଳିତ

ଖୋରଧା,୨୯/୦୯ (ନି.ପ୍ର): ଆନ୍ତର୍ଜାତୀୟ ପର୍ଯ୍ୟଟନ ଦିବସରେ ଜିଲ୍ଲାସ୍ତରୀୟ ପ୍ରୋମୋ ମାରାଥନ ଅନୁଷ୍ଠିତ; ଓଡ଼ିଶାର ଐତିହ୍ୟ ସଂସ୍କୃତି କୁ ନେଇ ସମଗ୍ର ଭାରତର ପର୍ଯ୍ୟଟନ ଅନନ୍ୟ: ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା । ଖୋରଧା ତା ୨୭.୦୯.୨୦୨୬ ରିଖ: ଆନ୍ତର୍ଜାତୀୟ ପର୍ଯ୍ୟଟନ ଦିବସ ପାଳନ ଉପଲକ୍ଷେ ଆଜି ଜିଲ୍ଲା ସଦର ମହକୁମା ବି .ଜେ .ବି ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଏବଂ ଓ ଏମ ସି କୋଷ୍ଟାଲ ମାରାଥନ୍ ପୁରୀ ଉପଲକ୍ଷେ ପ୍ରୋମୋ ମାରାଥନ୍ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଶ୍ରୀମତୀ ସୁସ୍ମିତା ପ୍ରଧାନଙ୍କ ପୋରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ଖୋରଧା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଉଦ୍ଘାଟନ କରି କହିଲେ ଓଡିଶାର ପର୍ଯ୍ୟଟନ ଓଡ଼ିଶାର




ଐତିହ୍ୟ, ସକୃତିକୁ ନେଇ ରୁଦ୍ଧିମନ୍ତ କରି ବେଦେଶି ମାନଙ୍କୁ ଆକୃଷ୍ଟ କରିଥାଏ । ପୁରୀ ଶ୍ରୀ ଜଗନ୍ନାଥ ତଥା ଉରୁସୋତ୍ତମ୍ ଧାମ ସମଗ୍ର ବିଶ୍ୱରେ ବନ୍ଦନୀୟ ଥିବାବେଳେ ଓଡ଼ିଶା ଓ ଭାରତର ପର୍ଯ୍ୟଟନ ସମଗ୍ର ବିଶ୍ୱରେ ଅନନ୍ୟ ଅଟେ ବୋଲି ଉଦବୋଧନ ଦେଇ ପର୍ଯ୍ୟଟନ ବିକାଶରେ ଆମେ ସମସ୍ତେ ସାମିଲ ହେଲେ ବିକଶିତ ଓଡ଼ିଶା ଅ୨୦୩୬ ଏବଂ ବିକଶିତ ଭାରତ ଅ୨୦୪୭ ପର୍ଯ୍ୟଟନ ବିକାଶରେ ଆମେ ମାଇଲଖୁଣ୍ଟ ଭଳି ଉଭା ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପ୍ରୋମୋ ମାରାଥନ ରେ ଯୋଗଦେଇଥିବା ସହରର ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ର ଛାତ୍ରୀ, ଗଣାମାଧାମ ପ୍ରତିନିଧି, କ୍ରୀଡାବିତ୍ ମାନଙ୍କୁ ସାଧୁବାଦ୍ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ,ବି ଡି ଓ , ସିଦ୍ଧାର୍ଥ ପଟ୍ଟନାୟକ, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର, ପଦାର୍ଥ ବିଜ୍ଞାନ ପ୍ରାଧାପକ ଶ୍ରୀ ସୁବୋଧ କୁମାର ଜଗଦେବ ଯୋଗଦେଇ ଆମ ପର୍ଯ୍ୟଟନ ଆମ ଅର୍ଥନୀତି କୁ କିଭଳି ସହଯୋଗ ଓ ପ୍ରୋତ୍ସାହନ ଦେଉଛି ସେ ସମ୍ବନ୍ଧରେ ଆଲୋକ ପାତ କରିଥିଲେ । ଦିବସ ଉପଲକ୍ଷେ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇଥିଲା । ପରେ ପ୍ରାୟ ୨୫୦ ପ୍ରତିଯୋଗୀ ମାନେ ପ୍ରୋମୋ ମାରାଥନ ରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ମାନଙ୍କ ଗହଣରେ ପ୍ଲାଗ କାର୍ଡ ଦେଖାଇ ମାରାଥନ ର ଶୁଭାରମ୍ଭ କରିଥିଲେ । ମାରାଥନ୍ ପ୍ରତିଯୋଗୀ ମାନେ ବି ଜେ ବି ହାଇସ୍କୁଲରୁ ବାହାରି ଷ୍ଟେଟ୍ ବ୍ୟାଙ୍କ ଛକ, ଭେଟେନାରି ଛକ ଓ ନୂଆ ବସ୍ ଷ୍ଟାଣ୍ଡ ଦେଇ ପୁନଶ୍ଚ ବି ଜେ ବି ହାଇସ୍କୁଲରେ ପହଞ୍ଚି ଥିଲେ। ଏହି ପ୍ରତି ଯୋଗିତାରେ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅନୱାର ଖାନ୍, ପ୍ରଥମ,ବେଞ୍ଜାମିନ ପ୍ରଧାନ, ଦ୍ୱିତୀୟ ଏବଂ ସଚିନ କୁମାର ପ୍ରଧାନ ତୃତୀୟ ବାଳକ ବିଭାଗରେ କୃତିତ୍ୱ ହାସଲ କରିଥିବା ବେଳେ ବାଳିକା ବିଭାଗରେ ସ୍ୱପ୍ନାରାଣି ନାୟକ, ପ୍ରଥମ, ଜସ୍ମିନ ମହାପାତ୍ର, ଦ୍ୱିତୀୟ, ପ୍ରାଣନାଥ ସ୍ୱୟଂ ଶାସିତ ମହାବଦ୍ୟାଳୟ, ଏବଂ ଜାଗୃତି କୁମାରୀ, ତୃତୀୟ, ଗୀତା ସ୍ୱଂ ଶାସିତ ମହାବିଦ୍ୟାଳୟ କୃତିତ୍ୱ ହାସଲ କରିଥିଲେ । ଏମାନେ ଡିସେମ୍ବର ୧୩ ତାରିଖରେ ପୁରୀଠାରେ ଅନୁଷ୍ଠିତ ହେବାକୁ ଥିବା କୋଷ୍ଟାଲ୍ ପର୍ଯ୍ୟଟନ ପ୍ରୋମୋ ମାରାଥନ୍ ରେ ଯୋଗ ଦେବେ । ମୁଖ୍ୟ ଅତିଥି ଆହୁରି ମଧ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ଟୁରିଯିମ୍ କୁଇଜ୍ ରେ ୩ ଜଣ ଏବଂ ମହାବିଦ୍ୟାଳୟ ସ୍ତରୀୟ ଟୁରିଯିମ୍ କୁଇଜରେ ୭ ଜଣ କୃତିତ୍ୱ ପ୍ରତିଯୋଗୀଙ୍କୁ ଅର୍ଥରାଶି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ । ଦିବସରେ ମଞ୍ଚ ସଂଯୋଜନା ଶ୍ରୀକାନ୍ତ ନାୟକ ସମ୍ପାଦିତ କରିଥିବା ବେଳେ ପର୍ଯ୍ୟଟନ ଉନ୍ନୟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା,ବି ଜେ ବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ପଣ୍ଡା ଯୋଗ ଦେଇଥିଲେ ।

# ତହଁକ୍ କୁଟୁମ୍'ର ନୂଆଁଖାଇ ଜୁହାର୍ ଭେଟ୍ ମହାସମାରୋହରେ ଅନୁଷ୍ଠିତ

ବଲାଙ୍ଗିର,୨୯/୦୯ (ନି.ପ୍ର): ସ୍ଥାନୀୟ ଯାଦବ ଭବନ ପରିସରରେ 'ତହଁକ୍ ସାହିତ୍ୟ କୁଟୁମ୍' ଆନୁକୂଲ୍ୟରେ ପାରମ୍ପରିକ ଗଣପର୍ବ 'ନୂଆଁଖାଇ ଜୁହାର୍ ଭେଟ୍' ଏବଂ ସାରସ୍ୱତ ସମାରୋହ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଦିବସର ପ୍ରଥମ ପର୍ଯ୍ୟାୟରେ ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ କୁଟୁମ୍ବର ମୁଖିଆଙ୍କ ଦ୍ୱାରା ନିଷ୍ଠାପୂର୍ଣ୍ଣ ପୂଜାର୍ଚ୍ଚନା କରାଯାଇଥିଲା । ପୂଜା ସମାପନ ପରେ କୁଟୁମ୍ବର ସମସ୍ତ ସଦସ୍ୟ ଏକତ୍ର ଭୂମିରେ ଉପବେଶନ କରି ପାରମ୍ପରିକ ରୀତିରେ ନବାନ୍ନ ଗ୍ରହଣ କରିଥିଲେ । ଏହା ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ କଳାକାର ଗିରିଧାରୀ ମଟାରୀ, ନିରଞ୍ଜନ ମଟାରୀ ଏବଂ ପରମେଶ୍ୱର କୁମ୍ଭାର ନିଜର ଚିତ୍ତାକର୍ଷକ ଢୋଲ୍, ବିଣାକାରିଆ ଓ ବଂଶୀ ପରିବେଷଣ ମାଧ୍ୟମରେ ସମଗ୍ର ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ଆଲୋଚନା ସଭାରେ ଅତିଥି ଭାବରେ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ସୁଶାନ୍ତ ବାଗ, ନିରଞ୍ଜନ ପଣ୍ଡା, ବ୍ରହ୍ମାନନ୍ଦ ବଞ୍ଛୋର, ସନ୍ଦୀପ ବାଗ, ଗୟାଧର ପଟେଲ, ରାଜମଣୀ ସାହୁ ଓ ସୁଷମା ବେହେରା ପ୍ରମୁଖ ଯୋଗଦେଇ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ନୂଆଁଖାଇ କିଭଳି ଭାଇଚାରା, ସାମାଜିକ ଏକତା ଏବଂ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରତୀକ, ସେ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଏକ ମନୋଜ୍ଞ କୋଶଲୀ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ବ୍ୟଙ୍ଗ କବି ଦେବେନ୍ଦ୍ର ସାହୁ, ହାସ୍ୟ କବି ଶିଶିର ପୁରୋହିତ, ଗୋପୀନାଥ ଦଣ୍ଡସେନା, ଗୀତିକାର ରାଜୀବ ପ୍ରସାଦ ଭୋଇ ଓ ଭବାନୀ ଶଙ୍କର ମିଶ୍ର ମଂଚାସୀନ ଥିଲେ । ପ୍ରଥମେ ସମ୍ପାଦକ ରାଜେଶ ଦଣ୍ଡସେନା ଅନୁଷ୍ଠାନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଏହି ସମଗ୍ର ସାରସ୍ୱତ ସମାରୋହକୁ 'ତହଁକ୍'ର ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ ସୂଚାରୁ ରୂପେ ପରିଚାଳନା କରିଥିଲେ ଓ ପ୍ରସନ୍ନ ଗଡ଼ତ୍ୟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କବିତା ଆସରକୁ ମାନସୀ ସାହୁ, ପୁଷ୍ପାଞ୍ଜଳି ମେହେର, ଉତ୍ତମ ଖମାରୀ ଓ ନିକିତା ସା ସଫଳତାର ସହ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ଭରତ ମେହେର, ଶାଳିନୀ ସା ଗରିବ ମଲ୍ଲିକ, ବିବେକ ପ୍ରଧାନ, ନିତ୍ୟାନନ୍ଦ ଜୁଏଡ଼, ସୁଶୀଲ ଗୁରୁ, ଗିରିଶ ପାତ୍ର , ଦିଲୀପ ପୁରୋହିତ, ଗୋପାଳ ମେହେର, ଜ୍ୟୋତିରାଣୀ ମିଶ୍ର, ନିରୁପମା ମିଶ୍ର, ବଂଶୀଧର ନାଏକ, ଦିଗାମ୍ବର ନାଏକ୍, ଜଗବନ୍ଧୁ ପଟେଲ, ରବିନ୍ଦ୍ର କୁମାର ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ବ୍ଲକସ୍ତରୀୟ ଫୁଟବଲ ଚୟନ ଶିବିର ଉଦ୍ୟାପିତ

ବଲାଙ୍ଗିର,୨୯/୦୯ (ନି.ପ୍ର): ଟିଟିଲାଗଡ଼ ବ୍ଲକ ସିହିନୀ ପଂଚାୟତ ପିଏମ ଶ୍ରୀ ସରକାରୀ ଉନ୍ନୀତ ହାଇସ୍କୁଲ ଖେଳ ପଡିଆରେ ବ୍ଲକ ସ୍ତରୀୟ ଫୁଟବଲ ଖେଳାଳି ଚୟନ ପ୍ରକ୍ରିୟା ଉଦଯାପିତ ହୋଇଛି। ଏହି ଅବସରରେ ଉଦ୍ଘାଟନୀ ଉତ୍ସବରେ ସିହିନୀ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ସରିତା ବରିହା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବରେ ବ୍ଲକ କ୍ରୀଡା ସଂଗଠନର ସମ୍ପାଦକ ଦନାର୍ଦ୍ଦନ ପାଣ୍ଡେ ଯୋଗ ଦେଇଥିଲେ। ଏହିପ୍ରତିଯୋଗିତାରେ ଅଣ୍ଡର ୧୭ ବର୍ଷ ଦଳରେ ଛାତ୍ରୀ ଓ ଛାତ୍ରଦଳରୁ ଚାରୋଟି ଲେଖାଏ ଦଳ ଭାଗ ନେଇଥଲେ। ଅଣ୍ଡର ୧୪ ବର୍ଷ ରେ ଚାରୋଟି ଛାତ୍ର ଦଳ ଭାଗ ନେଇଥିଲେ। ଏଠାରୁ ମନୋନୀତ ହୋଇଥିବା ଉଭୟ ଛାତ୍ରୀ ଓ ଛାତ୍ର ଦଳ ଆସନ୍ତା ୧. ୧୦. ୨୦୨୬. ରୁ ଲୋଇସିଂହା ଠାରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବରିଷ୍ଠ କ୍ରୀଡା ଶିକ୍ଷକ ରାଜେଶ ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ କ୍ରୀଡା ଶିକ୍ଷକ ପ୍ରିତମ ନାୟକ, ଚୈତନ୍ୟ ଠେଲା, ଶମ୍ଭୁ ପ୍ରସାଦ ଦୀପ, ଅଭିଷେକ ନାଗ, ବ୍ରଜବନ୍ଧୁ ଟାକରି, ପାଣ୍ଡ୍ୱ ବିଶି ପ୍ରମୁଖ ପରିଚାଳନା କରିଥିଲେ।

# ମାଲକାନଗିରି ଜିଲ୍ଲା ସ୍ତରୀୟ 'ଆଙ୍ଗନ କା ଉତ୍ସବ' ଅନୁଷ୍ଠିତ

ମାଲକାନଗିରି,୨୯/୦୯ (ନି.ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡାଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଓ ତତ୍ୱାବଧାନରେ ସମଗ୍ର ଜିଲ୍ଲାର ୧,୩୨୪ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଆଙ୍ଗନ କା ଉତ୍ସବ ଏବଂ ମୋ ଅଙ୍ଗନବାଡ଼ି ମୋ ଦାୟିତ୍ୱ କାର୍ଯ୍ୟକ୍ରମ ମହା ସମାରୋହରେ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ପ୍ରତ୍ୟେକ କେନ୍ଦ୍ରରେ ଅଙ୍ଗନବାଡ଼ି ପରିଚାଳନା କମିଟିର ସଦସ୍ୟ, ଅଭିଭାବକ, ସ୍ଥାନୀୟ ପ୍ରତିନିଧି ଏବଂ ଗ୍ରାମବାସୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଶିଶୁ ସୁରକ୍ଷା ଓ ସାମଗ୍ରିକ ବିକାଶର ସଂକଳ୍ପ ନେଇଥିଲେ। ତ୍ରିଦିବସୀୟ ଏହି ଅଭିଯାନର ପ୍ରଥମ ଦିନରେ ପୋଷଣ ମାସ ଆଧାରରେ ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରରେ ପାରମ୍ପରିକ ପୌଷ୍ଟିକ ଖାଦ୍ୟ ଏବଂ ପୋଷଣ ପିଠା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପରିବାରରେ ଶିଶୁ ପୋଷଣ ପ୍ରତି ପିତାମାନଙ୍କ ଦାୟିତ୍ୱ ଓ ସହଭାଗିତା ବୃଦ୍ଧି କରିବା ପାଇଁ ପିତାମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ରନ୍ଧନ ଓ ପୋଷଣ ପିଠା ପ୍ରସ୍ତୁତି ପ୍ରତିଯୋଗିତା ସ୍ଥାନୀୟ ୱାର୍ଡମେମ୍ବର ଓ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନରେ ଶିଶୁମାନଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଚିତ୍ରାଙ୍କନ, ଖେଳ, କାହାଣୀ କହିବା ଏବଂ ସାହିତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ ଜେଜେମା, ଅଜା ଓ ଆଇମାନଙ୍କ ମଧ୍ୟରେ କାହାଣୀ ପ୍ରତିଯୋଗିତା କରାଯାଇଥିଲା ଏବଂ କୋମଳମତି ଶିଶୁମାନଙ୍କୁ ସ୍ଥାନୀୟ ଫଳ ଓ ପୌଷ୍ଟିକ ମାଣ୍ଡିଆ କୁକିଜ୍ ବଣ୍ଟନ କରାଯାଇଥିଲା। ତୃତୀୟ ଦିବସରେ କିଶୋରୀ ବାଳିକା, ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାର ହିତାଧିକାରୀ, ଛୋଟ ଶିଶୁ ଏବଂ ସ୍କୁଲ ଶିଶୁଙ୍କୁ ଏକତ୍ରିତ କରି ସ୍ୱତନ୍ତ୍ର ସାମୁହିକ ଭୋଜିର ଆୟୋଜନ କରାଯିବା ସହ ଅଙ୍ଗନବାଡ଼ି ପରିଚାଳନା କମିଟି ପକ୍ଷରୁ ସେବା ନିଷ୍ଠା ପାଇଁ ଅଙ୍ଗନବାଡ଼ି କର୍ମୀ, ସହାୟିକା ଏବଂ ଆଶା କର୍ମୀଙ୍କୁ ଉତ୍ତରୀୟ ଓ ଫଳ ଝୁଡ଼ି ପ୍ରଦାନ କରି ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

ଜିଲ୍ଲା ସ୍ତରୀୟ ପରିଦର୍ଶନ ଓ ସମୀକ୍ଷା ଅବସରରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପଣ୍ଡା ପ୍ରକାଶ କରିଛନ୍ତି ଯେ, ଶିଶୁର ପ୍ରାରମ୍ଭିକ ଶାରୀରିକ ଓ ମାନସିକ ବିକାଶ ହିଁ ତା'ର ସମୃଦ୍ଧ ଭବିଷ୍ୟତର ଭିତିଭୂମି ଏବଂ ଜିଲ୍ଲାର ସମସ୍ତ ୧୩୨୪ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଶିଶୁ-ଅନୁକୂଳ ଓ ସୁଦୃଢ଼ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ଅବସରରେ ସରକାରଙ୍କ ଯୁଗାନ୍ତକାରୀ ଯୋଜନା ଯଥା ସୁଭଦ୍ରା ଯୋଜନା, ମମତା ଯୋଜନା ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ବିଦ୍ୟୁତ ବିଲ୍ ଓ ପରିଚାଳନା ପାଇଁ ଡିଜିଟାଲ ପୋର୍ଟାଲ ଦୀପ୍ତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଅଧିକାରୀମାନେ କେନ୍ଦ୍ରଗୁଡ଼ିକରେ ପ୍ରସ୍ତୁତ ମଧାହ୍ନ ଭୋଜନର ଗୁଣବତା ଓ ସ୍ୱାଦ ପରଖିବା ସହ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଅଙ୍ଗନବାଡ଼ି ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଏବିଭିପିର ନୂତନ ନଗର କାର୍ଯ୍ୟକାରିଣୀ ଘୋଷଣା : ନୂତନ ସଭାପତି ଡଃ. ସୁରୁ ମୁଣ୍ଡା, ନଗର ସମ୍ପାଦକ ଶକ୍ତି ପ୍ରସାଦ ପୁଝାରୀ

ବଲାଙ୍ଗିର,୨୯/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ନଗର ତରଫରୁ ବଲାଙ୍ଗିର କଲେଜ ଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ନୂତନ ନଗର କାର୍ଯ୍ୟକାରିଣୀ ୨୦୨୬-୨୭ ଘୋଷଣା ହୋଇଯାଇଅଛି। ନୂତନ ନଗର ସଭାପତି ରୂପେ ଡଃ. ସୁରୁ ମୁଣ୍ଡା ଓ ନୂତନ ନଗର ସମ୍ପାଦକ ରୂପେ ଶକ୍ତି ପ୍ରଶାଦ ପୁଝାରୀ ନିର୍ବାଚିତ ହୋଇଛନ୍ତି। ପ୍ରତିବର୍ଷ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନୂତନ ବିଦ୍ୟାର୍ଥୀ ମାନଙ୍କୁ ନିଜର ସଦସ୍ୟ କରିବା ସହ ନୂତନ ଦାୟିତ୍ୱ ମଧ ଦେଇଥାଏ । ସେହିଭଳି ଉପ ସଭାପତି ଅନିଲ କୁମାର ସାହା, ସନ୍ଦିପ ମୁଣ୍ଡ, ସବିତା ପାଣିଗ୍ରାହୀ ଓ ସୁବେର ଭୋଇ, ନଗର ସହ ସମ୍ପାଦକ ଝରଣା ବାଗ, ଆଦ୍ୟାଶା ପ୍ରିୟଦର୍ଶନୀ, ସସ୍ମିତା ରାଏ, ଶୁଭେନ୍ଦୁ ବିଶ୍ୱାଳ ଓ କୃଷ୍ଣ ବାରିକ, କାର୍ଯ୍ୟାଳୟ ସମ୍ପାଦକ ସୁବ୍ରତ ହୋତା, କୋଷାଧକ୍ଷ ଆୟୁଷ ଖେତି, ଏସ.ଏଫ.ଡି. ସଂଯୋଜକ ଚୁଲବତି ନନ୍ଦ, ସହ ସଂଯୋଜକ ବବି ପ୍ରଧାନ, ଭାରତ କରନ, ସୁଜିତ ରଣା ଓ ରୁଦ୍ରାଣି ବେହେରା, ଏସ.ଏଫ.ଏସ. ସଂଯୋଜକ ଯୋଗେଶ ଜୈନ, ସହ ସଂଯୋଜକ ସୌମ୍ୟାଶ୍ରୀ ବିଶ୍ୱାଳ, ଦିବ୍ୟ ରଞ୍ଜନ ପ୍ରଧାନି, ଅନିଲ ମେର୍ଲି ଓ ନନ୍ଦିନୀ ଷାଣ୍ଡ, ଖେଲୋଭାରତ ସଂଯୋଜକ ଓମ୍ ପ୍ରକାଶ ବେହେରା, ସହ ସଂଯୋଜକ ସାଇ ରାଜ ଦିଶ୍ରି, ସତ୍ୟମ ଡାଙ୍ଗ ଓ ସୋନମ୍ ଶିକା, ରାଷ୍ଟ୍ରୀୟ କଳା ମଂଚ ସଂଯୋଜକ ପ୍ରିୟଦର୍ଶନୀ ବରିହା, ସହ ସଂଯୋଜକ ରୋସ୍ନା ବିଶ୍ୱାଳ, ଦିବ୍ୟଙ୍କା ଅଶ୍ୱପାଲ, ପଦ୍ମିନୀ ନନ୍ଦ ଓ ଅଶ୍ୱିନୀ ଷାଣ୍ଢ, ସି.ଡି.ଡି. ସଂଯୋଜକ ଅଲିଶା ଡାଙ୍ଗ, ସହ ସଂଯୋଜକ ସାହିଲ ମିଶ୍ର, ସ୍ୱାଧୀନ ପ୍ରଧାନ, ଆକାଶ ବେହେରା, ସାଭିସ୍କାର ସଂଯୋଜକ ଅମିତ୍ କୁମାର ଦାଶ, ସହ ସଂଯୋଜକ ସଭ୍ୟସଚି ପଟେଲ ଓ ଦିପଲ ବାରିକ, ଫାର୍ମାଭିଜନ ସଂଯୋଜକ ରୂପେ ଗ୍ରିବେଶ ନାଏକଙ୍କୁ ନୂତନ ଦାୟିତ୍ୱ ଦିଆଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟ ସହ ସମ୍ପାଦକ ଆକାଶ କମ୍ପ କାର୍ଯ୍ୟକର୍ତା ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ବକ୍ତା ସଂଗଠନ ସମ୍ପାଦକ ବିକାଶ ସାହୁ ଏବିଭିପିର ୭୮ ବର୍ଷ ର ଯାତ୍ରା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ସହ ମଂଚରେ ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ତଥା ପ୍ରାନ୍ତ ବିକାଶାର୍ଥେ ବିଦ୍ୟାର୍ଥୀ ସଂଯୋଜକ ମଞ୍ଜିତ କୁମାର କର୍ମ ଓ ଜିଲ୍ଲା ସଂଯୋଜକ ଆଲୋକ ଗୁରାଣ୍ଡି ମଂଚାସୀନ ଥିଲେ।

ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତେଜରାଜ ସାହୁ, ବ୍ଲକ୍ ସଂଯୋଜକ ଦେବାଶିଷ କୁଅଁର, ବିଭାଗ ଏସଏଫଡି ପ୍ରମୁଖ ସ୍ୱାଧୀନ ଖମାରୀ, ବିଭାଗ ଆର.କେ.ଏମ. ପ୍ରମୁଖ ଅନିଶା କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବଲାଙ୍ଗିର ନଗରରେ ଅନେକ ବିଦ୍ୟାର୍ଥୀ ମାନଙ୍କୁ ଯୋଡ଼ିବା ସହ ସମାଜର ନେତୃତ୍ୱ ନେବ ବୋଲି ନୂତନ ନଗର ସମ୍ପାଦକ ଶକ୍ତି ପ୍ରଶାଦ ପୁଝାରୀ ମତ ହେଇଛନ୍ତି। ପ୍ରାନ୍ତ ଓ ବଲାଙ୍ଗିର ଜିଲ୍ଲା ତରଫରୁ ଅନେକ ବ୍ୟକ୍ତି ବିଶେଷ ନୂତନ ଦାୟିତ୍ୱ କାର୍ଯ୍ୟକର୍ତା ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

# ବନହରପାଲିରେ ଦେଶୀ ବନ୍ଧୁକ ଜବତ: ଜଣେ ଗିରଫ

ଝାରସୁଗୁଡ଼ା,୨୯/୦୯ (ନି.ପ୍ର): ସ୍ୱତନ୍ତ୍ର ଅଭିଯାନ 'ଦମନ' ଅଧୀନରେ ଝାରସୁଗୁଡ଼ା ପୁଲିସକୁ ମିଳିଛି ସଫଳତା। ବନହରପାଲି ଥାନା ଅନ୍ତର୍ଗତ ବନ୍ଧବାହାଲ କିରାମା ଛକ ନିକଟରୁ ଜଣେ ବ୍ୟକ୍ତିଙ୍କ ଠାରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଏହି ଘଟଣାରେ ପୁଲିସ ଜଣଙ୍କୁ ଗିରଫ କରି ଅଦାଲତକୁ ଚାଲାଣ କରିଛି।

ପୁଲିସ ସୂଚନା ଅନୁଯାୟୀ, ଗତକାଲି ପୂର୍ବାହ୍ନ ପ୍ରାୟ ୧୧ଟା ୩୫ ମିନିଟ୍ ସମୟରେ ବନହରପାଲି ଥାନା ପୁଲିସ କିରାମା ଛକରେ ପାଟ୍ରୋଲିଂ ଓ ମୋଟରଯାନ ଯାଂଚ୍ କରୁଥିଲା। ଏହି ସମୟରେ ବିନା ନମ୍ବର ପ୍ଲେଟ୍ ରେ ଏକ ଲାଲ୍ ରଙ୍ଗର ହିରୋ ଗ୍ଲାମର ମୋଟରସାଇକେଲରେ ଆସୁଥିବା ଜଣେ ବ୍ୟକ୍ତିଙ୍କୁ ପୁଲିସ ଅଟକାଇଥିଲା। ପୁଲିସକୁ ଦେଖି ସେ ଖସିଯିବାକୁ ଉଦ୍ୟମ କରିଥିଲେ ମଧ ପୁଲିସ ତାଙ୍କୁ କାବୁ କରିଥିଲା। ସ୍ୱାଧୀନ ସାକ୍ଷୀଙ୍କ ଉପସ୍ଥିତିରେ ତାଙ୍କର ତଲାସୀ ନିଆଯିବାରୁ ଅଂଟାରେ ଲୁଚାଇ ରଖିଥିବା ଏକ ଦେଶୀ ବନ୍ଧୁକ ମିଳିଥିଲା। ବନ୍ଧୁକ ରଖିବା କିମ୍ବା ବହନ କରିବା ପାଇଁ ତାଙ୍କ ନିକଟରେ କୌଣସି ବୈଧ ଲାଇସେନ୍ସ କିମ୍ବା ଅନୁମତି ନଥିବା ଜଣାପଡ଼ିଛି। ଏହି ଘଟଣାରେ ବନହରପାଲି ଥାନାରେ କେସ୍ ନମ୍ବର ୨୮୪, ତାରିଖ ୨୭.୦୯.୨୦୨୬ରେ ଅସ୍ତ୍ରଶସ୍ତ୍ର ଆଇନ, ୧୯୫୯ର ଧାରା ୨୫(୧-ବି)(ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧବାହାଲ ପଂଚାୟତପଡ଼ାର ଗୁଡ୍ଡୁ ସା (୨୯)। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ସହ ବିନା ପଞ୍ଜୀକରଣ ନମ୍ବରର ଲାଲ୍ ରଙ୍ଗର ହିରୋ ଗ୍ଲାମର ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଅଦାଲତକୁ ଚାଲାଣ କରାଯାଇଛି। ଜବତ ବନ୍ଧୁକ କେଉଁଠାରୁ ଆସିଥିଲା ଏବଂ ଏହା ପଛରେ ଅନ୍ୟ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସର ତଦନ୍ତ ଜାରି ରହିଛି।

## ସମାସିଂହାରେ ନୂଆଁଖାଇ ଭେଟଘାଟ

ଝାରସୁଗୁଡ଼ା,୨୯/୦୯ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ସମାସିଂହା ଗ୍ରାମରେ ନୂଆଁଖାଇ ଭେଟଘାଟ ମହାସମାରୋହରେ ରେ ପାଳିତ ହୋଇଯାଇଛି। ପ୍ରଗତି ସଂଘ ଆନୁକୂଲ୍ୟରେ ଦୁର୍ଗା ମନ୍ଦିର ମଣ୍ଡପ ରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ପ୍ରଥମେ ମା ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏଥିରେ କ୍ଷୀରୋଦ୍ର ପୂଝାରୀ ପୂଜକ ଦାୟିତ୍ୱ ତୁଲାଇଥିଲେ । ପୂଜା ପରେ ପ୍ରଗତି ସଂଘ ସଭାପତି ମନୋଜ କାଲୋଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ଗ୍ରାମର ବରିଷ୍ଠ ନାଗରିକ ତୁଳାରାମ ସେନାପତି, ଚେତାନନ୍ଦ ପଟେଲ, କରୁଣାକର ସେଟ, ଗୁରୁଚରଣ ସାହୁ, ମଦନ ମୋହନ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗ୍ରାମରେ ନୂଆଁଖାଇ ମାଧ୍ୟମରେ ଏକତା ଭାବ ରଖିବାକୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ଗ୍ରାମର ବାଳକ ବାଳିକା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ବିଶିଷ୍ଟ ସାହିତ୍ୟିକ କୈଳାସ ଚନ୍ଦ୍ର ଧଳଙ୍କ ଶିଶୁ ପତ୍ରିକା 'ଫୁଲରାଣୀ' ଉନ୍ମୋଚିତ

କନ୍ଧମାଳ ,୨୯/୦୯ (ନି.ପ୍ର): ସମ୍ପାଦକ କୈଳାସ ଚନ୍ଦ୍ର ଧଳଙ୍କ ଦ୍ୱାରା ଫୁଲବାଣୀରୁ ପ୍ରକାଶିତ ଶିଶୁ ପତ୍ରିକା ସ୍ଥାନୀୟ ପବ୍ଲିକ ସ୍କୁଲଠାରେ ଆୟୋଜିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କନ୍ଧମାଳର ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ ଯୋଗଦେଇ କନ୍ଧମାଳ ଭଳି ଯାଗାରେ ଫୁଲରାଣୀ ଭଳି ଶିଶୁ ପତ୍ରିକାର ଆବଶ୍ୟକତା ରହିଛି ବୋଲି ମନ୍ତବ୍ୟ ଦେବା ସହ ସମ୍ପାଦକ ଧଳଙ୍କ ସଦ୍ଭ ଉଦ୍ୟମକୁ ପ୍ରଶଂସା କରିଥିଲେ । ଓଡିଶା ସରକାରଙ୍କ ସଂସ୍କୃତି ବିଭାଗର ଉପ ସଚିବ ଶ୍ରୀଯୁକ୍ତ ଅକ୍ଷୟ କୁମାର ସେଠୀ ଯୋଗଦେଇ ପିଲାମାନେ ପତ୍ରିକାମନସ୍କ ହେବା ଉଚିତ ବୋଲି କହିଥିଲେ ଏବଂ ସମସ୍ତେ ଫୁଲରାଣୀ କୁ ଆଗକୁ ବଢେଇବା ଦରକାର ବୋଲି ଆଗ୍ରହ କରିଥିଲେ । ସମ୍ମାନିତ ଅତିଥି ଭାବେ ଲେଖକ ସାମ୍ମୁଖ୍ୟର ସଭାପତି ଶ୍ରୀ ରବୀନ୍ଦ୍ରନାଥ ମିଶ୍ର, ପ୍ରାକ୍ତନ ମଙ୍ଗଳ ଅଧିକାରୀ ଶ୍ରୀ ସୁବାସ ଚନ୍ଦ୍ର ମହାନ୍ତି, ପ୍ରେସ କ୍ଲବର ସଭାପତି ଶ୍ରୀ ସୁନୀଲ କୁମାର ପଟ୍ଟନାୟକ, ଏମ କେ ଏସ ପି ର ସଭାପତି ଶ୍ରୀ ବିଜୟକୃଷ୍ଣ ପଟ୍ଟନାୟକ ଯୋଗଦେଇ ଫୁଲରାଣୀର ଦୀର୍ଘ ପ୍ରକାଶନର କାମନା କରିଥିଲେ । ଏହି ଅବସରରେ ଫୁଲରାଣୀର ମୁଖ୍ୟ ମାର୍ଗଦର୍ଶକ ଶ୍ରୀ ବିପ୍ର ଚରଣ ପାତ୍ର ସଭାପତୀୟ ବକ୍ତବ୍ୟ ରଖି ଫୁଲରାଣୀକୁ ପିଲାମାନଙ୍କ ପାଖରେ ପହଂଚାଇବା ଉପରେ ଗୁରୁତ୍ୱ ଦେଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦର ସଭାପତି ଶ୍ରୀ ପ୍ରଶାନ୍ତ କୁମାର ବେହେରା ଓ ବରିଷ୍ଠ ସଦସ୍ୟା ପ୍ରଣତି ତ୍ରିପାଠୀ ସମେତ ଫୁଲରାଣୀର ସହଯୋଗୀ ସମ୍ପାଦକ ପ୍ରସନ୍ନ କୁମାର ପଣ୍ଡା, ବି କେ କମଲ, ତାପସ କୁମାର ହୋତା, ଲୋକନାଥ ମଲ୍ଲିକ, ଯୁଧିଷ୍ଠିର ମହାନ୍ତି, କେଶା କିରୀଟିନି ଧଳ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ । ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ମୋବାଇଲ ଛାଡି ପୁସ୍ତକ ପଠନ ଓ ଗଛ ହିଁ ଜୀବନ ଶୀର୍ଷକକୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । କୋମଳ ଗାନ୍ଧାର ସଙ୍ଗୀତ ଓ ସଂସ୍କୃତି ପରିଷଦ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଗଲା ବେଳେ ନଟରାଜ କଳା ମନ୍ଦିରର ଛାତ୍ର ଶକ୍ତିଶିବ ଚୌଧୁରୀ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସମ୍ପାଦକ କୈଳାଶ ଚନ୍ଦ୍ର ଧଳ ମଂଚ ପରିଚାଳନା କରିଥିଲା ବେଳେ ହରପ୍ରିୟା ମିଶ୍ର, ପ୍ରସନ୍ନ ପଣ୍ଡା, ପୁଷ୍ପିତା ପଟ୍ଟନାୟକ, ତାପସ କୁମାର ହୋତା, ବି କେ କମଲ ଦୁର୍ଯୋଧନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଉତ୍ସବରେ ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ କବି ସାହିତ୍ୟିକ ଅନ୍ୟୁନ୍ୟ ଅଶି ଜଣରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ

# ପୌରପରିଷଦରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଝାରସୁଗୁଡ଼ା,୨୯/୦୯ (ନି.ପ୍ର): ଝାରସୁଗୁଡ଼ା ପୌରପରିଷଦ ଠାରେ ସୋମବାର ଦିନ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପୌରାଚଂଳର ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ସରକାରୀ ସହାୟତା ଏବଂ ଆବଶ୍ୟକୀୟ ଉପକରଣ ଯୋଗାଇ ଦେବା ପାଇଁ ପଞ୍ଜିକରଣ କରାଯାଇଥିଲା। ଏହା ସହିତ ଉପସ୍ଥିତ ହିତାଧିକାରୀମାନଙ୍କୁ ତିନିଚକିଆ ସାଇକେଲ୍ ବଂଟନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୁନିଲ କୁମାର ନାଏକ, ପୌରଧକ୍ଷା ରାନୀ ହାତୀ, ସବିତା ପଣ୍ଡା, ଜୟନ୍ତୀ ନାଏକ, ସୁଗନ୍ଧା ସିଂ, ଦେବବ୍ରତ ପାଣ୍ଡେଙ୍କ ସମେତ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀ ଓ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ହତ୍ୟା ଉଦ୍ୟମ ମାମଲା : ଫେରାର ମୁଖ୍ୟ ଅଭିଯୁକ୍ତ ଗିରଫ

ଗଞ୍ଜାମ,୨୯/୦୯ (ନି.ପ୍ର): ହତ୍ୟା ଉଦ୍ୟମ ଓ ମରଣାନ୍ତକ ଆକ୍ରମଣ ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତକୁ ସଦର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାକେଶ ରାଉତ ଓରଫ କାଳିଆ (୩୮)। ତା'ର ଘର ନିମଖଣ୍ଡି, ଲକ୍ଷ୍ମୀନଗର ପ୍ରଥମ ଲେନ୍, ଆଙ୍କୁଲି, ବ୍ରହ୍ମପୁରରେ। ତାକୁ ଆଜି ୨୮.୦୯.୨୦୨୬ ଦିନ ୧୨ଟା୧୫ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ୦୯.୦୫.୨୦୨୫ ସକାଳ ୭ଟା ୩୦ ରେ ପୂର୍ବ ଶତ୍ରୁତାରୁ ବେନ୍ଦାଳିଆ ଗାଁର ଟୁନା ଦାସଙ୍କ ପୁଅ ଅମିତଙ୍କୁ ଅଭିଯୁକ୍ତ ଲକ୍ଷ୍ମଣ ଦାସ, ଘୁଙ୍ଗୁରୁ ଦାସ ଓ ରାକେଶ ରାଉତ ଘେରିଥିଲେ। ଟୁନା ଦାସ ଅଟକାଇବାକୁ ଯିବାରୁ ଅଶ୍ଳୀଳ ଗାଳି କରି କାତି ଓ ଲୁହା ରଡରେ ହତ୍ୟା ଉଦ୍ୟମ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗି ସେ ଅଚେତ ହୋଇଯାଇଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତି କରାଯାଇଥିଲା। ଏହି ମାମଲାରେ ଘୁଙ୍ଗୁରୁ ଦାସ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜାମିନରେ ଅଛି। ଲକ୍ଷ୍ମଣ ଦାସ ୦୪.୦୯.୨୦୨୬ ରେ ଗିରଫ ହୋଇଛି। ଫେରାର ରାକେଶକୁ ଆଜି ଗିରଫ କରାଯାଇଛି, ତଦନ୍ତ ଜାରି ରହିଛି।

# ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

ଜୟପୁର, ୨୮ ସେପ୍ଟେମ୍ବର (ହି.ସ.)- ଜୟପୁର ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ୨୦୨୬-୨୭ ଆଜି ଉତ୍ସାହ ଓ ଉଦ୍ଦୀପନାର ସହ ଉଦଯାପିତ ହୋଇଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଦୁଇଦିନିଆ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଦୌଡ଼କୁଦ ଇଭେଣ୍ଟରେ ପ୍ରତିଯୋଗୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ (ଓଇଏସ୍-୧) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଚନ୍ଦନ କୁମାର ନାୟକ, ବିଇଓ, ଜୟପୁର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଥେଲେଟିକ ଆସୋସିଏସନ ର ସେକ୍ରେଟାରୀ ରବି ନାୟକ ଯୋଗଦେଇଥିବା ବେଳେ ଓଡ଼ିଶା ମାଇନ୍ସ ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ପ୍ରଶାନ୍ତ ଦାସ ଅଧିକାରୀ ମଧ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ନିୟମିତ ଅଭ୍ୟାସ, ଶୃଙ୍ଖଳା ଓ ନିଷ୍ଠାର ଗୁରୁତ୍ୱ ଉପରେ ମତବ୍ୟକ୍ତ କରିଥିଲେ। ଲଲାଟେନ୍ଦୁ ପୂଜାରୀ, ଡିପିଇଓ, କୋରାପୁଟଙ୍କ ନେତୃତ୍ୱରେ ଗଗନ ବିହାରୀ ଦାଶ, ସ୍ପୋର୍ଟସ ସେକ୍ରେଟାରୀ, ଜୟପୁର, ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିନୋଦ କୁମାର ତ୍ରିପାଠୀ, ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ସ୍ୱାଇଁ, ଦିବାକର ସାହୁ, ମିନତୀ ପତ୍ର, ରଞ୍ଜିତ୍ ପ୍ରଧାନ, ପି.ରାଜେଶ୍ୱରୀ ଏବଂ ଶୁଭେନ୍ଦୁ ପ୍ରଧାନଙ୍କ ସମେତ ଏବଂ ଅନ୍ୟାନ୍ୟ ଶାରୀରିକ ଶିକ୍ଷା ଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କ ତତ୍ୱାବଧାନରେ ବିଭିନ୍ନ ଦୌଡ଼କୁଦ ଇଭେଂଟ ପରିଚାଳିତ ହୋଇଥିଲା।

ଏହି ପ୍ରତିଯୋଗିତାରୁ ଚୟନ ହୋଇଥିବା ପ୍ରତିଭାବାନ ପ୍ରତିଯୋଗୀମାନେ ଆସନ୍ତା ୨ ତାରିଖରେ କେନ୍ଦୁଝରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଯୋଗଦେବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତା ୩, ୪ ଓ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲାରୁ ଚୟନ ହୋଇଥିବା ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଉତମ ପ୍ରଦର୍ଶନ କରି ଜିଲ୍ଲାର ଗୌରବ ବଢ଼ାଇବେ ବୋଲି ଆଶା ପ୍ରକାଶ ପାଇଛି। ପରିଶେଷରେ ରଘୁନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତର ପରମାଣୁ ଅସ୍ତ୍ର ବିଷୟରେ ଆମେରିକାର ସମୀକ୍ଷା ରିପୋର୍ଟ



## ଡା. ରାଜକିଶୋର ପଣ୍ଡା

ନୂଆଦିଲ୍ଲୀରେ ଅଠରତମ ବ୍ରିକ୍ସ ସମ୍ମିଳନୀ (୧୨-୧୩ ସେପ୍ଟେମ୍ବର)ର ଆୟୋଜନ ପୂର୍ବରୁ ସେପ୍ଟେମ୍ବର ନଅ ତାରିଖ ୨୦୨୬ ରେ ଆମେରିକାର ଏକ ରିପୋର୍ଟରେ ଦାବି କରାଗଲା ଯେ ଭାରତ ଅତିକମ୍‌ରେ ତିରିଶଟି ପରମାଣୁ ୱାର ହେଡ୍ (**War head**), ଏହାର ନୂତନ ନିର୍ମାଣଧୀନ ମିସାଇଲ୍ ମାନଙ୍କରେ ସଂଯୋଗ କରିଛି। ଯାହା ଫଳରେ ତା'ର ପରମାଣୁ ଶକ୍ତି ସମ୍ପନ୍ନ ରକେଟ୍ ବା ମିସାଇଲର ସଂଖ୍ୟା ଯାହା ପୂର୍ବରୁ ଥିଲା ଏକଶହ ଷାଠିଏ, ବର୍ତ୍ତମାନ ବୃଦ୍ଧି ପାଇ ଏକଶହ ନବେରେ ପହଞ୍ଚିଛି।

ୱାର ହେଡ୍ କହିଲେ ଆମେ ବୁଝିବା କୌଣସି ରକେଟ୍ ବା ମିସାଇଲ୍‌ର ବିସ୍ଫୋରକ ପଦାର୍ଥ ଥିବା ଅଂଶ। ଆମେରିକାର ଏକ ଅଣଲାଭଦାୟକ ପଲିସୀ ଥିଙ୍କ୍-ଟ୍ୟାଙ୍କ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟଟିର ପ୍ରକାଶନ ସମୟକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ। ବ୍ରିକ୍ସ ଜରିଆରେ ଚୀନ, ଋଷ୍ ଓ ଇରାନଙ୍କର ତ୍ରିଶକ୍ତି ନୂଆ ବିଶ୍ୱ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଉଦ୍ୟମରତ ଅଛନ୍ତି, ଯାହାକୁ ଆମେରିକାର ଏକନାୟକତ୍ୱର ବିକଳ୍ପ ଭାବରେ ଦେଖାଯାଉଛି। ବ୍ରିକ୍ସର ପ୍ରୟାସ ହେଉଛି କି ସେ ନିଜର ସଦସ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ କ୍ରସ୍ ବର୍ଡ଼ର ପେମେଣ୍ଟ ବ୍ୟବସ୍ଥାର ଆରମ୍ଭ କରୁ ଯେଉଁଥିରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସେଣ୍ଟ୍ରାଲ୍ ବ୍ୟାଙ୍କ ଡିଜିଟାଲ୍ କରେନ୍‌ସିଜ୍ (ସି.ବି.ଡି.ସି) ମଧ୍ୟରେ ଏକ ସମନ୍ୱୟ ରହିପାରିବ। ପାଠକମାନଙ୍କର ଗୋଚରାର୍ଥେ ମୁଁ ଏଠାରେ ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଓ ସି.ବି.ଡି.ସି ଉପରେ କିଞ୍ଚିତ୍ ତଥ୍ୟ ପ୍ରଦାନ କରୁଛି।

ଡିଜିଟାଲ ପେମେଣ୍ଟ୍ ସିଷ୍ଟମ୍‌ରେ ୟୁପିଆଇ (ଫୋନ୍ ପେ, ଗୁଗୁଲ୍ ପେ, ଏ.ଟି.ଏମ୍ କାର୍ଡ଼, ନେଟ୍ ବ୍ୟାଙ୍କିଙ୍ଗ) ଆଦି ଅନ୍ତର୍ଭୁକ୍ତ। ସେହିପରି ସି.ବି.ଡି.ସି କେନ୍ଦ୍ରୀୟ ବ୍ୟାଙ୍କ୍ (**R.B.I**) ଦ୍ୱାରା ନିୟନ୍ତ୍ରିତ ଡିଜିଟାଲ୍ କ୍ୟାସ୍ ଅଟେ।

ଡିଜିଟାଲ୍ ପେମେଣ୍ଟ ସିଷ୍ଟମ୍ ଏକ ପ୍ଲାଟ୍‌ଫର୍ମ ଭଳି ଯିଏ ବ୍ୟାଙ୍କ ଆକାଉଣ୍ଟ ଗୁଡ଼ିକ ମଧ୍ୟରେ ପଇସା କାରାବାର କରିଥାଏ। ସି.ବି.ଡି.ସି କିନ୍ତୁ ନିଜେ ହିଁ ପଇସା ଅଟେ। ଏହି ଦୁଇ ବ୍ୟବସ୍ଥା ମଧ୍ୟରେ ଲିଙ୍କ୍ ସ୍ଥାପନ ଉଦ୍ଦେଶ୍ୟରେ ଆଲୋଚନା ପାଇଁ ସମ୍ମିଳନୀ ପୂର୍ବରୁ ୧୨-୧୩ ଅଗଷ୍ଟ ୨୦୨୬ ରେ ବ୍ରିକ୍ସ ରାଷ୍ଟ୍ରର ଅର୍ଥମନ୍ତ୍ରୀ ଓ କେନ୍ଦ୍ରୀୟ ବ୍ୟାଙ୍କ୍‌ର ପ୍ରତିନିଧିବୃନ୍ଦ ଜୟପୁରରେ ଏକାଠି ହୋଇଥିଲେ। ଯଦି ଏହି ବ୍ୟବସ୍ଥାଟି ଲାଗୁ ହୋଇପାରିବ ତେବେ ବୈଶ୍ୱିକ ବାଣିଜ୍ୟରେ ଡଲାରର ମହତ୍ତ୍ୱ ଗୁରୁତର ଭାବରେ ହ୍ରାସ ପାଇବ। ଆମେରିକା ଏହା କଦାପି ଚାହିଁବ ନାହିଁ। କେବଳ ଏଇଥିପାଇଁ ଟ୍ରମ୍ପ ବ୍ରିକ୍ସକୁ ଧମକ ଦେଇଛନ୍ତି ଓ କହିଛନ୍ତି, ଯେ ଯଦି ବ୍ରିକ୍ସର ରାଷ୍ଟ୍ରମାନେ ଡଲାରର ମୁକାବିଲା କରିବା ପାଇଁ କୌଣସି ପ୍ରତିଦ୍ୱନ୍ଦୀ ମୁଦ୍ରାର ବ୍ୟବସ୍ଥା କରନ୍ତି, ତେବେ ଆମେରିକା ସଂପୃକ୍ତ ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଟିକସ ଲଗାଇବ। ଆଜି ପର୍ଯ୍ୟନ୍ତ ନୂଆଦିଲ୍ଲୀ, ଆମେରିକାକୁ ଅସନ୍ତୁଷ୍ଟ କରିବା ପାଇଁ ଚାହୁଁନଥିଲା। ତେଣୁ ବ୍ରିକ୍‌ସର ଅଧ୍ୟକ୍ଷ ହୋଇଥିବା ସତ୍ତ୍ୱେ ଭାରତ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଅଠେଇଶ ଫେବୃୟାରୀ ୨୦୨୬ ରେ ଇରାନ ଉପରେ କରାଯାଇଥିବା ଆକ୍ରମଣର ଆନୁଷ୍ଠାନିକ ଭାବେ ବିରୋଧ କରିନଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ବଦଳିଯାଇଛି। ଏଇ ନିକଟରେ ବିଶ୍‌କେକ୍ (କିରଗିଜ୍‌ସ୍ଥାନ)ରେ ଆୟୋଜିତ ହୋଇଥିବା ଏସ୍.ସି.ଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଋଷ୍ ରାଷ୍ଟ୍ରପତି ପୁଟିନ୍ ଓ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କୁ ସାକ୍ଷାତ୍ କରି ଯୁକ୍ତରାଷ୍ଟ୍ରକୁ ସ୍ପଷ୍ଟ ସଙ୍କେତ ଦେଲେ କି ଭାରତ ପାଖରେ ନୂଆ ବୈଶ୍ୱିକ ମଞ୍ଚରେ ସାମିଲ୍ ହେବାର ସମସ୍ତ ବିକଳ୍ପ ଖୋଲା ରହିଛି। ଏହି ସଙ୍କେତ ଏଥିପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ କାରଣ ଦୀର୍ଘ ସାତବର୍ଷ ପରେ ଚୀନ୍‌ର ରାଷ୍ଟ୍ରପତି ସିଜିନ୍‌ପିଙ୍ଗ୍ ନିଜର ସତଷଠି ସଦସ୍ୟ ବିଶିଷ୍ଟ ସରକାରୀ ଦଳ, ଯେଉଁଥିରେ ଜିନ୍‌ପିଙ୍ଗ୍‌ଙ୍କର ଅତି ବିଶ୍ୱସନୀୟ "କାଇ ଚି" (ସିପିସି ପଲିଟ୍ ବ୍ୟୁରୋର ସଦସ୍ୟ ଓ ବିଦେଶ ମନ୍ତ୍ରୀ ୱାଙ୍ଗ୍ ୟି ସାମିଲ ଅଛନ୍ତି)କୁ ନେଇ ଭାରତ ଆସିଛନ୍ତି। ଚୀନର ବାଣିଜ୍ୟ ସମ୍ପର୍କିତ ଦଳ ଅଲଗା ଭାବରେ ଆସୁଛି।

ଆମେରିକାର ଭାରତର ପରମାଣୁ ଅସ୍ତ୍ର ସମ୍ପର୍କିତ ନଗଦ ରିପୋର୍ଟ ଓ ଏହାକୁ ଜାରି କରିବାର ସମୟକୁ ଏକ ବିଶେଷ ପୃଷ୍ଠଭୂମିରେ ବୁଝିବାର ଆବଶ୍ୟକତା ରହିଛି। କାରଣ ଆମେରିକା ଇରାନ୍ ଉପରେ ଆକ୍ରମଣ ଏହା କହି କରିଥିଲା କି, ସେ ଇରାନ୍‌କୁ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଦେବନାହିଁ, ଯେତେବେଳେ କି ବର୍ତ୍ତମାନ ସମୟରେ ଏହି ଦିଶାହୀନ ଯୁଦ୍ଧ ତୈଳ ଉପରେ ନିୟନ୍ତ୍ରଣ ଜନିତ ସଂଘର୍ଷରେ ବଦଳିଯାଇଛି, ଯାହାଦ୍ୱାରା ଅଶୋଧିତ ତୈଳର ମୂଲ୍ୟ ବ୍ୟାରେଲ୍ ପିଛା ଶହେ ଡଲାରକୁ ଅତିକ୍ରମ କରିଗଲାଣି। "ଭାରତର ପରମାଣୁ ଅସ୍ତ୍ର-୨୦୨୬" ନାମକ ରିପୋର୍ଟଟି ନଅ ସେପ୍ଟେମ୍ବର ୨୦୨୬ ରେ ପ୍ରକାଶିତ ହୋଇଛି। ଏଥିରେ କୁହାଯାଇଛି, "ଭାରତ ନିଜର ପରମାଣୁ ଶସ୍ତ୍ରାଗାରର ଆଧୁନିକୀକରଣକୁ ଜାରି ରଖି, ଏହି କିଛି ବର୍ଷରେ ଅନେକଗୁଡ଼ିଏ ନୂଆ ଅସ୍ତ୍ର ବ୍ୟବସ୍ଥା ମୁତୟନ କରିଛି। ଅନେକକୁ ବିକଶିତ କରିଛି, ଏହି ବିକଶିତ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଅଛି ପରମାଣୁ ଶକ୍ତି ସମ୍ପନ୍ନ ଏୟାରକ୍ରାଫଟ୍, ଜଳ ଆଧାରିତ ବ୍ୟବସ୍ଥା ଓ ସ୍ଥଳ ଆଧାରିତ ବ୍ୟବସ୍ଥାର ଉନ୍ନତିକରଣ। ଆମର ଅନୁମାନ ହେଉଛି କି ଭାରତ ୧୪୦ ରୁ ୨୨୫ ୱାରହେଡସ୍ ପାଇଁ ପର୍ଯ୍ୟାପ୍ତ ମାତ୍ରାରେ ସାମରିକ ପ୍ଲୁଟୋନିୟମ୍ ଉତ୍ପାଦନ କରିସାରିଲାଣି ଓ ସେ ଏକଶହ ନବେ ପର୍ଯ୍ୟନ୍ତ ୱାରହେଡସ୍ ମଧ୍ୟ ନିର୍ମାଣ କରିସାରିଲାଣି।" ଏହି ରିପୋର୍ଟଟିର ଗବେଷଣା ବିଷୟକ କାର୍ଯ୍ୟ ଓ ଲିଖନ ପ୍ରକ୍ରିୟା "ଫେଡେରେସନ୍ ଅଫ୍ ଆମେରିକନ୍ ସାଇଣ୍ଟିଷ୍ଟସ୍ ନ୍ୟୁକ୍ଲିୟାର ଇନଫରମେସନ୍ ପ୍ରୋଜେକ୍ଟର କର୍ମଚାରୀମାନେ କରିଛନ୍ତି।" ସେମାନେ ଏହି ରିପୋର୍ଟରେ ଆହୁରି ମଧ୍ୟ ଲେଖିଛନ୍ତି କି, ଆମେ ଅନୁମାନ କରୁଛୁ କି, ଭାରତ ବର୍ତ୍ତମାନ ସମୟରେ ନଅଟି ଅଲଗା ଅଲଗା ପରମାଣୁ ସକ୍ଷମ ବ୍ୟବସ୍ଥାକୁ ପରିଚାଳିତ କରୁଛି। ଏଥିରେ ଦୁଇ ଏୟାର୍‌କ୍ରାଫଟ୍, ଛଅ ଭୂମି ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଓ ଏକ ସମୁଦ୍ର ଆଧାରିତ ବାଲିଷ୍ଟିକ୍ ମିସାଇଲ୍ ଅନ୍ତର୍ଭୁକ୍ତ। ଅତିକମ୍‌ରେ ଦୁଇଟି ଅତିରିକ୍ତ ବ୍ୟବସ୍ଥାକୁ ବିକଶିତ କରାଯାଉଛି ଯାହା ସମ୍ପୂର୍ଣ୍ଣ ହୋଇଗଲେ ଏହି କିଛି ବର୍ଷ ମଧ୍ୟରେ ସେନାବାହିନୀକୁ ପ୍ରଦାନ କରାଯିବ।

ସାମରିକ ପ୍ଲୁଟୋନିୟମ୍ ଯାହାକୁ ଇଂରାଜୀରେ କୁହାଯାଏ "ମିଲିଟାରୀ ପ୍ଲୁଟୋନିୟମ୍" ବୁଝାଇଥାଏ ପ୍ଲୁଟୋନିୟମ୍-୨୩୯ ବୋଲି ଏକ ଆଇସୋଟୋପ୍‌କୁ। ଏହାକୁ ବ୍ୟବହାର କରାଯାଇଥାଏ, ଆଣବିକ ଅସ୍ତ୍ର ନିର୍ମାଣରେ କାରଣ ଅତି ମାତ୍ରାରେ ବିପଜ୍ଜନକ "ଚେନ୍-ରିଆକସନ୍"କୁ ସୃଷ୍ଟି କରିବାରେ ଏହା ସହାୟକ ହୋଇଥାଏ। ସୂଚନାଯୋଗ୍ୟ ଯେ ଭାରତ ନିଜର ପରମାଣୁ ଅସ୍ତ୍ର ବିଷୟରେ କୌଣସି ତଥ୍ୟ ବା ସଂଖ୍ୟା ପ୍ରକାଶ କରେନାହିଁ।

ଆମେରିକାର ରିପୋର୍ଟରେ ଯେଉଁ ସମୀକ୍ଷା କରାଯାଇଛି ତାହା ମୁଖ୍ୟତଃ ଅନୁମାନ ଉପରେ ହିଁ ଆଧାରିତ। ଏହି ଅନୁମାନ ଭିତ୍ତିକ ତଥ୍ୟ ସଂଗ୍ରହ ପ୍ରାୟତଃ କରାଯାଇଛି ରାଜ୍ୟମାନଙ୍କରୁ ବାହାରୁଥିବା ଡାଟା ଯେପରିକି ସରକାରୀ ବକ୍ତବ୍ୟ, ଡିକ୍ଲାସିଫାଏଡ୍ ଡକ୍ୟୁମେଣ୍ଟ (ଗୋପନୀୟ ତାଲିକାରୁ ବାଦ୍ ପଡୁଥିବା ଦସ୍ତାବିଜ), ବେସରକାରୀ ରିପୋର୍ଟ (ମିଡିଆ ରିପୋର୍ଟ, ଥିଙ୍କ୍ ଟ୍ୟାଙ୍କ୍ ସମୀକ୍ଷା, କମର୍ସିଆଲ୍ ସାଟେଲାଇଟ୍ ଇମେଜେରି) ପ୍ରଭୃତି ଦ୍ୱାରା।

ରିପୋର୍ଟଟି ଦର୍ଶାଇଛି କି ଭାରତ ଦୁଇପ୍ରକାରର ଆଣବିକ ପଦାର୍ଥର ଉତ୍ପାଦନ କରୁଛି। ଗୋଟିଏ ହେଲା ଅତି ସମୃଦ୍ଧିତ ୟୁରାନିୟମ୍ ଓ ଅନ୍ୟଟି ହେଉଛି ସାମରିକ ବା ମିଲିଟାରୀ ପ୍ଲୁଟୋନିୟମ୍। ଅତି ସମୃଦ୍ଧିତ ୟୁରାନିୟମ୍‌ର ଉତ୍ପାଦନ ହେଉଛି, ଇନ୍ଧନର ପ୍ରସ୍ତୁତି ନିମନ୍ତେ। ରିପୋର୍ଟଟିରେ ଉଲ୍ଲେଖ ଅଛି, "ଭାରତ ନିର୍ମାଣ କରୁଥିବା ସାମରିକ ପ୍ଲୁଟୋନିୟମ୍‌ର ମୁଖ୍ୟ ସ୍ରୋତ ହେଉଛି "ଧ୍ରୁବ" ପ୍ଲୁଟୋନିୟମ୍ ପ୍ରଡକ୍ସନ ରିଆକ୍ଟର, ଯାହାକି ଅଛି ଭାବା ଆଟୋମିକ୍ ରିସର୍ଚ୍ଚ ସେଣ୍ଟରର ପରିସର ମଧ୍ୟରେ। ୨୦୧୦ ପୂର୍ବରୁ ଏହି କାର୍ଯ୍ୟ ସମ୍ପାଦନ ହେଉଥିଲା ସମାନ ସ୍ଥାନରେ ଥିବା ସି.ଆଇ.ଆର.ୟୁ.ଏସ୍ ରିଆକ୍ଟର ଦ୍ୱାରା। ଏପ୍ରିଲ୍ ୨୦୨୬ ରେ ଭାରତର ନୂତନ ୫୦୦ ମେଗାୱାଟ-ପ୍ରୋଟୋଟାଇପ୍ ଫାଷ୍ଟ ବ୍ରିଡ୍‌ର ରିଆକ୍ଟର କଲ୍ପକମ୍ ସ୍ଥିତ ଇନ୍ଦିରା ଗାନ୍ଧୀ ସେଣ୍ଟର ଫର୍ ଆଟୋମିକ୍ ରିସର୍ଚ୍ଚରେ କାର୍ଯ୍ୟକ୍ଷମ ହେଲା। ଏହି ରିଆକ୍ଟର ୟୁରାନିୟମ୍ ବା ଥୋରିୟମ୍‌ର ବିକିରଣ କରିଥାଏ, ପ୍ଲୁଟୋନିୟମ୍-୨୩୯ ବା ୟୁରାନିୟମ୍-୨୩୩ ର ଉତ୍ପାଦନ କରିବା ପାଇଁ।"

+ ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୦୪୨୯୯୭

# ମଧୁ ବାବୁ ଓ ମହାତ୍ମା ଗାନ୍ଧୀଙ୍କ ସାକ୍ଷାତ



## ଡ଼ଃ.ଅରୁନ୍ଧତୀ ଦେବୀ

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କ୍ର ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ। ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର। କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ। ସିଏ ଥିଲେ ଶିଳ୍ପପତି। ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର। ଆଉ ମା'-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ। କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି। କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଶେରେ ବି ପରିବ୍ୟାପ୍ତ ଥିଲା। ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି। ସେ ଥିଲେ ଓଡ଼ିଆ ଜାତିର ମୁରବି। ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ। ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ। ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ। ଉତ୍କଳ ଗୌରବ ମଧୁସୂଦନ ଦାସ। ଠିକ ଶହେ ଏକ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା। ସେ ଦିନ କଟକରେ ପହଞ୍ଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୂପା, ଗହଣା ମାଗିଥିଲେ। ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ। ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା' ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ। ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ। ମଧୁବାବୁ ପଥର ଅରଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ। ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ। ମଧୁବାବୁଙ୍କ ବାସଭବନ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ। ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ। ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ୍ୟ ଆସିଥିଲେ। ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ। ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇଥିଲେ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିବର୍ତ୍ତନ ପାଇଁ ଆମନ୍ତ୍ରଣ କରିଥିଲେ। ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଞ୍ଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା। ଉତ୍କଳ ଟ୍ୟାନେରି ଚମଡ଼ କସାଠୁ



ଆରମ୍ଭ କରି ଚୂଡ଼ାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ। ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଇ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା। ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା। ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ।

୧୯୨୬ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତତି ଓ ଆଉ ଜଣେ ଲିଓ ଟଲଷ୍ଟଏ ଓଡ଼ିଶାରେ ରହୁଛନ୍ତି। ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ। ୧୯୩୪ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ। କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ। ୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ମୋଦି ଓ ତନ୍ତିଙ୍କ ସାକ୍ଷାତ ଭାବେ ଉଲ୍ଲେଖକରିଛନ୍ତି। ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥି ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ। ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ। ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି। ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ। ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବୀ, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ଉତ୍କଳ ଜନନୀର ଏହି ମହାନ ସନ୍ତାନକୁ କୋଟି କୋଟି ପ୍ରଣାମ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ
ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

# ଭୋଟ ଯାହାର, ଶାସନ ତାହାର



## ଅଧ୍ୟାପକ ଗୋପବନ୍ଧୁ

'ଭୋଟ ଆମର ଶାସନ ତୁମର, ଚଳିବ ନାହିଁ ! ଚଳିବ ନାହିଁ !' ଏହା ଭାରତୀୟ ରାଜନୀତିରେ କ୍ରମେ ଅଧିକରୁ ଅଧିକ ବ୍ୟବହୃତ ହେଉଥିବା ସ୍ଲୋଗାନ। ଏହି ସ୍ଲୋଗାନର ଜନକ ପ୍ରବୀଣ ରାଜନୈତିକ ଦିଗଦର୍ଶକ ମାନ୍ୟବର କାଂଶୀରାମ। ଏହି ସ୍ଲୋଗାନ ମାଧ୍ୟମରେ ସେ ଉତ୍ତରଭାରତରେ ନିଜ ରାଜନୀତିର ସଫଳ ପ୍ରୟୋଗ କରିଥିଲେ ଓ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିବାକୁ ସକ୍ଷମ ହୋଇଥିଲେ। ତେବେ ଏହି ସ୍ଲୋଗାନକୁ ନେଇ ଉଭୟ ସପକ୍ଷ ଓ ବିପକ୍ଷ ପ୍ରତିକ୍ରିୟା ରହିଛି। ବିପକ୍ଷବାଦୀଙ୍କ ମତରେ ଏହା ଏକ ଜାତିବାଦୀ ସ୍ଲୋଗାନ। ଜାତିକୁ ନେଇ ରାଜନୀତି କରିବାର ଏହା ଏକ ପ୍ରୟାସ। ବିଶେଷକରି ଅନୁସୂଚୀତ ଜାତିମାନେ ଏହାରି ମାଧ୍ୟମରେ ସଂଗଠିତ ହୋଇ ଉତ୍ତରପ୍ରଦେଶରେ କ୍ଷମତାକୁ ଆସିଥିଲେ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଦେଖିଲେ ଏହା ଏକ ଉପାଦେୟ ସ୍ଲୋଗାନ। ତେଣୁ ଏମାନେ ମଧ୍ୟ ଏ ସ୍ଲୋଗାନ ଦେଲେ ଏବଂ ଉତ୍ତରପ୍ରଦେଶ ଓ ବିହାର ପରି ରାଜ୍ୟରେ କ୍ଷମତାକୁ ଆସିଲେ। ଝାଡ଼ଖଣ୍ଡରେ ଆଦିବାସୀମାନେ ସମାନ ଢଙ୍ଗରେ କ୍ଷମତାକୁ ଆସିଛନ୍ତି। ଏବେ ପ୍ରାୟ ସମସ୍ତ ରାଜ୍ୟରେ ଏ ସ୍ଲୋଗାନ ଶୁଣିବାକୁ ମିଳୁଛି। ଏହା ଜାତି ଅସ୍ଥିରତା ସୃଷ୍ଟିପାଇଁ ଉଦ୍ଦିଷ୍ଟ ବୋଲି ବିପକ୍ଷବାଦୀଙ୍କ ମତ।

ଅନ୍ୟ ପକ୍ଷରେ ଏହି ସ୍ଲୋଗାନର ସପକ୍ଷବାଦୀ କହନ୍ତି ଏହା ଏକ ପ୍ରଗତିଶୀଳ ସ୍ଲୋଗାନ, ଗଣତନ୍ତ୍ରକୁ ସୁଦୃଢ଼ କରିବାର ସ୍ଲୋଗାନ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାମାଜିକ ସନ୍ତୁଳନ ଅପରିହାର୍ଯ୍ୟ। ଭାରତବର୍ଷ ପରି ବହୁଧର୍ମ, ବହୁଜାତି ଓ ବହୁ ସମ୍ପ୍ରଦାୟ ସମ୍ବଳିତ ଦେଶରେ ଏହାର ଆବଶ୍ୟକତା ଆହୁରି ବେଶି। ଯେଉଁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସଂଖ୍ୟାଧିକ ଲୋକ କ୍ଷମତା ବଳୟର ବାହାରେ ରହନ୍ତି, ତାହା ଠିକ୍ ଗଣତାନ୍ତ୍ରିକ ବ୍ୟବସ୍ଥା ନୁହେଁ। ସମସ୍ତେ ସମାନଭାବେ ଶାସନ ବ୍ୟବସ୍ଥାର ଭାଗୀଦାରୀ ହେବା ହିଁ ଗଣତନ୍ତ୍ର। ଅଳ୍ପ ସଂଖ୍ୟକ ଲୋକ ଜାତି ନାମରେ, ଧର୍ମ ନାମରେ, ସମ୍ପ୍ରଦାୟ ନାମରେ ଅଥବା ଅଞ୍ଚଳ ନାମରେ ସଂଖ୍ୟାଧିକଙ୍କ ଉପରେ ଆଧିପତ୍ୟ ବିସ୍ତାର କରିବା ଗଣତନ୍ତ୍ର ନୁହେଁ। ସମାନ ଭାଗିଦାରୀତା ହିଁ ପ୍ରକୃତ ଗଣତାନ୍ତ୍ର। ଯେତେବେଳେ ଗୋଟିଏ ଦୁଇଟି ଜାତି କଳେବଳେ କୌଶଳେ ସଂଖ୍ୟାଧିକ ସୁବିଧା ସୁଯୋଗ



ମାରିନିଅନ୍ତି, ଶାସନ ଓ ପ୍ରଶାସନିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିନିଅନ୍ତୁ, ସେତେବେଳେ ଏହି ସ୍ଲୋଗାନ ଅମୋଘ ଅସ୍ତ୍ରର କାମ ଦିଏ। ଏହା ନିଜ ଅଧିକାର ସମ୍ବନ୍ଧରେ ସଚେତନ କରାଏ।

ଭରତବର୍ଷରେ କେବଳ ଜାତିବ୍ୟବସ୍ଥା ରହିଛି ତାହା ନୁହେଁ, ଏହାକୁ ନେଇ କ୍ଷମତାର ଅସନ୍ତୁଳନ ମଧ୍ୟ ରହିଛି। ସମଗ୍ର ଦେଶରେ ଦିନେ ତଥାକଥିତ ଉଚ୍ଚଜାତିମାନେ ବା ଅଗ୍ରସରବର୍ଗ ତାଙ୍କର ଆଧିପତ୍ୟ ଜାହିର କରି ଆସିଥିଲେ। ରାଜନୈତିକ କ୍ଷମତା, ପ୍ରାଶାସନିକ କ୍ଷମତା ଓ ନ୍ୟାୟିକ କ୍ଷମତା ପୂର୍ଣ୍ଣମାତ୍ରାରେ ଏମାନଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଥିଲା ଏବଂ ଏବେ ମଧ୍ୟ ଅନେକ ମାତ୍ରାରେ ରହିଛି। ଦେଶରେ ଅନଗ୍ରସର ଜାତି ସମୂହ ଏହି କ୍ଷମତା ବଳୟ ବାହାରେ ଥିଲା ଏବଂ ଏବେ ମଧ୍ୟ ରହିଛି। ଦେଶରେ କ୍ଷମତାର ସୁସମ ବଣ୍ଟନ ହୋଇନାହିଁ। ଆମ ସମ୍ବିଧାନ ସମସ୍ତ ବର୍ଗର ଲୋକଙ୍କ ପାଇଁ ଆନୁପାତିକ ପ୍ରତିନିଧିତ୍ୱ କଥା କହେ। ଏଇଥି ପାଇଁ ତ ଅନୁସୂଚୀତ ବର୍ଗଙ୍କ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏବେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଜରିଆରେ ଓବିସି ମାନେ ସମାନୁପାତିକ ନହେଲେ ବି କେତେକ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଇବା ଆରମ୍ଭ କରିଛନ୍ତି। ସୁସ୍ଥ ଗଣତନ୍ତ୍ରରେ ସାମାଜିକ ସନ୍ତୁଳନ ଅତ୍ୟନ୍ତ ଜରୁରୀ।

ଯେଉଁ ସମୟରେ ଏ ସ୍ଲୋଗାନ ରାଜନୀତିରେ ଦାନା ବାନ୍ଧିଥିଲା ବିଶେଷକରି ଉତ୍ତରପ୍ରଦେଶରେ ସେ ସମୟରେ ରାଜନୈତିକ କ୍ଷମତା ଗୋଟିଏ ଦୁଇଟି ଜାତି ହାତରେ ସୀମିତ ଥିଲା। ପ୍ରକୃତ ପକ୍ଷେ ଏମାନେ ଥିଲେ ଶାସକ ଯଦିଓ ଏମାନଙ୍କ ସଂଖ୍ୟା ଅତ୍ୟନ୍ତ ନ୍ୟୁନ। ଅନ୍ୟପକ୍ଷରେ ପାଖାପାଖି ଶତକଡା ୯୦ ଭାଗ ଲୋକ ଶାସନ କ୍ଷମତାରୁ ବହୁଦୂରରେ ଥିଲେ। ତାଙ୍କ ଗଣତାନ୍ତ୍ରିକ ଅଧିକାର କେବଳ ଭୋଟ ଦେବାରେ ସୀମିତ ଥିଲା। ଯେଉଁମାନେ ସଂରକ୍ଷିତ ବର୍ଗରୁ ସଂରକ୍ଷିତ ଆସନରୁ ପ୍ରତିନିଧିତ୍ୱ କରୁଥିଲେ ସେମାନଙ୍କ କ୍ଷମତା କେବଳ ହାତ ଟେକିବାରେ ସୀମିତ ଥିଲା। ଏମାନେ ସେହି ଗୋଟିଏ ଦୁଇଟି ଜାତିରୁ ଆସୁଥିବା ନେତାଙ୍କ ସ୍ତାବକ ଥିଲେ। ଏବେ ମଧ୍ୟ ତାହାହିଁ ଚାଲିଛି। ଗଣତନ୍ତ୍ରର ନିୟମ ଅନୁସାରେ ସଂଖ୍ୟାଧିକ ସମର୍ଥନ ବା ଭୋଟ ଯାହା ସପକ୍ଷରେ ପଡେ ସେ ଶାସକ ହୁଏ। ଅର୍ଥାତ୍ ଯେଉଁମାନଙ୍କ ନିକଟରେ ଭୋଟ ଅଧିକ ଅଛି ସେମାନେ ଶାସକ ହେବା କଥା। କିନ୍ତୁ ଆମ ଦେଶରେ ଓଲଟା ହେଉଥିଲା ଓ ହେଉଛି ମଧ୍ୟ। ଯେଉଁମାନଙ୍କ ନିକଟରେ ଭୋଟ ବେଶୀ ଅଛି ସେମାନେ ଶାସକ ନୁହଁନ୍ତି। ଯେଉଁମାନଙ୍କ ଭୋଟ କମ୍ ଅଛି ସେମାନେ ଶାସକ। ଅବଶ୍ୟ ଏମାନେ ସଂଖ୍ୟାଧିକ ଭୋଟ ପାଇ ଜିତି ଥାଆନ୍ତି। ଅନେକ୍ ସମୟରେ ଏ ଭୋଟ ସଚେତନ ଭୋଟ ନଥାଏ। ବିଭିନ୍ନ ପ୍ରକାର ପ୍ରଲୋଭନ, ଧାର୍ମିକ ଉନ୍ମାଦନା ଓ ସାମାଜିକଭାବେ ନିଜକୁ ନିମ୍ନ ଭାବିବା ଯୋଗୁଁ ଭୋଟ ଦେଇ ତାଙ୍କୁ ଜିତାଇଥାନ୍ତି। ଏହା ପଛରେ ଥାଏ ଦୀର୍ଘ ସାମାଜିକ ତାଡନାର ମାନସିକ ପ୍ରଭାବ ଓ ଆତ୍ମ ବିଶ୍ୱାସର ଅଭାବ।

ଶିକ୍ଷାର ବିକାଶ ସହିତ ଗଣତାନ୍ତ୍ରିକ ଅଧିକାର ସମ୍ପର୍କରେ ସଚେତନତା ବୃଦ୍ଧିପାଏ। ତାହାହିଁ ଏବେ ହେଉଛି। ତେଣୁ ଅଧିକ ମାତ୍ରାରେ ଏହି ସ୍ଲୋଗାନ୍ ଶୁଣିବାକୁ ମିଳୁଛି। ଏହି ସ୍ଲୋଗାନକୁ କେବଳ ଜାତିବାଦୀ ସ୍ଲୋଗାନ କହିଦେଲେ ହେବନାହିଁ। ଏହା ଏକ ଗଣତାନ୍ତ୍ରିକ ସ୍ଲୋଗାନ, ସମାନତା ପ୍ରାପ୍ତିର ସ୍ଲୋଗାନ, ଗଣତନ୍ତ୍ରକୁ ଆଗକୁ ଆଗେଇ ନେବାର ସ୍ଲୋଗାନ, ସୁପ୍ତ ଜନତାଙ୍କୁ ଜଗାଇବାର ସ୍ଲୋଗାନ, ବ୍ୟବସ୍ଥା ପରିବର୍ତ୍ତନର ସ୍ଲୋଗାନ। ଏହା ଯେଉଁମାନଙ୍କର ସଂଖ୍ୟା ବେଶି ତାଙ୍କୁ ଶାସକ ବନାଇବାର ସ୍ଲୋଗାନ। ଜଣେ ନାଗରୀକ ଯେତେ ପର୍ଯ୍ୟନ୍ତ ନିଜ ଅଧିକାର ଓ ରାଷ୍ଟ୍ରୀୟ ଭାଗୀଦାରୀ ସମ୍ବନ୍ଧରେ ସଚେତନ ନହୋଇଛି, ସେତେଯାଏ ତାକୁ ଜଣେ ଉତ୍ତମ ନାଗରୀକଭାବେ ବିବେଚନା କରାଯାଇ ପାରିବ ନାହିଁ। କେବଳ ଭୋଟଦେବା ଭିତରେ ଉତ୍ତମ ନାଗରିକତ୍ୱ ସୀମିତ ନୁହେଁ। ରାଷ୍ଟ୍ରର ଶାସନ ବ୍ୟବସ୍ଥା ଉତ୍ତମ ବିଚାରଧାରା ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ। ତେବେ କେବଳ ଗୋଟିଏ ଦୁଇଟି ଜାତି ଉତ୍ତମ ବିଚାରଧାରାର ଅଧିକାରୀ ଅଟନ୍ତି ଏବଂ ଅନ୍ୟମାନେ ଅଯୋଗ୍ୟ ଓ ନିମ୍ନ ବିଚାରଧାରାର ବୋଲି ଭାବିବା ସମ୍ପୂର୍ଣ୍ଣରୂପେ ଅଗଣତାନ୍ତ୍ରିକ। ଏପରି ଭାବନା ହିଁ ପ୍ରକୃତରେ ଜତିବାଦୀ ଭାବନା ଅଟେ।

ଯେଉଁଦିନ ଏହି ସ୍ଲୋଗାନ ସଫଳଭାବେ କାର୍ଯ୍ୟକାରୀ ହେବ ସେହିଦିନ ଦେଶରେ କ୍ରାନ୍ତି ଆସିବ। ଦେଶ ସାମାଜିକ ସମାନତା ଆଡକୁ ବଢିବ ଓ ଜାତିବାଦର ପଂଝା କ୍ରମେ ଦୁର୍ବଳ ହେବ। ଦେଶରେ ଉତ୍କୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାର ଆରମ୍ଭ ହେବ। ତେଣୁ ଏ ସ୍ଲୋଗାନର ସାକାରାତ୍ମକ ଦିଗ ଆମ ସମସ୍ତଙ୍କ ପାଇଁ ଅନୁକରଣୀୟ। ଜାତି ଥିବା ପର୍ଯ୍ୟନ୍ତ ଏମାନଙ୍କୁ ନେଇ ଗଠିତ ହୋଇଥିବା ସମସ୍ତ ସାମ୍ବିଧାନିକ ବର୍ଗ ମଧ୍ୟରେ କ୍ଷମତାର ସୁଷମ ବଣ୍ଟନ ହେଉ। ଏହା ଆମ ଗଣତନ୍ତ୍ରକୁ ଆହୁରି ମଜଭୁତ କରିବ ଏବଂ ଗଣତନ୍ତ୍ରର ମୂଳମନ୍ତ୍ର ସମତା, ମମତା ଓ ସ୍ୱତନ୍ତ୍ରତାକୁ ଆହୁରି ଉଦଭାସିତ କରିବ।

+ ବାରିପଦା,
ମୟୂରଭଞ୍ଜ- ୭୫୭୦୦୨

# ଭାରତରେ ଡାଟା ସେଣ୍ଟର ସମ୍ପ୍ରସାରଣ: ଏକ ସୁଦୃଢ଼ 'ଜଳ ନ୍ୟାୟ' ରୂପରେଖର ଆବଶ୍ୟକତା

ଭାରତରେ ଡିଜିଟାଲ୍ ଭିତ୍ତିଭୂମି ଏବଂ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ)ର ଦ୍ରୁତ ବିକାଶ ସହିତ ଡାଟା ସେଣ୍ଟରଗୁଡ଼ିକର ସମ୍ପ୍ରସାରଣ ଏକ ନୂତନ ଶିଳ୍ପ ବିପ୍ଳବର ରୂପ ନେଇଛି । କିନ୍ତୁ ଏହି ବୈଷୟିକ ପ୍ରଗତି ପଛରେ ଏକ ଲୁକ୍କାୟିତ ପରିବେଶଗତ ମୂଲ୍ୟ ରହିଛି, ଯାହା ହେଉଛି ବିପୁଳ ପରିମାଣର ଜଳ ବ୍ୟବହାର । ସାମ୍ପ୍ରତିକ ସମୟରେ ଆମାଜନ ଭଳି ବହୁରାଷ୍ଟ୍ରୀୟ କମ୍ପାନୀ ଭାରତରେ ନିଜକୁ 'ୱାଟର ପଜିଟିଭ୍' ବା ଜଳ ସକାରାତ୍ମକ ବୋଲି ଘୋଷଣା କରିଛନ୍ତି, ଯାହାର ଅର୍ଥ ହେଉଛି ସେମାନେ ବ୍ୟବହାର କରୁଥିବା ଜଳର ୧୨୦ ପ୍ରତିଶତ ଫେରାଇ ଦେଉଛନ୍ତି। ଏହି ପରିସଂଖ୍ୟାନ ଶୁଣିବାକୁ ଆଶ୍ୱାସନାଦାୟକ ଲାଗୁଥିଲେ ମଧ୍ୟ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ଅଟେ । କମ୍ପାନୀଗୁଡ଼ିକର ଏହି ଆକଳନ ଜାତୀୟ ସ୍ତରରେ କରାଯାଇଥାଏ, ଅର୍ଥାତ୍ ଗୋଟିଏ ଜଳକ୍ଲିଷ୍ଟ ଅଞ୍ଚଳରୁ ଜଳ ଶୋଷଣ କରି ଅନ୍ୟ ଏକ ସ୍ଥାନରେ ଜଳ ଭରଣା କରାଯାଇପାରେ । ତେଣୁ ଜାତୀୟ ସ୍ତରରେ ଜଳ ବଳକା ରହିବା ଅର୍ଥ ନୁହେଁ ଯେ ଡାଟା ସେଣ୍ଟର ନିକଟରେ ରହୁଥିବା ସ୍ଥାନୀୟ ସମ୍ପ୍ରଦାୟର ନଦୀ, ହ୍ରଦ ବା ଭୂତଳ ଜଳସ୍ତର ଗ୍ରୀଷ୍ମ ଋତୁରେ ସୁରକ୍ଷିତ ରହିବ । କେବଳ କେତେ ଲିଟର ଜଳ ଫେରାଇ ଦିଆଗଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ କେଉଁଠାରେ, କେବେ ଏବଂ କିପରି ତାହା ଫେରାଇ ଦିଆଗଲା ଏବଂ ସେଥିରେ ସ୍ଥାନୀୟ ଲୋକଙ୍କ ସହମତି ଅଛି କି ନାହିଁ, ତାହା ଅଧିକ ଗୁରୁତ୍ୱପୂର୍ଣ୍ଣ । 'ୱାଟର ପଜିଟିଭ୍' ଏକ କର୍ପୋରେଟ୍ ସୂଚକାଙ୍କ ହୋଇପାରେ, କିନ୍ତୁ ଏହା କଦାପି 'ଜଳ ନ୍ୟାୟ' ବା ୱାଟର ଜଷ୍ଟିସ୍ ପ୍ରତିଷ୍ଠା କରିପାରିବ ନାହିଁ । ତେଣୁ ଭାରତର ଡାଟା ସେଣ୍ଟର ସମ୍ପ୍ରସାରଣ ପାଇଁ ଏକ ସୁଦୃଢ଼ ଜଳ ନ୍ୟାୟ ରୂପରେଖର ନିତାନ୍ତ ଆବଶ୍ୟକତା ରହିଛି ।

ଡାଟା ସେଣ୍ଟରଗୁଡ଼ିକରେ ଲକ୍ଷ ଲକ୍ଷ କମ୍ପ୍ୟୁଟର ଏବଂ ସର୍ଭର ଦିନରାତି ୨୪ ଘଣ୍ଟା ଚାଲିଥାଏ, ଯାହାଦ୍ୱାରା ପ୍ରଚୁର ଉତ୍ତାପ ସୃଷ୍ଟି ହୁଏ । ଏହି ସର୍ଭରଗୁଡ଼ିକୁ ଥଣ୍ଡା ରଖିବା ପାଇଁ ଶୀତଳୀକରଣ ବା କୁଲିଂ ସିଷ୍ଟମ୍ ବ୍ୟବହାର କରାଯାଏ, ଯେଉଁଥିରେ ଲକ୍ଷ ଲକ୍ଷ ଲିଟର ମଧୁର ଜଳର ଆବଶ୍ୟକତା ପଡ଼ିଥାଏ । ବିଶେଷଜ୍ଞମାନେ ଏହାକୁ ସ୍କୋପ୍-୧ ଏବଂ ସ୍କୋପ୍-୨ ଜଳ ବ୍ୟବହାର ଭାବରେ ବିଭକ୍ତ କରିଛନ୍ତି । ସ୍କୋପ୍-୧ ହେଉଛି ପ୍ରତ୍ୟକ୍ଷ ଜଳ ଯାହା ଡାଟା ସେଣ୍ଟରର କୁଲିଂ ଟାୱାରରେ ବ୍ୟବହୃତ ହୁଏ ଏବଂ ସ୍କୋପ୍-୨ ହେଉଛି ପରୋକ୍ଷ ଜଳ ଯାହା ଡାଟା ସେଣ୍ଟର ପାଇଁ ବିଦ୍ୟୁତ୍ ଉତ୍ପାଦନ କରୁଥିବା ପାୱାର୍ ପ୍ଲାଣ୍ଟରେ ଖର୍ଚ୍ଚ ହୋଇଥାଏ । ପରିସଂଖ୍ୟାନ ଅନୁଯାୟୀ, ଗୋଟିଏ ସାଧାରଣ ଗୁଗୁଲ୍ ସର୍ଚ୍ଚ ପାଇଁ ପ୍ରାୟ ୦.୬ ମିଲିଲିଟର ଜଳ ଖର୍ଚ୍ଚ ହେଉଥିବା ବେଳେ ଏକ ଏଆଇ ଟେକ୍ସଟ୍ ପ୍ରଶ୍ନର ଉତ୍ତର ପାଇଁ ୧୦ରୁ ୫୦ ମିଲିଲିଟର ଏବଂ ଗୋଟିଏ ଏଆଇ ଚିତ୍ର ପ୍ରସ୍ତୁତ କରିବା ପାଇଁ ପ୍ରାୟ ୨୩ ମିଲିଲିଟର ଜଳ ବ୍ୟବହାର ହୋଇଥାଏ । ଭାରତରେ ଥିବା ଏକ ମଧ୍ୟମ ଧରଣର ୨୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଡାଟା ସେଣ୍ଟର ବାର୍ଷିକ ପ୍ରାୟ ୩୦ କୋଟିରୁ ୪୦ କୋଟି ଲିଟର ଜଳ ଖର୍ଚ୍ଚ କରିଥାଏ, ଯାହାକି ଏକ ୫୦,୦୦୦ ଜନସଂଖ୍ୟା ବିଶିଷ୍ଟ ସହରର ବାର୍ଷିକ ଜଳ ଆବଶ୍ୟକତା ସହ ସମାନ । ରାଇଷ୍ଟାଡ୍ ଏନର୍ଜିର ଏକ ରିପୋର୍ଟ ଅନୁଯାୟୀ, ଯଦି ଜଳ ସଂରକ୍ଷଣ ଦିଗରେ ଉପଯୁକ୍ତ ପଦକ୍ଷେପ ନିଆନଯାଏ, ତେବେ ୨୦୩୦ ମସିହା ସୁଦ୍ଧା ବିଶ୍ୱସ୍ତରରେ ଡାଟା ସେଣ୍ଟରଗୁଡ଼ିକର ଜଳ ବ୍ୟବହାର ୨୨୨ ବିଲିୟନ ଲିଟରରୁ ବୃଦ୍ଧି ପାଇ ୬୪୪ ବିଲିୟନ ଲିଟରରେ ପହଞ୍ଚିବ । ଭାରତୀୟ ପ୍ରେକ୍ଷାପଟ୍ଟରେ ଏହି ଆକଳନ ଆହୁରି ଭୟାବହ ଅଟେ । କାଉନ୍ସିଲ୍ ଅନ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ)ର ୨୦୨୬ ମସିହାର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ବର୍ତ୍ତମାନ ପ୍ରାୟ ୨୭୧ଟି ଡାଟା ସେଣ୍ଟର ରହିଛି ଏବଂ ଏଥିରୁ ଏକ ଚତୁର୍ଥାଂଶ କେବଳ ମୁମ୍ବାଇରେ ଅବସ୍ଥିତ । ୨୦୨୫ରେ ଭାରତର ଡାଟା ସେଣ୍ଟର କ୍ଷମତା ୧.୫ ଗିଗାୱାଟ୍ ଥିବାବେଳେ ୨୦୩୦ ସୁଦ୍ଧା ଏହା ୪.୫ ରୁ ୬.୫ ଗିଗାୱାଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ପୂର୍ବାନୁମାନ କରାଯାଇଛି । ଏହି ଦ୍ରୁତ ସମ୍ପ୍ରସାରଣ ସିଧାସଳଖ ଭାବରେ ସ୍ଥାନୀୟ ଜଳ ଉତ୍ସଗୁଡ଼ିକ ଉପରେ ପ୍ରବଳ ଚାପ ପକାଇବ ।

ସରକାର ଏବଂ କର୍ପୋରେଟ୍ ସଂସ୍ଥାଗୁଡ଼ିକ ବିଭିନ୍ନ ସହରକୁ 'ଏଆଇ ହବ୍' ବା 'ଏଆଇ ସିଟି' ଭାବରେ ନାମିତ କରି ବିକାଶର ଏକ ନୂତନ ସ୍ୱପ୍ନ ଦେଖାଉଛନ୍ତି । ମୁମ୍ବାଇ, ହାଇଦ୍ରାବାଦ, ଚେନ୍ନାଇ, ନୋଏଡା ଏବଂ ବିଶାଖାପାଟଣା ଭଳି ସହରଗୁଡ଼ିକ ଏହି ତାଲିକାରେ ଆଗରେ ଅଛନ୍ତି । କିନ୍ତୁ ଏହି ସହରଗୁଡ଼ିକ କେବଳ ଖାଲି ସ୍ଥାନ ନୁହଁନ୍ତି ଯେଉଁଠାରେ କେବଳ ବୈଷୟିକ ଭିତ୍ତିଭୂମି ନିର୍ମାଣ କରାଯାଇପାରିବ । ଏଠାରେ ଶ୍ରମିକ, ମତ୍ସ୍ୟଜୀବୀ, କୃଷକ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ବର୍ଷ ବର୍ଷ ଧରି ନିଜର ଜୀବିକା ନିର୍ବାହ କରିଆସୁଛନ୍ତି । ଡାଟା ସେଣ୍ଟର ପାଇଁ ଜମି ଅଧିଗ୍ରହଣ କରାଯିବା ଦ୍ୱାରା ଏହି ସମ୍ପ୍ରଦାୟଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି । ଐତିହାସିକ ଭାବରେ ଭୂମିହୀନ ଥିବା ଲୋକଙ୍କ ପାଇଁ ଜମି କେବଳ ଆୟର ପନ୍ଥା ନୁହେଁ, ବରଂ ଏହା ସୁରକ୍ଷା, ସମ୍ମାନ ଏବଂ ପାରମ୍ପରିକ ପରିଚୟର ପ୍ରତୀକ ଅଟେ, ଯାହାକୁ ଥରେ ମାତ୍ର ଆର୍ଥିକ କ୍ଷତିପୂରଣ ଦେଇ ଫେରାଇ ଆଣିହେବ ନାହିଁ। ଏହା ସହିତ ନିଯୁକ୍ତି ସୃଷ୍ଟି ନାମରେ ଯେଉଁ ପ୍ରତିଶ୍ରୁତି ଦିଆଯାଉଛି, ତାହାର ବାସ୍ତବତା ମଧ୍ୟ ନିରାଶାଜନକ ଅଟେ । ଉଦାହରଣସ୍ୱରୂପ, ବିଶାଖାପାଟଣା ଏଆଇ ହବ୍ ପ୍ରକଳ୍ପରେ ବାର୍ଷିକ ୧.୮୮ ଲକ୍ଷ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ପ୍ରକଳ୍ପ ମଞ୍ଜୁରୀ ରେକର୍ଡରୁ ଜଣାପଡ଼ିଛି ଯେ ଏଥିରେ କେବଳ ୫୭୫ ରୁ ୬୫୦ଟି ସ୍ଥାୟୀ ନିଯୁକ୍ତି ସୁଯୋଗ ରହିଛି । ବ୍ରୁକିଙ୍ଗସ୍ ଇନଷ୍ଟିଚ୍ୟୁଟ୍ ଦ୍ୱାରା ଆମେରିକାରେ ହୋଇଥିବା ପ୍ରାୟ ୧୫୦୦ ଡାଟା ସେଣ୍ଟରର ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଗୋଟିଏ ବୃହତ୍ ଡାଟା ସେଣ୍ଟର ନିର୍ମାଣ ସମୟରେ ହୁଏତ ହଜାରେ ଶ୍ରମିକ କାମ କରିପାରନ୍ତି, କିନ୍ତୁ ନିର୍ମାଣ ଶେଷ ହେବା ପରେ ଏହାକୁ ପରିଚାଳନା କରିବା ପାଇଁ ମାତ୍ର ୫୦ ଜଣ ପୂର୍ଣ୍ଣକାଳୀନ କର୍ମଚାରୀଙ୍କ ଆବଶ୍ୟକତା ପଡ଼ିଥାଏ । ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ସରିବା ପରେ ଅଧିକାଂଶ ଲୋକ ବେକାର ହୋଇଯାଆନ୍ତି । ତେଣୁ ନିର୍ମାଣକାଳୀନ ଅସ୍ଥାୟୀ କାମ ଏବଂ ସ୍ଥାୟୀ ନିଯୁକ୍ତି ମଧ୍ୟରେ ଥିବା ପାର୍ଥକ୍ୟକୁ ସାଧାରଣ ଜନତାଙ୍କୁ ସ୍ପଷ୍ଟ ଭାବରେ ବୁଝାଇବା ନିହାତି ଦରକାର ।

ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ନୀତିଗତ ଶୂନ୍ୟତା ଏବଂ ପରିବେଶଗତ ସ୍ୱଚ୍ଛତାର ଅଭାବ । ଭାରତରେ ବର୍ତ୍ତମାନ ସୁଦ୍ଧା କୌଣସି ବାଧ୍ୟତାମୂଳକ ଜାତୀୟ ଡାଟା ସେଣ୍ଟର ନୀତି ନାହିଁ। ୨୦୨୦ ମସିହାରେ କେନ୍ଦ୍ର ସରକାର ଏକ ଚିଠା ନୀତି ପ୍ରସ୍ତୁତ କରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ । ୧୫ଟି ରାଜ୍ୟ ନିଜସ୍ୱ ନୀତି ପ୍ରଣୟନ କରିଥିଲେ ସୁଦ୍ଧା ସେଥିମଧ୍ୟରୁ କେବଳ ୫ଟି ରାଜ୍ୟର ନୀତିରେ ପରିବେଶ ସ୍ଥାୟୀତ୍ୱ ବା ସସଟେନେବିଲିଟି ଉପରେ ଗୁରୁତ୍ୱ ଦିଆଯାଇଛି । ଏହାବ୍ୟତୀତ ଡାଟା ସେଣ୍ଟରଗୁଡ଼ିକ ପାଇଁ ପରିବେଶ ମଞ୍ଜୁରୀ (ଏନଭାଇରନମେଣ୍ଟାଲ୍ କ୍ଲିୟରାନ୍ସ) ପ୍ରକ୍ରିୟାରେ ମଧ୍ୟ ବଡ଼ ତ୍ରୁଟି ରହିଛି । ୨୦୨୬ ଅଗଷ୍ଟରେ ରାଜ୍ୟସଭାରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲା ଯେ ଏଆଇ ଡାଟା ସେଣ୍ଟରଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ପରିବେଶ ମଞ୍ଜୁରୀ ନେବାର ଆବଶ୍ୟକତା ନାହିଁ, ଯେପର୍ଯ୍ୟନ୍ତ ସେମାନେ ବିଲ୍ଡିଂ ଏବଂ ଟାଉନସିପ୍ ନିର୍ମାଣ କ୍ଷେତ୍ରର ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ ନକରିଛନ୍ତି । କିନ୍ତୁ ଡାଟା ସେଣ୍ଟରର ପ୍ରକୃତ ପ୍ରଭାବ ଏହାର ବିଲ୍ଡିଂ ଆକାର ଉପରେ ନିର୍ଭର କରେ ନାହିଁ, ବରଂ ଏହାର ବିପୁଳ ବିଦ୍ୟୁତ୍ ଚାହିଦା, ଶୀତଳୀକରଣ ଜ୍ଞାନକୌଶଳ, ଜଳ ଉତ୍ସ ଏବଂ ଡିଜେଲ୍ ଜେନେରେଟର ବ୍ୟବହାର ଉପରେ ନିର୍ଭର କରିଥାଏ । ଏକ ପୁରୁଣା ଆଇନ ବଳରେ ଏହି ନୂତନ ବୈଷୟିକ ବିପଦକୁ ଆକଳନ କରିବା ସମ୍ଭବ ନୁହେଁ । ଆନ୍ଧ୍ରପ୍ରଦେଶର ଉଦାହରଣ ନେଲେ, ରାଜ୍ୟର ଡାଟା ସେଣ୍ଟର ପଲିସି (୨୦୨୪-୨୯)ରେ ୧ ଗିଗାୱାଟ୍ କ୍ଷମତା ଯୋଡ଼ିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୬ ଅଗଷ୍ଟ ସୁଦ୍ଧା ୬.୫ ଗିଗାୱାଟ୍ କ୍ଷମତାର ପ୍ରକଳ୍ପ ପାଇଁ ଅନୁମୋଦନ ଦିଆଯାଇସାରିଛି । ଏତେ ବଡ଼ ଧରଣର ପ୍ରକଳ୍ପ ପାଇଁ କେତେ ପରିମାଣର ଜଳ ଏବଂ ବିଦ୍ୟୁତ୍ ଦରକାର ହେବ, ତାହାର କୌଣସି ସାମଗ୍ରିକ ଆକଳନ କରାଯାଇନାହିଁ କିମ୍ବା ସ୍ଥାନୀୟ ଲୋକଙ୍କ ସହ ପରାମର୍ଶ କରାଯାଇନାହିଁ । ମହାରାଷ୍ଟ୍ରର ଥାଣେରେ ମଧ୍ୟ ଆମାଜନର ଏକ ଡାଟା ସେଣ୍ଟର ପାଇଁ ଦୈନିକ ୧୨ ନିୟୁତ ଲିଟର ବିଶୋଧିତ ଜଳ ଯୋଗାଇ ଦିଆଯିବ ବୋଲି ଖବର ଆସିଥିଲା, ଯଦିଓ ପରେ କମ୍ପାନୀ ଏହାକୁ ଖଣ୍ଡନ କରିଥିଲା। ଗୁଗୁଲ୍ ଭଳି କମ୍ପାନୀ ମଧ୍ୟ ବିଶାଖାପାଟଣାରେ ନିଜର ଜଳ ବ୍ୟବହାରକୁ ନେଇ ବିବାଦର ସମ୍ମୁଖୀନ ହୋଇଛନ୍ତି । ଏଭଳି ଅସ୍ପଷ୍ଟତା କେବଳ ସନ୍ଦେହ ସୃଷ୍ଟି କରେ । ତେଣୁ ଜଳର ଉତ୍ସ, ପରିମାଣ ଏବଂ ବ୍ୟବହାରକୁ ନେଇ ଏକ ସ୍ୱଚ୍ଛ ଅଡିଟ୍ ବ୍ୟବସ୍ଥା ରହିବା ଜରୁରୀ ଅଟେ ।

ଏହି ପରିପ୍ରେକ୍ଷୀରେ ଅନ୍ୟ ଦେଶଗୁଡ଼ିକରୁ ଆମକୁ ଶିକ୍ଷା ଲାଭ କରିବାକୁ ପଡ଼ିବ । ସିଙ୍ଗାପୁର ସରକାର ୨୦୧୯ ରୁ ୨୦୨୨ ମସିହା ପର୍ଯ୍ୟନ୍ତ ନୂତନ ଡାଟା ସେଣ୍ଟର ନିର୍ମାଣ ଉପରେ ରୋକ୍ ଲଗାଇଥିଲେ ଏବଂ କଠୋର ଶକ୍ତି ଦକ୍ଷତା ସର୍ତ୍ତ ଲାଗୁ କରିବା ପରେ ହିଁ ପୁନର୍ବାର ଅନୁମତି ଦେଇଥିଲେ। ୟୁରୋପୀୟ ସଂଘ ବର୍ତ୍ତମାନ ବୃହତ୍ ଡାଟା ସେଣ୍ଟରଗୁଡ଼ିକ ପାଇଁ ପରିବେଶ ପ୍ରଦର୍ଶନ ରିପୋର୍ଟ ଦାଖଲ କରିବା ବାଧ୍ୟତାମୂଳକ କରିଛି । ଜର୍ମାନୀରେ ନବୀକରଣଯୋଗ୍ୟ ଶକ୍ତି ବ୍ୟବହାର ଏବଂ ବର୍ଜ୍ୟ ଉତ୍ତାପର ପୁନଃବ୍ୟବହାର ପାଇଁ ଆଇନ ପ୍ରଣୟନ କରାଯାଇଛି । ଆମେରିକାର ପ୍ରାୟ ୧୪ଟି ରାଜ୍ୟରେ ଡାଟା ସେଣ୍ଟରଗୁଡ଼ିକର ସମ୍ପ୍ରସାରଣ ଉପରେ ସାମୟିକ କଟକଣା ଲଗାଇବାକୁ ବିଚାର କରାଯାଉଛି । ଏହି ସବୁ ପଦକ୍ଷେପ ପ୍ରମାଣିତ କରେ ଯେ ସରକାର ଚାହିଁଲେ ବେପରୁଆ ସମ୍ପ୍ରସାରଣକୁ ନିୟନ୍ତ୍ରଣ କରିପାରିବେ । ଭାରତ ପାଇଁ ମଧ୍ୟ ଏକ କେନ୍ଦ୍ରୀୟ ଢାଞ୍ଚାର ଆବଶ୍ୟକତା ରହିଛି, ଯାହାକି ସ୍ଥାନୀୟ ପରିବେଶ ଏବଂ ଭୌଗୋଳିକ ବିବିଧତାକୁ ଅଣଦେଖା କରିବ ନାହିଁ । ଜଳ ଉପଯୋଗ ଦକ୍ଷତା ବା ୱାଟର ୟୁଜେଜ୍ ଇଫେକ୍ଟିଭନେସ୍ (WUE) ଏବଂ ଶକ୍ତି ଉପଯୋଗ ଦକ୍ଷତା ବା ପାୱାର ୟୁଜେଜ୍ ଇଫେକ୍ଟିଭନେସ୍ (PUE) ଭଳି ମାନଦଣ୍ଡକୁ ବାଧ୍ୟତାମୂଳକ କରାଯିବା ଉଚିତ୍ । ଡାଟା ସେଣ୍ଟର ପରିଚାଳକମାନେ ପ୍ରକଳ୍ପ ସ୍ତରରେ କେତେ ପରିମାଣର ଜଳ ଏବଂ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି, କେଉଁ ଋତୁରେ କେଉଁ ଉତ୍ସରୁ ଜଳ ସଂଗ୍ରହ କରୁଛନ୍ତି ଏବଂ କେତେ ଡିଜେଲ ବ୍ୟବହାର କରୁଛନ୍ତି, ତାହାର ସମ୍ପୂର୍ଣ୍ଣ ତଥ୍ୟ ସାର୍ବଜନୀନ କରିବା ଦରକାର । ଏହାଛଡ଼ା କମ୍ପାନୀଗୁଡ଼ିକ ଏୟାର କୁଲିଂ ବା ଡାଇରେକ୍ଟ ଲିକ୍ୱିଡ୍ କୁଲିଂ ଭଳି ନୂତନ ଜ୍ଞାନକୌଶଳ ଆପଣାଇବା ଉଚିତ୍, ଯାହାଦ୍ୱାରା ଜଳର ବ୍ୟବହାର ଯଥେଷ୍ଟ କମିପାରିବ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସ୍ଥାନୀୟ ସମ୍ପ୍ରଦାୟର ଅଂଶଗ୍ରହଣ ବିନା କୌଣସି ଜଳ ନ୍ୟାୟ ପ୍ରତିଷ୍ଠା ହୋଇପାରିବ ନାହିଁ । ଜମି ଅଧିଗ୍ରହଣ କିମ୍ବା ଜଳ ଯୋଗାଣ ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ ଗ୍ରାମସଭା, ପଞ୍ଚାୟତ ଏବଂ ପୌରପାଳିକାଗୁଡ଼ିକୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରାଯିବା ଆବଶ୍ୟକ । ଥାଣେ ମ୍ୟୁନିସିପାଲିଟି କମିଶନର ସ୍ଥାନୀୟ ବାସିନ୍ଦାଙ୍କ ଆପତ୍ତିକୁ ରାଜ୍ୟ ପ୍ରଶାସନ ନିକଟକୁ ପଠାଇଦେବା ଘଟଣାରୁ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି କ୍ଷମତା ନାହିଁ । ଏହି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । କେବଳ ପ୍ରକଳ୍ପ ଆରମ୍ଭରେ ଦିଆଯାଇଥିବା ପ୍ରତିଶ୍ରୁତି ଉପରେ ନିର୍ଭର ନକରି, ଏକ ସ୍ୱାଧୀନ ସମୀକ୍ଷା ବ୍ୟବସ୍ଥା ମାଧ୍ୟମରେ କମ୍ପାନୀଗୁଡ଼ିକର କାର୍ଯ୍ୟକଳାପ ଉପରେ ନିରନ୍ତର ନଜର ରଖିବା ଦରକାର । ଏକ ପବ୍ଲିକ୍ ରେଜିଷ୍ଟ୍ରି ବା ସାର୍ବଜନୀନ ପଞ୍ଜିକରଣ ବ୍ୟବସ୍ଥା ରହିବା ଉଚିତ୍, ଯାହାଦ୍ୱାରା ମରୁଡ଼ି ସମୟରେ ବା ନିୟମ ଉଲ୍ଲଂଘନ ହେଲେ ସରକାର ତୁରନ୍ତ ପଦକ୍ଷେପ ନେଇପାରିବେ । ଭାରତ ଆଗାମୀ ଦିନରେ ନିଶ୍ଚିତ ଭାବରେ ଅଧିକରୁ ଅଧିକ ଡାଟା ସେଣ୍ଟର ନିର୍ମାଣ କରିବ, କାରଣ ଡିଜିଟାଲ୍ ବିକାଶ ଆମ ଅର୍ଥନୀତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । କିନ୍ତୁ ଏହି ବିକାଶ ଏବଂ ଜନସାଧାରଣଙ୍କ ଅଧିକାର ମଧ୍ୟରେ ଏକ ସନ୍ତୁଳନ ରହିବା ଜରୁରୀ । ବୈଷୟିକ ଅଭିବୃଦ୍ଧି ଏବଂ ଜନ ଆନ୍ଦୋଳନ ମଧ୍ୟରୁ ଗୋଟିଏକୁ ବାଛିବା ପରିବର୍ତ୍ତେ, ଉଭୟ ଦିଗକୁ ଦୃଷ୍ଟିରେ ରଖି ନୀତି ପ୍ରସ୍ତୁତ କରିବା ସମୟର ଆହ୍ୱାନ । କାହାର ଜଳ ବ୍ୟବହାର କରାଯାଉଛି, କାହାର ଜୀବିକା ପ୍ରଭାବିତ ହେଉଛି ଏବଂ ନିଷ୍ପତ୍ତି ନେବା ପୂର୍ବରୁ କିଏ ଅଂଶଗ୍ରହଣ କରୁଛି, ଏହି ପ୍ରଶ୍ନଗୁଡ଼ିକର ସଠିକ୍ ଉତ୍ତର ଖୋଜିବା ପରେ ହିଁ ପ୍ରକୃତ ଜଳ ନ୍ୟାୟ ପ୍ରତିଷ୍ଠା ହୋଇପାରିବ। ଜାତୀୟ ଡିଜିଟାଲ୍ ଲକ୍ଷ୍ୟକୁ ସ୍ଥାନୀୟ ପରିବେଶ ଏବଂ ସାମାଜିକ ପରିସ୍ଥିତି ସହିତ ଯୋଡ଼ିପାରିଲେ ହିଁ ଭାରତର ଡାଟା ସେଣ୍ଟର ନୀତି ସଫଳ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ଧ୍ୱନି ପ୍ରତିଧ୍ୱନି

# ପୁଚିଠାରୁ ବୋହୂ ଚୋରୀ: କୁଆଁରୀ ଜୀବନର ଏକ ଅଭୁଲା ଫର୍ଦ୍ଦ



## ମିଳନ କୁମାର ମିଶ୍ର (ଭରଦ୍ୱାଜ)

ସମୟର ଚକ ଅବିରତ ଘୂରି ଚାଲିଛି । ଏହି ବଦଳୁଥିବା ସମୟ ସ୍ରୋତରେ ଆମ ଗାଁର ସ୍ୱରୂପ ବଦଳିଛି, ବଦଳିଛି ଆମ ପିଲାଦିନର ସେହି ନିଷ୍ପାପ ଆନନ୍ଦ। ଦିନ ଥିଲା, ଯେତେବେଳେ ଓଡ଼ିଶାର ପୁରପଲ୍ଲୀରେ ଖରାବେଳ କିମ୍ବା ସଞ୍ଜ ନଇଁଲେ ସାହି ପଡ଼ିଶାର କୁଆଁରୀ ଝିଅମାନଙ୍କ କଳରବରେ ଗାଁ ଦାଣ୍ଡ ମୁଖରିତ ହୋଇ ଉଠୁଥିଲା। ମାତ୍ର ଆଜିର ଆଧୁନିକ ଓ ମୋବାଇଲ୍ ଯୁଗରେ ସେହି ସବୁ ସ୍ମୃତି କେବଳ ସାତସପନ ପାଲଟିଯାଇଛି । ପିଲାଦିନର ସେଇ ପାରମ୍ପରିକ ଖେଳରେ ଥିବା ନିଆରା ସ୍ୱପ୍ନ ଆଜିର ଡିଜିଟାଲ୍ ଦୁନିଆରେ ସମ୍ପୂର୍ଣ୍ଣ ବିରଳ । ସେହି ସମୟର ସବୁଠାରୁ ଆକର୍ଷଣୀୟ ଓ ସ୍ମରଣୀୟ ପାରମ୍ପରିକ ଖେଳ ଥିଲା 'ବୋହୂ ଚୋରୀ'। ଏହା କେବଳ ଏକ ଖେଳ ନଥିଲା, ଏହା ଥିଲା ନିଷ୍ପାପ ପିଲାଦିନର ଏକ ସୁନ୍ଦର କାଳ୍ପନିକ ନାଟକ। ଗାଁ ଦାଣ୍ଡରେ କିମ୍ବା କାହାରି ଖୋଲା ବାଡ଼ି ବଗିଚାରେ ମାଟିରେ ବଡ଼ ଚାରିକୋଣିଆ ଗାର ଟଣାଯାଉଥିଲା । ଝିଅମାନେ ଦୁଇଟି ଦଳରେ ବିଭକ୍ତ ହେଉଥିଲେ—'ଘରବାଲା' ଏବଂ 'ଚୋର' । ଦଳର ସବୁଠାରୁ ଛୋଟ କିମ୍ବା ଲାଜକୁଳୀ ଝିଅଟିକୁ ଓଢ଼ଣା ପକାଇ 'ବୋହୂ' ସଜାଯାଉଥିଲା। ଚୋର ଦଳର ପିଲାମାନେ ଘରବାଲାଙ୍କ ଆଖିରେ ଧୂଳିଦେଇ, ନାନା କାଇଦା କରି ସେହି ବୋହୂକୁ ଚୋରି କରି ନିଜ ସୀମାକୁ ନେବାକୁ ଚେଷ୍ଟା କରୁଥିଲେ । ଅପରପକ୍ଷରେ, ଘରବାଲା ଦଳ ବୋହୂକୁ ଚାରିପଟୁ ସୁରକ୍ଷା ଦେଇ ଘେରି ରହିଥାନ୍ତି। ଏହି ଛୁଆଁଛୁଇଁ, ଦୌଡ଼ାଦୌଡ଼ି ଏବଂ ତା' ଭିତରେ ଥିବା ଲୁଚକାଳିର ରୋମାଞ୍ଚ ଝିଅମାନଙ୍କୁ ଏକ ଅଫୁରନ୍ତ ଆନନ୍ଦ ଦେଉଥିଲା । ସେହି କାଳ୍ପନିକ ବୋହୂ ସାଜିବା ଭିତରେ ଲୁଚି ରହୁଥିଲା ଭବିଷ୍ୟତର ଏକ ମିଠା ସ୍ୱପ୍ନ । କେବଳ ବୋହୂ ଚୋରୀ ନୁହେଁ, ଓଡ଼ିଶାର ଗାଁ ଗହଳିରେ କୁଆଁରୀ ଝିଅମାନଙ୍କର ଅନ୍ୟାନ୍ୟ ପ୍ରିୟ ଖେଳ ମଧ୍ୟ ଥିଲା, ଯାହା ଆଜି ଲୋପ ପାଇବାକୁ ବସିଲାଣି । ବିଶେଷ କରି କୁମାର ପୂର୍ଣ୍ଣିମା ସମୟରେ ଝିଅମାନଙ୍କ ମଧ୍ୟରେ ପୁଚି ଖେଳର ଏକ ନିଆରା ଆନନ୍ଦ ଥାଏ । 'ଠିଆ ପୁଚି' ଓ 'ବସା ପୁଚି' ଖେଳିବା ଦ୍ୱାରା ଝିଅମାନଙ୍କର ଶାରୀରିକ କସରତ ହେବା ସହ ଏକ ସୁସ୍ଥ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହେଉଥିଲା। ଜହ୍ନ ଆଲୁଅରେ ଗାଁ ଦାଣ୍ଡରେ ପୁଚି ଖେଳର ଗୀତ ଆଜି ବି କାନରେ ଗୁଞ୍ଜରିତ ହୁଏ । ସେହିପରି ଥିଲା କିତିକିତି ଖେଳ । ମାଟି ଉପରେ କୋଠି ଟାଣି, ମାଟି ପାତ୍ରର ଭଙ୍ଗା ଖଣ୍ଡ (ଖପରା) କୁ ଗୋଡ଼ରେ ଠେଲି ଠେଲି ଗୋଟିଏ ଗୋଡ଼ରେ ଡେଇଁ ଡେଇଁ ଖେଳାଯାଉଥିବା ଏହି ଖେଳ ଏକାଗ୍ରତା ଓ ସନ୍ତୁଳନ ରକ୍ଷା କରିବାର ଶ୍ରେଷ୍ଠ ମାଧ୍ୟମ ଥିଲା । ସେହିପରି ଅନ୍ୟ ଏକ ଆକର୍ଷଣ ଥିଲା ବାଘଛେଲି ଓ ଗୁଟି ଖେଳ । ଖରାବେଳେ ଘର ବାରଣ୍ଡାରେ ବସି ପଥର ଗୋଡ଼ିକୁ ନେଇ ଗୁଟି ଖେଳିବା କିମ୍ବା ମାଟିରେ ଗାର ଟାଣି ବାଘଛେଲି ଖେଳିବା ଦ୍ୱାରା ମାନସିକ ଦକ୍ଷତା ବୃଦ୍ଧି ପାଉଥିଲା । ଏହି ସବୁ ଖେଳ ଭିତରେ କେବଳ ଜିତିବା ହାରିବାର ପ୍ରତିଯୋଗିତା ନଥିଲା, ବରଂ ଥିଲା ଏକ ନିଆରା ସାମାଜିକ ସମ୍ପର୍କର ପ୍ରତିଫଳନ । ସାହି ଭାଇଙ୍କ ଝିଅମାନଙ୍କ ମଧ୍ୟରେ ଥିବା ସେହି ସ୍ନେହ, ଆନ୍ତରିକତା ଏବଂ ମିଠାପଣ ଗାଁ ପରିବେଶକୁ ଉତ୍ସବମୁଖର କରି ରଖୁଥିଲା। ଖେଳୁ ଖେଳୁ ସାମାନ୍ୟ କଳିତକରାଳ ହେବା ଏବଂ ପର ମୁହୂର୍ତ୍ତରେ ପୁଣି ଏକାଠି ହୋଇ ହସିବା— ଏହା ହିଁ ଥିଲା ସେହି ସମୟର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ।

ମାତ୍ର ଆଜି ସମୟ ବଦଳିବା ସହ ଗାଁର ଚିତ୍ର ବି ବଦଳିଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଆମକୁ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଏବଂ ଅନଲାଇନ୍ ଗେମ୍ସର ଦୁନିଆରେ ବାନ୍ଧି ରଖିଛି । କାନ୍ଥରେ ଟଣାଯାଉଥିବା ଗାର ଜାଗାରେ ଆଜି ମୋବାଇଲ୍ ସ୍କ୍ରିନ ସ୍ଥାନ ନେଇଛି । ଆଜିର ପିଲାମାନେ ଚାରି କାନ୍ଥ ଭିତରେ ବନ୍ଦୀ ହୋଇ ନିଜର ଶୈଶବକୁ ହଜାଇ ଦେଉଛନ୍ତି । ଗାଁ ଦାଣ୍ଡ ଆଜି ଶୂନ୍‌ଶାନ୍ । ସମୟକ୍ରମେ ସାହି ଝିଅମାନଙ୍କ ମେଳିରେ ହେଉଥିବା ହସକାନ୍ଦ ଓ ପାଟିତୁଣ୍ଡ ନିଶ୍ଚିହ୍ନ ହେବାକୁ ବସିଲାଣି । ଏହି ପାରମ୍ପରିକ ଖେଳଗୁଡ଼ିକ କେବଳ ମନୋରଞ୍ଜନ କରାଉ ନଥିଲା, ବରଂ ପିଲାମାନଙ୍କ ମଧ୍ୟରେ ଏକତା, ସହନଶୀଳତା ଏବଂ ଦଳଗତ ମନୋଭାବ ସୃଷ୍ଟି କରୁଥିଲା । ମୋବାଇଲର କୃତ୍ରିମ ଦୁନିଆ ଆମକୁ ଆତ୍ମକେନ୍ଦ୍ରିକ କରିଦେଇଥିବା ବେଳେ, ଏହି ମାଟିର ଖେଳଗୁଡ଼ିକ ସମସ୍ତଙ୍କୁ ଆପଣାର କରିବା ଶିଖାଉଥିଲା ।

ଯଦି ଆମେ ଆମର ଏହି ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ଚାହୁଁ, ତେବେ ପିଲାମାନଙ୍କୁ ମୋବାଇଲ୍ ଦୁନିଆରୁ ବାହାର କରି ପୁଣିଥରେ ମାଟି ଓ ପ୍ରକୃତି ସହ ଯୋଡ଼ିବାକୁ ପଡ଼ିବ । ଆମ ଶୈଶବର ସେହି ମିଠା ଅନୁଭୂତି ଓ ବୋହୂ ଚୋରୀ ଖେଳର ସ୍ମୃତି ଯେପରି କେବଳ ପୁରୁଣା ପୃଷ୍ଠାରେ ସୀମିତ ହୋଇ ନରହେ, ସେଥିପାଇଁ ପରିବାର ଓ ସମାଜ ସ୍ତରରେ ସଚେତନତା ସୃଷ୍ଟି ହେବା ନିହାତି ଜରୁରୀ । ନଚେତ୍ ଆଗାମୀ ଦିନରେ ଏହି ସବୁ ପାରମ୍ପରିକ ଖେଳ କେବଳ ଇତିହାସର ଏକ ଅଧ୍ୟାୟ ହୋଇ ରହିଯିବ।

+ବିଶ୍ୱେଶ୍ୱରପୁର ଶାସନ
କେନ୍ଦୁଝର ବଜାର
କେନ୍ଦୁଝର - ୭୫୮୦୦୨
ମୋ: ୭୦୦୮୨୪୧୨୮୭

# କେଏମସିର ସ୍ୱଚ୍ଛ ଅଭିଯାନ ଅସ୍ୱଚ୍ଛ !!



## ବିଜୟ କୁମାର ପୁଷ୍ଟି

ସ୍ୱଚ୍ଛ ଭାରତ ଅଭିଯାନ ଅନେକ ବର୍ଷ ତଳୁ ଆରମ୍ଭ ହେଲାଣି। ଦେଶରୁ ଅଳିଆ ଆବର୍ଜନା, ମଇଳା ଉଠାଇ ଏକ ସଫା ସୁତୁରା ପରିବେଶ ତିଆରି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମଟି କେତେ ସଫଳ ଆଉ କେତେ ବିଫଳ ତାହା ଭାତ ହାଣ୍ଡିରୁ ଗୋଟିଏ ପରି କଟକ ମୁନସିପାଲଟି କର୍ପୋରେସନ ଅନ୍ତର୍ଗତ ମର୍କତ ନଗରକୁ ଗୋଟିଏ ପ୍ରମାଣ ଭାବେ ନିଆଯାଉ। କହିବାକୁଗଲେ ଭାରତର ଏହି ବହୁଳ ପ୍ରଚାରିତ 'ସ୍ୱଚ୍ଛ ଅଭିଯାନରେ କେଏମସି ବହୁ ପଛରେ ପଡ଼ିଯାଇଛି। ନୂଆ କଟକ ଭାବେ ମର୍କତ ନଗର ଏକ ଅଭିବୃଦ୍ଧି ସମ୍ପନ୍ନ ଓ ବିକଶିତ ଅଞ୍ଚଳ। ଦିନକୁ ଦୁଇଥର ତ ଛାଡ଼ନ୍ତୁ ମର୍କତ ନଗରର ଅନେକ ଅଞ୍ଚଳ ଦିନକୁ ଥରେ ମଧ୍ୟ ସଫେଇ ହେଉନାହିଁ। ସରକାରୀ ଅର୍ଥ ଯାହା ଶ୍ରାଦ୍ଧ ହେଉଛି ସିନା କିନ୍ତୁ ମର୍କତନଗରବାସୀ ମଇଳା ଓ ଆବର୍ଜନା ପରିବେଶରେ ରହିବା ପାଇଁ ଏକ ପ୍ରକାର ବାଧ୍ୟ। ଗୋଟିଏ ଉଦାହରଣ ରଖୁଛୁ ସେକ୍ଟର ଛଅ ମାର୍କେଟ ଛକରୁ ସେକ୍ଟର ନଅ, ସେକ୍ଟର ଆଠ ଏବଂ ପରିବାର ମାର୍କେଟ ପରେ ରିଂ ରୋଡ଼କୁ ସଂଯୋଗ କରୁଥିବା ଲମ୍ବା ରାସ୍ତା ଯେଉଁ ରାସ୍ତାରେ ପ୍ରତିଦିନ ବସ ଟ୍ରକ ଏବଂ ଲୋକ ଚଳାଚଳ ସହ, ସହରର ଏକ ପ୍ରମୁଖ ରାସ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତାକୁ ଛୁଇଁଛି ଇଲେକ୍ଟ୍ରିକ ଅଫିସ ଯାହାର ନିକଟରେ କେଏମସିର ଅଳିଆ ଆବର୍ଜନା ଛୋଟିଆ ପାହାଡ଼ଟି ରହିଛି। କାରଣ କମ୍ପୋଷ୍ଟ ପ୍ରୋଜେକ୍ଟ ସରକାରଙ୍କର ଏକ ପ୍ରକାର ଦିଗହରା। ଯାହାର ଉଦାହରଣ ସତୀଚଉରା ପାଖରେ ଥିବା ଆବର୍ଜନା ବିଶୋଧନ କେନ୍ଦ୍ରକୁ ପ୍ରମାଣ ଭାବେ ନିଆଯାଇ ପାରେ।

କେଡ଼ିଏର ଏହି ଅଞ୍ଚଳରେ ଅନେକ ପ୍ରଭାବଶାଳୀ ଓ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବର୍ଗ ଓ ଅନୁଷ୍ଠାନ ସବୁ ରହିଛି। ଏହି ବାଟ ଦେଇ ମେୟରଙ୍କ ଠାରୁ କଲେକ୍ଟର, ସାଂସଦଙ୍କ ଠାରୁ ବିଧାୟିକା ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିୟମିତ ଯିବା ଆସିବା କରନ୍ତି। କିନ୍ତୁ ଏତେ ଅପରିଷ୍କାର ଓ ଆବର୍ଜନା ସତ୍ତ୍ୱେ ସମ୍ଭବତଃ ତାଙ୍କୁ ଏହା ଦିଶୁ ନଥାଇପାରେ ! ଏପରି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ କେଡ଼ିଏ ବାସିନ୍ଦା, ବୁଦ୍ଧିଜୀବୀ ବର୍ଗ ଅନେକ ଥର ଉଚ୍ଚଅଧିକାରୀଙ୍କୁ ଜଣାଉଥିଲେ ମଧ୍ୟ ଆବର୍ଜନାର ସ୍ତୁପ ବଢୁଥିଲେ ମଧ୍ୟ ଏହାର କୌଣସି ନିରାକରଣ ହୋଇପାରୁନାହିଁ। ମଝିରେ ଯେଉଁ ଲଗାଣ ବର୍ଷା ହେଲା ପ୍ରଥମତଃ ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ି ଲୋକଙ୍କ ଘରୁ ଆବର୍ଜନା ନେବା ପାଇଁ ଆସିଲେ ନାହିଁ କିନ୍ତୁ ସ୍ତୁପରେ ପାଣି ପଶି ଏହା ଏପରି ପରିସ୍ଥିତି ସୃଷ୍ଟିକଲା ଯେ ରାସ୍ତାରେ ଅଳିଆ ଆବର୍ଜନା ପାଣିରେ ମିଶି ଡ୍ରେନ ଗୁଡ଼ିକୁ ଅବରୋଧ କଲେ ଯାହାର ପରିଣତିସ୍ୱରୂପ ମୁଖ୍ୟ ଡ୍ରେନକୁ ଆଉ ଉଦ୍‌ବୃତ ଆବର୍ଜନା ପାଣି ଯାଇପାରିଲା ନାହିଁ। ଫଳସ୍ୱରୂପ ମର୍କତ ନଗରର ଅନେକ ଅଞ୍ଚଳରେ ତଳମହଲାରେ ଥିବା ଲୋକଙ୍କ ଘରେ ପାଣି ପଶିଗଲା। ମର୍କତ ନଗରର ବିଭିନ୍ନ ଡ୍ରେନ ଏକ ପ୍ରକାର ବୁଡ଼ିଯିବାରୁ ପାଦଚଲା ଲୋକ ଓ ଗାଡ଼ି ଚାଳକ ଜାଣି ନପାରି ଅନେକ ଛୋଟ ବଡ଼ ଦୁର୍ଘଟଣା ହେଲା, ଲୋକ ଖଣ୍ଡିଆଖାବରା ହେଲେ। ସେହିପରି ମର୍କତ ନଗରର ଏହି ରାସ୍ତାକୁ ଲାଗି ବଡ଼ ପରିବା ମାର୍କେଟ ରହିଥିବାରୁ ଓ ଆମିଷ ବିକ୍ରି ଦୋକାନର ବଡ଼ ବଜାର ଏହିଠାରେ ଥିବାରୁ ଫୋପଡ଼ା ପରିବା ଓ ଆମିଷର ବିକ୍ଷିପ୍ତ ଅଂଶ ଗୁଡ଼ିକ ଖାଇବା ପାଇଁ କୁକୁର, ବିଭିନ୍ନ ପକ୍ଷୀ ଓ ଗୋରୁଗାଈଙ୍କ ଏହିଠାରେ ଏକ ପ୍ରକାର ମେଳଣ ହୋଇଯାଏ। ଏହାର ପରିଣତି ସ୍ୱରୂପ ଲୋକେମାନେ ପ୍ରଥମତଃ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରନ୍ତି ଦ୍ୱିତୀୟତଃ ଷଣ୍ଢ ଲଢ଼େଇର ଶିକାର ହୋଇ ନିଜେ ବିପଦରେ ପଡ଼ନ୍ତି। ଅନେକ ଡ୍ରେନରେ ତାର ଜାଲି ପଡ଼ି ନଥିବାରୁ ମଣିଷଙ୍କ ଠାରୁ ଗୋରୁଗାଈଙ୍କ ପର୍ଯ୍ୟନ୍ତ ଖଣ୍ଡିଆଖାବରା ହୁଅନ୍ତି ସିନା ପ୍ରଶାସନ କିନ୍ତୁ ନିଦା ବିଷ୍ଣୁ।

ହଜାର ବର୍ଷର ପରିଚୟକୁ ନେଇ କଟକ ସହରର ପରିଚିତ। ମର୍କତ ନଗର ହେଉଛି ଏହି ସହରର ଏକ ଅନ୍ୟତମ ପ୍ରମୁଖ ଅଞ୍ଚଳ। ସହରର କେବଳ ନୁହଁ ରାଜ୍ୟର ଅନେକ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏଠାରେ ଅବସ୍ଥାନ କରନ୍ତି। ଅନେକ ନାମୀଦାମୀ ଶିକ୍ଷାନୁଷ୍ଠାନ ଠାରୁ ହସ୍ପିଟାଲ, ମନ୍ଦିର ଠାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ଏହି ଅଞ୍ଚଳ ସରକାରଙ୍କ ରାଜସ୍ୱ ମଧ୍ୟ ବଢ଼ାଉଛି। ମର୍କତ ନଗରର ଦୁଇପଟେ ରାଜ୍ୟର ସ୍ରୋତସ୍ୱନୀ ନଦୀ ରହିଛି। କିନ୍ତୁ ବିକାଶ କିପରି ଅଳିଆ ଆବର୍ଜନା ପରି ପୂତ ଗନ୍ଧମୟ ତାହା ଏହି ଆବର୍ଜନାରୁ ବଡ଼ ପ୍ରମାଣ ଭାବରେ ଦେଖାଯାଏ। ବର୍ତ୍ତମାନ ପାର୍ବଣ ଋତୁ ଚାଲିଛି ଆଗକୁ ଦଶହରା ତା ପଛକୁ ବାଲିଯାତ୍ରା ଏହିପରି ପରକୁ ପର ହୋଇ ଅନେକ ଛୋଟବଡ଼ ସ୍ଥାନୀୟ ପୂଜା ଓ ମେଳାମହୋତ୍ସବ ମଧ୍ୟ ରହିଛି। ପ୍ରଶାସନ ଟିକିଏ ନଜର ଦିଅନ୍ତୁ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଏବଂ ଲୋକଙ୍କ ସରକାର ରହିଛନ୍ତି ବୋଲି ସରକାର ବଡ଼ ଗର୍ବର ସହିତ ଘୋଷଣା କରୁଛନ୍ତି। ଓଡ଼ିଶାର ପ୍ରଗତିର ଚିତ୍ର ଏହି ମର୍କତ ନଗରର ଆବର୍ଜନା ସମସ୍ୟାକୁ ନେଇ ଅନେକ ସମାଲୋଚନା ଓ ପ୍ରତିବାଦ ବିଭିନ୍ନ ଗଣମାଧ୍ୟମର ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ଖବରଟି କେବେ ପ୍ରଶାସନର ନଜରକୁ ଆସିବ ସେହି ଅପେକ୍ଷାରେ ଆମେ !!

+ସମ୍ପାଦକ 'ନିରାମୟ', ମର୍କତ ନଗର, କଟକ,
ମୋ:୯୮୬୧୪୬୪୯୩୨

# ପ୍ରହସନ ପାଲଟିଛି ନର୍ସିଂ ଅଫିସରଙ୍କ ପଦୋନ୍ନତି



## ଶ୍ୟାମ ସୁନ୍ଦର ସାମଲ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପୁଣି ଲୋକଙ୍କ ସରକାର, କଥାଟି ହେଉଛି ଓଡ଼ିଶା ସରକାର କେନ୍ଦ୍ର ଠାରୁ ପ୍ରଚୁର ସହାୟତା ଓ ସହଯୋଗ ପାଇ ରାଜ୍ୟର ଅସଜଡ଼ା ଓ ଅସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନୀରୋଗ ରଖିବା ପାଇଁ ଅନେକ ଉଦ୍ୟମ କରୁଛନ୍ତି। ସେହିପରି କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହେଉଛି ପୂର୍ବ ଭାରତ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଯେଉଁଠି ଆସାମ ଠାରୁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଠାରୁ ଛତିଶଗଡ଼, ବିହାର ଠାରୁ ଝାଡ଼ଖଣ୍ଡ ରାଜ୍ୟର ରୋଗୀ ମାନଙ୍କ ଗହଳି ହେଉଛି ଏଇଠି। ଡାକ୍ତରଙ୍କ ପରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରନ୍ତି ନର୍ସିଂ ଅଫିସରମାନେ। ଯେଉଁମାନଙ୍କୁ ଆମେ ସାଧାରଣରେ ଫାର୍ମାସିଷ୍ଟ ବୋଲି ବୁଝୁ। ତେବେ ଏହି ଗୁରୁ ଦାୟିତ୍ୱ ନିର୍ବାହ କରୁଥିବା ନର୍ସିଂ ଅଫିସରମାନେ ନିଜ ବିଗିଡ଼ି ଯାଇଥିବା ବୃତ୍ତିଗତ କ୍ଷେତ୍ରର ଶୋଚନୀୟ ପରିସ୍ଥିତି ପାଇଁ କାହା ପାଖରେ ଦେହ ଦେଖାଇବେ, ଅଭିଯୋଗ କରିବେ? ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏସସିବି ମେଡ଼ିକାଲରେ ନର୍ସିଂ ଅଫିସରମାନଙ୍କୁ ସଠିକ ସମୟରେ ପଦୋନ୍ନତି ମିଳୁନାହିଁ। ଏପରିକି କିଛି ନର୍ସିଂ ଅଫିସରଙ୍କ ଚାକିରିକାଳ ସରିବାକୁ ବସିଥିଲେ ସୁଦ୍ଧା ପଦୋନ୍ନତି ପାଇପାରି ନାହାନ୍ତି। ବରିଷ୍ଠତା ଭିତ୍ତିରେ ପଦୋନ୍ନତି ନ ମିଳିବା ଯୋଗୁଁ ଅନେକ ସମସ୍ୟା ସାମ୍ନାକୁ ଆସୁଛି। ସମସ୍ୟା ଥିଲେ ବି ସମାଧାନ ହୋଇପାରୁନି। ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଏହାକୁ ନେଇ ଅନେକ ସମୟରେ ପ୍ରତିବାଦ ହେଉଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଜଣେ ନର୍ସିଂ ଅଫିସର ନିଯୁକ୍ତି ଛଅ ବର୍ଷ ପରେ ବରିଷ୍ଠ ନର୍ସିଂ ଅଫିସରକୁ ପଦୋନ୍ନତି ମିଳେ। ଏହାର ଦୁଇ ବର୍ଷ ପରେ ଜଣେ ବରିଷ୍ଠ ନର୍ସିଂ ଅଫିସର ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟ ଭାବେ ପଦୋନ୍ନତି ପାଇପାରିବେ। ସେବିକାମାନଙ୍କ ଦ୍ୱାରା ରୋଗୀ ସେବାକୁ ଅନୁଧ୍ୟାନ କରିବା ଆସିଷ୍ଟାଣ୍ଟ ନର୍ସିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ କାର୍ଯ୍ୟ। ଜଣେ ଆସିଷ୍ଟାଣ୍ଡ ନର୍ସିଂ ସୁପରିଟେଣ୍ଡେଣ୍ଟ ଦୁଇ ବର୍ଷ ପରେ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟକୁ ପଦୋନ୍ନତି ପାଇବେ। ପରେ ନର୍ସିଂ ସୁପରିଟେଣ୍ଡେଣ୍ଟକୁ ପଦୋନ୍ନତି ମିଳିବ। ତେବେ ମିଳିଥିବା ସୂଚନା ମୁତାବକ, ମେଡ଼ିକାଲରେ ନର୍ସିଂ ଅଫିସର ନିମନ୍ତେ ମଞ୍ଜୁରିପ୍ରାପ୍ତ ପଦ ସଂଖ୍ୟା୧୨୬୦। ମାତ୍ର ଏବେ ଅଛନ୍ତି ୧୦୨୦ ଜଣ। ଆସିଷ୍ଟାଣ୍ଟ ନର୍ସିଂ ସୁପରିଟେଣ୍ଡେଣ୍ଟ ମଞ୍ଜୁରୀପ୍ରାପ୍ତ ପଦ ସଂଖ୍ୟା ୧୧୬ ଥିଲେ ସୁଦ୍ଧା ୩୬ ଜଣ ଏହି ପଦରେ ଅଛନ୍ତି। ପଦୋନ୍ନତି ନ ମିଳିବା ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ମଞ୍ଜୁରିପ୍ରାପ୍ତ ଡେପୁଟି ନର୍ସିଂ ସୁପରିଟେଣ୍ଡେଣ୍ଟ ପଦ ସଂଖ୍ୟା ୧୬ ଥିବାବେଳେ ଏଥିରେ ୨ଜଣ କାର୍ଯ୍ୟ କରୁଚନ୍ତି। ଏଥି ନିମନ୍ତେ ମଧ୍ୟ ପଦୋନ୍ନତି ବିଳମ୍ବ ପ୍ରକ୍ରିୟାକୁ ଦାୟୀ କରାଯାଉଛି। ତେବେ କଥା ଭିତରେ କଥା ବି ରହିଛି, ରାଜ୍ୟ ନେତୃମଣ୍ଡଳୀ ଫର୍ମାସୀ ଅଫିସର ସଂଘକୁ ହାତକରି କିଛି ଚାକିରୀ ଛଅ ମାସ କିମ୍ବା ବର୍ଷେ ଥିବା ନର୍ସିଂ ଅଫିସରମାନେ କଟକକୁ ବଦଳି ହୋଇ କେବଳ ହାତ ଚିକ୍କଣ କରିବା ପାଇଁ ନୁହେଁ ସଂଘକୁ ବଟି ଦେବା ପାଇଁ କଟକ ବଡ଼ମେଡ଼ିକାଲକୁ ଆସୁଛନ୍ତି। ଏହା ଉଭୟ ସରକାରଙ୍କୁ ଲୁଟ ଓ ରୋଗୀଙ୍କୁ ମଧ୍ୟ ଲୁଟ। ଏ କ୍ଷେତ୍ରରେ ନର୍ସିଂ ଅଫିସର ସଂଘ କାହିଁକି ଉତ୍ତରଦାୟୀ ରହିବ ନାହିଁ? ତଦନୁରୂପ ଫାର୍ମାସୀ ଅଫିସର ସଂଘକୁ ବି ଏଭଳି କାମ କରୁଛି।

ପ୍ରକାଶଯୋଗ୍ୟ, ରାଜ୍ୟରେ ୧୬ ହଜାର ୩୪୨ ମଞ୍ଜୁରୀ ପ୍ରାପ୍ତ ନର୍ସିଂ ଅଫିସର ଥିବାବେଳେ ୧୨୧୬ ପଦ ଫାଙ୍କା ପଡ଼ିଛି। ହେଲେ ଜଣେ ବି ସିନିୟର ନର୍ସିଂ ଅଫିସର ନାହାନ୍ତି। ୭୯୯୭ରୁ ସବୁ ପଦ ଫାଙ୍କା ପଡ଼ିଛି। ସେହିପରି ସହକାରୀ ନର୍ସିଂ ଅଧୀକ୍ଷକ ପାଇଁ ୩୬୩୬ ପଦରୁ ୬୨ ଜଣଙ୍କୁ ନିଯୁକ୍ତି ମିଳିଛି। ବାକି ୩୫୭୪ ପଦ ଫାଙ୍କା ପଡ଼ିଛି। ଡେପୁଟି ନର୍ସିଂ ଅଧୀକ୍ଷକ ୬୦୬ରୁ ୫୬୩ ପଦ ଫାଙ୍କା ପଡ଼ିଛି। ରାଜ୍ୟରେ ଥିବା ସରକାରୀ ନର୍ସିଂ କଲେଜ ଗୁଡ଼ିକରେ ସବୁ ନର୍ସିଂ ଅଧୀକ୍ଷକ ପଦ ଖାଲି। ୧୦୧ ପଦରୁ ସମସ୍ତ ପଦ ଫାଙ୍କା ପଡ଼ିଛି। ଏପରିକି ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ଏସସିବି ମେଡ଼ିକାଲ କଲେଜରେ ମଧ୍ୟ ନର୍ସିଂ ଅଧୀକ୍ଷକ ପଦ ଫାଙ୍କା ପଡ଼ିଛି। ପ୍ରାୟ ଦେଢ଼ ବର୍ଷ ହେବ କାମଚଳା ନର୍ସିଂ ଅଧୀକ୍ଷକଙ୍କ ଦ୍ୱାରା କାର୍ଯ୍ୟ ଚାଲିଛି। ସେବିକାମାନେ ସ୍ୱାସ୍ଥ୍ୟସେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି। ଯେଉଁ ସମୟରେ ନିଜ ଲୋକମାନେ ମଧ୍ୟ ସେବାଯତ୍ନ, ବିଶେଷକରି ଦୀର୍ଘଦିନ ଧରି ପୀଡ଼ିତମାନଙ୍କର ସେବାଯତ୍ନ ନେବାକୁ କଷ୍ଟ ମନେକରନ୍ତି, ସେବିକାମାନେ ନିଜର ଡାକ୍ତରୀ ସେବା, ଯତ୍ନ ଓ ଶୁଶ୍ରୁଷା ଦ୍ୱାରା ରୋଗୀକୁ ନୂଆ ଜୀବନ ଦେଇଥାଆନ୍ତି। ଏମାନଙ୍କ ପଦୋନ୍ନତି ପ୍ରତି କାହିଁକି ଦୃଷ୍ଟି ଦିଆଯାଉନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଥାଟି ଖାଲି ପ୍ରଶ୍ନବାଚୀରେ ନ ରହି ଏହାର ନିରାକରଣ ଓ ଦାବୀ ପ୍ରସଙ୍ଗ ଗୁଡ଼ିକୁ କିପରି ଆନ୍ତରିକତାର ସହିତ ନିର୍ବାହ କରଯାଇପାରିବ ତାହା ହିଁ ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ।

+ବିଡ଼ାନାସୀ, କଟକ,
ମୋ: ୯୭୭୮୬୩୫୯୨୬

କବିତା କୋଣାର୍କ

## ସୂକ୍ଷ୍ମ ଚିନ୍ତନ

### ଚତୁର୍ଭୁଜ ସାହୁ

ବୁଢୀଆଣି ଜାଲ ସୂକ୍ଷ୍ମ ସୂତାର
ସୂକ୍ଷ୍ମ ବିଚାରଧାରା,
କାହିଁକି ବା କିଏ ସାଇତି ରଖିବ
ସତେକି ଆକାଶ ତାରା ।
ଆକାଶ ତାରାଠୁ
ଆହୁରି ସୁନ୍ଦର
ସୁମହତ ବାର୍ତ୍ତା ଦେଇ,
ସୂକ୍ଷ୍ମ ଚେତନାର
ବିକାଶ ପ୍ରତିଭା
ଅନ୍ତର୍ନିହିତ ଯହିଁ ।
ଛୋଟ ପୁଣି କରେ ବିରାଟ ସାଧନ
ଛୋଟରୁ ହୋଇଣ ବଡ,
ଛୋଟ ମଧେ ଅଛି ଯେଉଁ ବଡପଣ
ବୁଝି ପାରେନାହିଁ ଜଡ ।
ବୁଢ଼ୀ ଆଣି ସୂତା ବୁଢ଼ୀ ମାଁ ଗପ
ଅସରାଏ ବର୍ଷା ପାଣି,
ନିତ୍ୟାନନ୍ଦ ଭାବ ଯହିଁ ପ୍ରସ୍ଫୁଟିତ
ଅଧମ ପାରେନା ଜାଣି ।
ସୂକ୍ଷ୍ମ ଚେତନାର ହେଉ ବିକଶିତ
ସ୍ଥୂଳ ପରିଚୟ ବିନା,
ନୀତି ଅନୀତି ର ବିଚାରବୋଧରେ
ହୋଇବା ଜଗତ ଜିଣା ।
ସମୁଦ୍ର ମଧ୍ୟରେ ନାବିକ ପ୍ରାୟେକ
ଦିଶାହୀନ ଏ ମଣିଷ,
ପ୍ରକୃତିକୁ ଭୁଲି ବିଜ୍ଞାନ ନାଁ ରେ
ଭୁଲି ଯାଇଛି ତା' ହସ ।
କି ସୁନ୍ଦର ଆହା ବିଶାଳ ସଂସାର
ଗଢ଼ିଛନ୍ତି ବିଶ୍ୱ ପତି,
ସୂକ୍ଷ୍ମ ମଧେ ଅଛି ବିଶ୍ୱରପ ଯହିଁ
ଲଗାଅ ସେଇଠି ମତି ।
ହେ ତୁଚ୍ଛ ମଣିଷ ଭାବର ଅଭାବୀ
ଗାଅ ପ୍ରକୃତିର ଗାଥା,
ହସିବ ଜଗତ ହସିବା ସଭିଏଁ
ଉଚ୍ଚ କରି ବାରେ ମଥା ।

+ସରକାରୀ ଉଚ୍ଚ ବିଦ୍ୟାଳୟ,
ଓଷ୍ଟାପାଲି କିଶୋରନଗର ଅନୁଗୋଳ
ମୋ:୭୯୭୮୬୯୪୫୧୬

## ପ୍ରିୟା ମୋ ନିଆରା ଲାଗଇ

### ଜୟନ୍ତ କୁମାର ମଲ୍ଲିକ୍

ରୂପରେ ଗୁଣରେ କାମରେ ପ୍ରେମରେ
ପ୍ରିୟା ମୋ ନିଆରା ଲାଗଇ
ସବୁବେଳେ ହସ ଖୁସିରେ ରୁହଇ
ବେଳେ ବେଳେ ସିଏ ରାଗଇ ।

ଅଭିମାନ କରି ଦିନେ ଦୁଇଦିନ
ମୋ ସାଥିରେ କଥା ହୁଏନା
ତା' ପର ଦିନ ସେ ଗପେ ରାତିସାରା
ଯେତେ କହିଲେବି ଶୁଏନା ।

ଗୋଟି ଗୋଟି କରି ପୁରୁଣା ସ୍ମୃତିକୁ
ଫୁଲମାଳ ପରି ସଜାଏ
ମନ ବୃନ୍ଦାବନେ ରାଧିକା ସାଜିକି
ପ୍ରୀତିର ମୂରଲୀ ବଜାଏ ।

ନିନ୍ଦା ଅପବାଦ ଖାତିରି ନକରି ମତେ
ସେ ନିଜର ମଣଇ
ଆମ ମିଳନର ଆଗାମୀ ଦିନକ
ପ୍ରତି ମୁହୂର୍ତ୍ତରେ ଗଣଇ ।

+ଶୂରଡିହ. ନନ୍ଦିପୁର.
ଦଶରଥପୁର. ଯାଜପୁର
ମୋ:-୯୪୩୭୮୬୫୭୨୭




ପ୍ରାୟତଃ ଅନେକ ଲୋକଙ୍କୁ ଚିକେନ୍ ବିରିୟାନୀ ଖାଇବା ଭାରି ପସନ୍ଦ । ଆମିଷ ବାର ପଡ଼ିଗଲେ ଖାଇବାଟା ଜମିଲା । ନନଭେଜ୍ , ଭେଜ୍ ବିରିୟାନୀ ଏମିତି ଅଲଗା ଭେରାଇଟିର ବିରିୟାନୀ ଖାଇବା ପରେ ଅନେକ ଲୋକ ହଜମ କରିବା ପାଇଁ କାର୍ବୋନେଟେଡ୍ ସଫ୍ଟ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରିଥା'ନ୍ତି । ଅନେକ ସମୟରୁ ଆମ ମନରେ ଏହି ଧାରଣା ରହିଆସିଛି ଯେ ଖାଇବା ପରେ ମୃଦୁପାନୀୟ ସେବନ କଲେ ଖାଦ୍ୟ ସହଜରେ ହଜମ ହୋଇଯାଏ । କିନ୍ତୁ ବିଶେଷଜ୍ଞ ଏହାର ଓଲଟା କୁହନ୍ତି ଅର୍ଥାତ ଖାଇବା ପରେ କୋଲ୍ଡ୍ ଡ୍ରିଙ୍କ୍ସ ଆଦୌ ପିଇବା ଉଚିତ ନୁହେଁ । ଏମିତିକି ଖାଇବାର ତୁରନ୍ତ ପରେ ପାଣି ମଧ୍ୟ ପିଇବା ଠିକ୍ ନୁହେଁ ବୋଲି କୁହନ୍ତି ବିଶେଷଜ୍ଞ । ଯଦି ପେଟ ଭାରି ଭାରି ଲାଗୁଛି ତା'ହେଲେ ଖାଇବାର କିଛି ସମୟ ବ୍ୟବଧାନରେ ପାଣି ପିଇପାରିବେ । କୋଲ୍ଡ୍ ଡ୍ରିଙ୍କ୍ସରେ ଅଧିକ ପରିମାଣର କାର୍ବନ ଡାଇଅକ୍ସାଇଡ୍ ଏବଂ ଚିନି ଥାଏ । ଅଳେଇଚ, ଲବଙ୍ଗ ଏବଂ ଡାଲଚିନି ପରି ମସଲା ହେତୁ ବିରିୟାନୀ ମଧ୍ୟ ଅମ୍ଳୀୟ ହୋଇଥାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ବିନା ଏହି ଦୁଇଟିକୁ ସେବନ କରିବା ଦ୍ୱାରା ଶରୀରରେ ଅମ୍ଳୀୟତା ସ୍ତର ବଢ଼ିପାରେ । ବିଶେଷଜ୍ଞମାନେ ଅଧିକ ଚିନି ଥିବା ଭାରୀ ଖାଦ୍ୟ ସେବନ କରିବା ସମୟରେ କୋଲ୍ଡ୍ ଡ୍ରିଙ୍କ୍ସରୁ ଦୂରେଇ ରହିବାକୁ ପରାମର୍ଶ ଦିଅନ୍ତି । କାର୍ବୋନେଟେଡ୍ ପାନୀୟଗୁଡ଼ିକ ପେଟ ଫୁଲିବା ଏବଂ ହଜମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରନ୍ତି । ଏହା ପରିବର୍ତ୍ତେ ବିରିୟାନୀ ଖାଇବାର ଏକ ଘଣ୍ଟା ପରେ ଅଣ-କାର୍ବୋନେଟେଡ୍ ପାନୀୟ ସେବନ କରିବାକୁ ପରାମର୍ଶ ଦିଆଯାଏ । ତେବେ ବିରିୟାନୀ ଖାଇବା ପରେ କେଉଁ ପାନୀୟ ପିଇବା ଦେହ ପାଇଁ ଭଲ ଆସନ୍ତୁ ଜାଣିବା । ସ୍ୱାଦିଷ୍ଟ ବିରିୟାନୀ ଖାଇବା ପରେ ଆପଣ ଦହିଘୋଳ ପିଇ ପାରିବେ । ଲହୁଣୀ,ପାଣି, ଅଦା, କଞ୍ଚା ଲଙ୍କା ଏବଂ ଭୃସୁଙ୍ଗା ପତ୍ରର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଚହ୍ଲା ପିଇପାରିବେ । ଭାରତରେ ଏହି ପାରମ୍ପରିକ ପାନୀୟର ପ୍ରଚଳନ ଅନେକ ବର୍ଷରୁ ହୋଇଆସୁଛି । ଚହ୍ଲା ଖାଦ୍ୟକୁ ତୁରନ୍ତ ହଜମ କରାଇଥାଏ । ଠିକ୍ ସେହିପରି ଆପଣ ପୁଦିନା ଲେମ୍ବୁ ପାଣି ମଧ୍ୟ ବିରିୟାନୀ ଖାଇବା ପରେ ପିଇପାରିବେ । ଲେମ୍ବୁ, ପୁଦିନା ପତ୍ର, ଚିନି ଏବଂ ପାଣି ମିଶାଇ ତିଆରି ହୋଇଥିବା ଏହି ପାନୀୟ ସତେଜ ଏବଂ ପୁଦିନା ପରି ସ୍ୱାଦିଷ୍ଟ ହୋଇଥାଏ ଯାହା ପେଟ ସଫା କରିବାରେ ସାହାଯ୍ୟ କରେ । ଖାସ୍ କରି ଗ୍ରୀଷ୍ମ ଋତୁରେ ଏହି ପାନୀୟର ଅଧିକ ଚାହିଦା ଥାଏ । ଘରୁ ଆରମ୍ଭ କରି ରେଷ୍ଟୁରାଣ୍ଟ୍ ପର୍ଯ୍ୟନ୍ତ ପୁଦିନା ଲେମ୍ବୁ ପାଣି ସବୁଠାରେ ସହଜରେ ମିଳିଯାଏ । ବିରିୟାନୀ ଖାଇବା ପରେ କୋଲ୍ଡ୍ରିଙ୍କ୍ ବଦଳରେ ଆପଣ ଫଳରସ ପିଇପାରିବେ । ଆମ୍ବ, ପିଜୁଳି ଏବଂ ଡାଳିମ୍ବ ପରି ସତେଜ ଫଳର ଜୁସ୍ ସହଜରେ ହଜମ ହେବା ସହ ଦେହ ପାଇଁ ମଧ୍ୟ ସ୍ୱାସ୍ଥ୍ୟକର ବୋଲି କୁହାଯାଏ । ଏହି ଫଳରସ ଭିଟାମିନ୍, ଖଣିଜ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ସତେଜ ଡୋଜ୍ ପ୍ରଦାନ କରେ । ସତେଜ ଫଳ ରସ ଜୁସ୍ ଦୋକାନ, କାଫେ ଏବଂ ରେଷ୍ଟୁରାଣ୍ଟରେ ସହଜରେ ମିଳିଥାଏ ।

## ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

## ଧୂମପାନ କରୁନାହାନ୍ତି ତଥାପି ବିପଦରେ ଫୁସଫୁସ, ଏହି ୭ ଅଭ୍ୟାସରୁ ରୁହନ୍ତୁ ସାବଧାନ



ଧୂମପାନ କରୁନାହାନ୍ତି, ତଥାପି ଫୁସଫୁସ ପାଇଁ ବିପଦ ରହିଛି ! ଆପଣଙ୍କ ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ଧୀରେ ଧୀରେ ଫୁସଫୁସର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ । କେବଳ ସିଗାରେଟ୍ ଧୂଆଁ ନୁହେଁ, ବାୟୁ ପ୍ରଦୂଷଣଠାରୁ ଆରମ୍ଭ କରି ଘର ଭିତରର ଧୂଆଁ ପର୍ଯ୍ୟନ୍ତ ଅନେକ କାରଣ ରହିଛି । ପ୍ରଥମେ ହେଉଛି ବାୟୁ ପ୍ରଦୂଷଣ । ଗାଡ଼ିର ଧୂଆଁ, ଧୂଳିକଣା ଏବଂ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ପ୍ରଦୂଷିତ ପଦାର୍ଥ ଦୀର୍ଘ ସମୟ ଧରି ଶ୍ୱାସରେ ଯିବା ଦ୍ୱାରା କାଶ ଓ ଶ୍ୱାସକ୍ରିୟା ସମସ୍ୟା ହୋଇପାରେ ।

ଦ୍ୱିତୀୟରେ ରହିଛି ଘର ଭିତରର ପ୍ରଦୂଷଣ । ରୋଷେଇ ଘରର ଧୂଆଁ, କାଠ କିମ୍ବା ଅନ୍ୟ ବାୟୋମାସ୍ ଇନ୍ଧନର ଧୂଆଁ, ଧୂପ ଓ ମଶାଧୂପର ଧୂଆଁ ଏବଂ ଖରାପ ଭେଣ୍ଟିଲେସନ୍ ଫୁସଫୁସ ପାଇଁ କ୍ଷତିକାରକ ହୋଇପାରେ । ତୃତୀୟରେ କର୍ମକ୍ଷେତ୍ରର ବିପଦ । ନିର୍ମାଣ, କାରଖାନା, ଲାବୋରେଟୋରୀ ଭଳି ସ୍ଥାନରେ ଧୂଳି, ରାସାୟନିକ ବାଷ୍ପ ଓ ଶିଳ୍ପଜାତ କଣିକା ସହ ଦୀର୍ଘ ସମୟ ଧରି ସମ୍ପର୍କ ଶ୍ୱାସକ୍ରିୟାକୁ ପ୍ରଭାବିତ କରିପାରେ ।

ଚତୁର୍ଥରେ ପରୋକ୍ଷ ଧୂମପାନ ବା ସେକେଣ୍ଡହ୍ୟାଣ୍ଡ ସ୍ମୋକ୍ । ନିଜେ ସିଗାରେଟ୍ ନ ଟାଣିଲେ ବି ଆଖପାଖରେ କେହି ଧୂମପାନ କଲେ ତାହାର ଧୂଆଁ ଆପଣଙ୍କ ଶରୀରକୁ ପ୍ରବେଶ କରିପାରେ । ପଞ୍ଚମରେ ରଙ୍ଗ, ସଲଭେଣ୍ଟ ଓ କ୍ଲିନିଂ ପ୍ରଡକ୍ଟର ବାଷ୍ପ । ବନ୍ଦ ଘରେ ଏହି ସାମଗ୍ରୀର ତୀବ୍ର ଗନ୍ଧ ଓ ରାସାୟନିକ ବାଷ୍ପ ଦୀର୍ଘ ସମୟ ଶ୍ୱାସରେ ନେଲେ ଶ୍ୱାସନଳୀରେ ଇରିଟେସନ୍ ହୋଇପାରେ ।

ଷଷ୍ଠରେ ଶାରୀରିକ ନିଷ୍କ୍ରିୟତା । ବ୍ୟାୟାମ ନକରିବା ସିଧାସଳଖ ଭାବେ ଫୁସଫୁସକୁ ନଷ୍ଟ କରେନାହିଁ, କିନ୍ତୁ ଶରୀରର କାର୍ଡିଓ-ରେସ୍ପିରେଟୋରୀ ଫିଟନେସ୍ କମାଇପାରେ । ଫଳରେ ସାଧାରଣ କାମରେ ମଧ୍ୟ ଶୀଘ୍ର ଧଇଁସଇଁ ଲାଗିପାରେ । ସପ୍ତମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ—ଲକ୍ଷଣକୁ ଅଣଦେଖା କରିବା । ଲଗାତାର କାଶ, ଘଡ଼ଘଡ଼ ଶବ୍ଦରେ ଶ୍ୱାସ ନେବା, ଛାତିରେ ଅସୁବିଧା କିମ୍ବା କାରଣ ନଥାଇ ଶ୍ୱାସକଷ୍ଟ ହେଉଥିଲେ ଏହାକୁ କେବଳ ପାଣିପାଗ କିମ୍ବା ପ୍ରଦୂଷଣର ପ୍ରଭାବ ଭାବି ଅଣଦେଖା କରନ୍ତୁ ନାହିଁ ।

ତେଣୁ ଫୁସଫୁସର ସୁରକ୍ଷା ପାଇଁ କେବଳ ଧୂମପାନରୁ ଦୂରେଇ ରହିବା ଯଥେଷ୍ଟ ନୁହେଁ । ପ୍ରଦୂଷଣରୁ ସୁରକ୍ଷା, ଘରେ ଭଲ ଭେଣ୍ଟିଲେସନ୍, କର୍ମକ୍ଷେତ୍ରରେ ସୁରକ୍ଷା ନିୟମ ପାଳନ ଏବଂ ନିୟମିତ ଶାରୀରିକ କାର୍ଯ୍ୟକଳାପ ମଧ୍ୟ ଜରୁରୀ । ଆଉ ଶ୍ୱାସକ୍ରିୟା ସମ୍ବନ୍ଧୀୟ କୌଣସି ଲକ୍ଷଣ ଲଗାତାର ରହିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସାବଧାନ ! ଆଖିର ଦୃଷ୍ଟି ଛଡ଼ାଇ ନେଇପାରେ ହାଇ ବ୍ଲଡ୍ ସୁଗାର, ଜାଣନ୍ତୁ ପ୍ରାରମ୍ଭିକ ଲକ୍ଷଣ

ଭାରତରେ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ଲଗାତାର ବଢ଼ିଚାଲିଛି । ଡାଇବେଟିସ୍ କେବଳ ହୃଦୟ ଓ କିଡ୍ନୀକୁ ପ୍ରଭାବିତ କରେ ନାହିଁ, ଏହା ଆଖିର ଦୃଷ୍ଟିଶକ୍ତି ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ । ଦୀର୍ଘ ସମୟ ଧରି ବ୍ଲଡ୍ ସୁଗାର ଅଧିକ ରହିଲେ ଆଖିର ରେଟିନାରେ ଥିବା କ୍ଷୁଦ୍ର ରକ୍ତନଳୀଗୁଡ଼ିକ କ୍ଷତିଗ୍ରସ୍ତ ହୋଇପାରେ । ଏହି ସମସ୍ୟାକୁ ଡାଇବେଟିକ୍ ରେଟିନୋପାଥି କୁହାଯାଏ ।

### ଡାଇବେଟିସ୍ କିପରି ନଷ୍ଟ କରେ ଆଖିର ଦୃଷ୍ଟି ?

ଆଖିର ପଛପଟେ ଥିବା ରେଟିନା ଏକ ସମ୍ବେଦନଶୀଳ ଟିସ୍ୟୁ । ଏହା ଆଲୋକକୁ ସିଗ୍ନାଲ୍‌ରେ ପରିଣତ କରି ମସ୍ତିଷ୍କକୁ ପଠାଇଥାଏ । ରେଟିନାକୁ ରକ୍ତ ଯୋଗାଉଥିବା ଅତି କ୍ଷୁଦ୍ର ରକ୍ତନଳୀରେ ଦୀର୍ଘ ସମୟ ଧରି ଅଧିକ ବ୍ଲଡ୍ ସୁଗାର ରହିଲେ କ୍ଷତି ହୋଇପାରେ । ଏହି ରକ୍ତନଳୀ ଦୁର୍ବଳ ହୋଇ ତରଳ ପଦାର୍ଥ କିମ୍ବା ରକ୍ତ ଲିକ୍ କରିପାରେ । କେତେକ କ୍ଷେତ୍ରରେ ରକ୍ତନଳୀରେ ବ୍ଲକେଜ୍ ମଧ୍ୟ ହୋଇପାରେ। ଫଳରେ ରେଟିନାକୁ ଆବଶ୍ୟକ ଅକ୍ସିଜେନ୍ ଓ ପୋଷକତତ୍ତ୍ୱ ମିଳିବାରେ ସମସ୍ୟା ହୁଏ । ରୋଗ ବଢ଼ିଲେ ଆଖିରେ ନୂଆ କିନ୍ତୁ ଦୁର୍ବଳ ରକ୍ତନଳୀ ସୃଷ୍ଟି ହୋଇପାରେ । ଏଥିରୁ ରକ୍ତସ୍ରାବ ଏବଂ ସ୍କାର ଟିସ୍ୟୁ ହେବାର ଆଶଙ୍କା ରହେ। ଗୁରୁତର ସ୍ଥିତିରେ ଦୃଷ୍ଟିଶକ୍ତି ମଧ୍ୟ ହ୍ରାସ ପାଇପାରେ।

### ଆଖିରେ ଆଉ ଏକ ସମସ୍ୟା କରିପାରେ ଡାଇବେଟିସ୍

ଡାଇବେଟିସ୍ ଯୋଗୁଁ ଡାଇବେଟିକ୍ ମ୍ୟାକ୍ୟୁଲାର ଏଡିମା ମଧ୍ୟ ହୋଇପାରେ । ଏଥିରେ ରେଟିନାର ମ୍ୟାକ୍ୟୁଲା ଅଞ୍ଚଳରେ ତରଳ ପଦାର୍ଥ ଜମା ହୋଇ ମଝି ଦୃଷ୍ଟି ଧୁସର ହୋଇପାରେ । ଡାଇବେଟିକ୍ ରେଟିନୋପାଥିର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି—ପ୍ରାରମ୍ଭିକ ପର୍ଯ୍ୟାୟରେ ଅନେକ ସମୟରେ କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଯାଏ ନାହିଁ । ତେଣୁ ଦୃଷ୍ଟି ସାଧାରଣ ଲାଗୁଛି ବୋଲି ଆଖି ପରୀକ୍ଷାକୁ ଅଣଦେଖା କରିବା ଠିକ୍ ନୁହେଁ ।

### ରୋଗ ବଢ଼ିଲେ ଏହି ଲକ୍ଷଣଗୁଡ଼ିକ ଦେଖାଦେଇପାରେ—




- ଆଖିକୁ ଧୁସର ଦେଖାଯିବା
- କେତେବେଳେ ସ୍ପଷ୍ଟ ଓ କେତେବେଳେ ଧୁସର ଦେଖାଯିବା
- ଆଖି ସାମ୍ନାରେ ଛୋଟ ଛୋଟ ଦାଗ ବା ଫ୍ଲୋଟର୍ସ ଦେଖାଯିବା
- ଆଲୋକର ଝଲକ ଅନୁଭବ ହେବା
- ରଙ୍ଗ ଚିହ୍ନିବାରେ ପରିବର୍ତ୍ତନ
- ରାତିରେ ଦେଖିବାରେ ସମସ୍ୟା
- ଦୃଷ୍ଟିର କୌଣସି ଅଂଶ ଅନ୍ଧାର ଲାଗିବା
- ଗୁରୁତର ଅବସ୍ଥାରେ ଦୃଷ୍ଟିଶକ୍ତି ହ୍ରାସ ପାଇବା

ସମୟ ପୂର୍ବରୁ ଆଖିର ସମସ୍ୟା ଚିହ୍ନଟ ହୋଇ ଉପଯୁକ୍ତ ଚିକିତ୍ସା ଆରମ୍ଭ ହେଲେ ଗୁରୁତର ଦୃଷ୍ଟିହାନିର ଆଶଙ୍କାକୁ ଅନେକାଂଶରେ କମାଇହେବ । ଏଥିପାଇଁ କେବଳ ଚଷମା କିମ୍ବା ଆଖି ଡ୍ରପ୍ ଉପରେ ନିର୍ଭର ନକରି ବ୍ଲଡ୍ ସୁଗାର, ବ୍ଲଡ୍ ପ୍ରେସର ଓ କୋଲେଷ୍ଟେରଲ୍ ନିୟନ୍ତ୍ରଣରେ ରଖିବା ଗୁରୁତ୍ୱପୂର୍ଣ୍ଣ । ଧୂମପାନରୁ ଦୂରେଇ ରହିବା ଏବଂ ନିୟମିତ ଭାବେ ଆଖି ପରୀକ୍ଷା କରାଇବା ମଧ୍ୟ ଜରୁରୀ । ଡାଇବେଟିସ୍ ଥିଲେ ଆଖିରେ କୌଣସି ନୂଆ ପରିବର୍ତ୍ତନ ଦେଖାଦେଲେ ଶୀଘ୍ର ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ ।

## ପେଟ ଦରଜ ହୋଇପାରେ ଗଲ୍ ବ୍ଲାଡର୍ ଷ୍ଟୋନ ସଙ୍କେତ: ଜାଣି ରଖନ୍ତୁ ଏହାର ଲକ୍ଷଣ ଓ ଉପଚାର



ଆଜିକାଲି ଆମ ଆଖପାଖ ବା ଜଣାଶୁଣା ଲୋକଙ୍କ ଭିତରେ ଅନେକଙ୍କ ପାଖରେ ପଥୁରୀ ସମସ୍ୟା ଦେଖିବାକୁ ମିଳୁଛି । ବିଶେଷ କରି ଗଲ୍ ବ୍ଲାଡର୍ ଷ୍ଟୋନ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଉ ଏ ସମସ୍ୟା ହେଲେ ଆରମ୍ଭରୁ ହିଁ ଏହାର ଲକ୍ଷଣ ଜଣାପଡ଼ି ଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସର୍ଭେ ଅନୁସାରେ, ପାଖାପାଖି ୮ ପ୍ରତିଶତ ଲୋକଙ୍କଠାରେ ଗଲ୍ ବ୍ଲାଡର୍ ସମସ୍ୟା ଦେଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୁଲ ତରିକାରେ ଖାଇବା ପିଇବା , ମୋଟାପଣ, ଏବଂ ଅନିୟମିତ ଜୀବନଶୈଳୀ ଏହାର ମୁଖ୍ୟ କାରଣ । ସମୟରେ ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ନଦେବା ଆମ ପାଇଁ ଗଭୀର ସମସ୍ୟା ଆଣିପାରେ । ଏଥିପାଇଁ ଆମ ପାଖରେ ସଠିକ୍ ତଥ୍ୟ ରହିବା ଦରକାର । ଖାଦ୍ୟ ହଜମ ପାଇଁ ଆବଶ୍ୟକ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ମୁଖ୍ୟ ସମସ୍ୟା ହେଉଛି ଏଥିରେ ଷ୍ଟୋନ୍ ହେବାର ଆଶଙ୍କା ଅଧିକ ଥାଏ , ଯାହାକୁ ଗଲ୍ ଷ୍ଟୋନ୍ ବୋଲି କୁହାଯାଏ । ଯେବେ. ଗଲ୍ ବ୍ଲାଡରରେ ତରଳ ପଦାର୍ଥର ମାତ୍ରା ଶୁଖିବାକୁ ଲାଗେ ଏଥିରେ ଥିବା ସର୍କରା ଏବଂ ଲବଣାକ୍ତ ଉପାଦାନ ଏବଂ ଅନ୍ୟ ମାଇକ୍ରୋନ୍ୟୁଟ୍ରିଏଣ୍ଟ ତତ୍ତ୍ୱ ମିଶି ଜମା ହୋଇ ଛୋଟ ଛୋଟ ପଥର ଟୁକୁଡ଼ାର ଆକାର ଧାରଣ କରେ । ଏହାକୁ ଗଲ୍ ଷ୍ଟ୍ରୋନ୍ କୁହାଯାଏ । ଗଲ୍ ବ୍ଲାଡର ଷ୍ଟୋନ୍ ଦୁଇ ପ୍ରକାରର ହୋଇଥାଏ । କୋଲେଷ୍ଟ୍ରଲ୍ ଏବଂ ପିଗମେଣ୍ଟ୍ । କୋଲେଷ୍ଟ୍ରଲ ଷ୍ଟୋନ୍ ଈଷତ୍ ହଳିଦୀ ରଙ୍ଗର ହୋଇଥାଏ। ମେଦବହୁଳର ଶିକାର ହୋଇଥିବା ବ୍ୟକ୍ତି ଏବଂ ମହିଳାମାନଙ୍କଠାରେ କୋଲେଷ୍ଟ୍ରଲ୍ ଷ୍ଟୋନ୍ ସମସ୍ୟା ଦେଖାଯାଏ । କିନ୍ତୁ ଯେବେ ବ୍ଲାଡରରେ କଳା କିମ୍ବା ଧୂସର ରଙ୍ଗର ଷ୍ଟୋନ୍ ଦେଖାଯାଏ ଜାଣିବେ ପିଗମେଣ୍ଟ ଷ୍ଟୋନ୍ ହୋଇଛି।

ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ :

ଆରମ୍ଭରୁ ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ ଜଣାପଡ଼େ । ଡେରି କଲେ ଏ ସମସ୍ୟା ଗୁରୁତର ହୋଇପାରେ । ତେବେ ଗଲ୍ ବ୍ଲାଡର ହୋଇଥିଲେ ପେଟର ଉପରି ଭାଗ ଦରଜ ହେବା,ଅଧିକ ମାତ୍ରାରେ ଗ୍ୟାସ୍ ସମସ୍ୟା ହେବା, ପେଟରେ ଭାରୀପଣ ଲାଗିବା, ବାନ୍ତି ହେବା, ଝାଳ ବାହାରିବା, ପରି ଲକ୍ଷଣ ଦେଖାଯାଏ । ତେବେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମର ଅଭାବ, ଅଧିକ ତେଲ ମସଲା ଖାଇବା, ଗଲ୍ ବ୍ଲାଡର ଷ୍ଟୋନ ହେବା ପାଇଁ ଦାୟୀ । ଦୀର୍ଘ ଦିନ ଯାଏଁ ଗର୍ଭ ନିରୋଧକ ଔଷଧ ଖାଇବା, କିମ୍ବା ହର୍ମୋନ୍ ରିପ୍ଲେସମେଣ୍ଟ ଥେରାପି ନେଉଥିବା ମହିଳାଙ୍କଠାରେ ବି ଗଲ୍ ବ୍ଲାଡର ଷ୍ଟୋନ ସମସ୍ୟା ହେବାର ଅଧିକ ଆଶଙ୍କା ଥାଏ । ଶରୀର ଓଜନ କମାଇବାକୁ ଲଗାତାର ଔଷଧ ଖାଉଥିଲେ ବି ଏ ସମସ୍ୟା ଦେଖାଯାଏ । ତାହେଲେ ଏବେ ଏହି ସମସ୍ୟାର ଉପଚାର ବି ଜାଣିନେବା ଦରକାର । ଯଦି ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼ିଯାଏ ତାହାଲେ ଏହାକୁ ଔଷଧ ସେବନ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ । ଅଧିକ ଗୁରୁତର ସ୍ଥିତରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିପାରେ । ହଁ ଅସ୍ତ୍ରୋପଚାର ପରେ କିନ୍ତୁ ବ୍ୟକ୍ତିକୁ ନିଜ ଖାବା, ପିଇବା ଜୀବନଚର୍ଯ୍ୟା ଉପରେ ଧ୍ୟାନ ଦେବାକୁ ପଡ଼ିବ । ସାଦା ଏବଂ ସନ୍ତୁଳିତ ଖାଦ୍ୟ ଖାଇବାକୁ ଅଭ୍ୟାସରେ ପକାଇଲେ ଭଲ । ଏହାସହ ଓମେଗା -୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଖାଇବା ଦରକାର । ବିଭିନ୍ନ ପ୍ରକାର ଫଳ ଖାବା ଦରକାର । ଏହାସହ ଦୈନିକ ୮ରୁ ୧୦ ଗ୍ଲାସ୍ ପାଣି ପିଇବା ଦରକାର । ଏସବୁ ଅଭ୍ୟାସ ଆପଣାଇଲେ ଏଭଳି ସମସ୍ୟାରୁ ରକ୍ଷା ପାଇହେବ ।

# ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ କରିବାକୁ ଦାବି କଲେ ସମବାୟ ସମିତି ସଭାପତି ତଥା ବିଜେପି ନେତା

ବାଲିଆପାଳ ,୨୯/୦୯ (ନି.ପ୍ର): ୩୦ ଦିନ ଭିତରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଚାରି ଚାରି ଥର ବନ୍ୟା ଆସି ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚାଷୀ ମାନେ ସମବାୟ ସମିତିରୁ କୃଷି ଋଣ କରି ଚାଷ କରିଥିଲେ। ବର୍ତ୍ତମାନ ପରିସ୍ଥିତି ଏପରି ହୋଇଛି ଚାଷ ଜମିକୁ ଆଉ ଦା ଯିବା ସମ୍ଭବ ନୁହେଁ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ତେବେ ଚଳିତ ବର୍ଷ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ପଞ୍ଚାୟତ ମଧ୍ୟରୁ ଅସ୍ତି ପଞ୍ଚାୟତ ଅନ୍ୟତମ ଅଟେ ।ଏଭଳି ଏକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ବଢାପାଳ ସେବା ସମବାୟ ସମିତିର ସଭାପତି ତଥା ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ ସଦସ୍ୟ ସମାଜସେବୀ ଦୟାନିଧି ମହାପାତ୍ର ଅସ୍ତି ପଞ୍ଚାୟତର ସମସ୍ତ ଚାଷୀ ଯେଉଁମାନେ ବଢାପାଳ ସେବା ସମବାୟ ସମିତିରୁ କୃଷି ଋଣ କରି ଧାନ ଚାଷ କରିଥିଲେ ସେମାନଙ୍କ କୃଷି ଋଣ ସମ୍ପୂର୍ଣ୍ଣ ଛାଡ କରିବାକୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି । ଏଠାରେ ସୂଚନା



ଥାଉକି ବଢାପାଳ ସେବା ସମବାୟ ସମିତିରୁ ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ୧ ହଜାର ୮୨ ଜଣ ଚାଷୀ ୪ କୋଟି ୨୫ ଲକ୍ଷ ୫୨ ହଜାର ୯ ଶହ ଟଙ୍କା କୃଷି ଋଣ ଆଣି ଖରିଫ ଧାନ ଚାଷ କରିଛନ୍ତି । ମାତ୍ର ଲଗାତାର ବନ୍ୟା ଫଳରେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବା ବେଳେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ଲୁହ ଗଡାଉଛି । ଏହି ଭଳି ଏକ ଦୁର୍ଦ୍ଦିନ ସମୟରେ ଚାଷୀଙ୍କ ସ୍ୱର ପାଲଟିଛନ୍ତି ବିଜେପି ନେତା ତଥା ସମବାୟ ସମିତି ସଭାପତି ଦୟାନିଧି ମହାପାତ୍ର । ତାଙ୍କର ଏଭଳି ଉଦ୍ୟମକୁ ବୁଦ୍ଧିଜୀବିମାନେ ପ୍ରଶଂସା କରିଛନ୍ତି।

# ବନ୍ୟା ପ୍ରଭାବିତ ଗ୍ରାମରେ ପହଂଚିଲା ମାଲକାନଗିରି ବଙ୍ଗାଳୀ ସମାଜ: ସମସ୍ୟାକୁ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ ପାଇଁ ପ୍ରତିଶ୍ରୁତି

ମାଲକାନଗିରି ,୨୯/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଗତ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ବାତ୍ୟା 'ଅର୍ଣବ' ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଜିଲ୍ଲାର ବିଭିନ୍ନ ଅଂଚଳରୁ ଏଭଳି ଖବର ଆସୁଥିବା ବେଳେ ବନ୍ୟା ପ୍ରଭାବିତ ଗ୍ରାମରେ ପହଂଚିଛି ମାଲକାନଗିରି ବଙ୍ଗାଳୀ ସମାଜ । ବିଶେଷ କରି କାଲିମେଲା ବ୍ଲକରେ ଅଧିକ ପ୍ରଭାବ ପଡିଛି । ଭେଜାଙ୍ଗିବାଡା ଗ୍ରାମ ପଂଚାୟତର ଏମ.ପି.ଭି-୧୬ ଗ୍ରାମରେ ବର୍ଷା ଜଳ ପ୍ରବେଶ କରି ଗ୍ରାମର କିଛି ଅଂଶ ଜଳମଗ୍ନ ହୋଇଥିଲା । ଫଳରେ ଏହି ଗ୍ରାମର ୧୦ଟି ଘର ମଧ୍ୟରେ ବର୍ଷା ଜଳ ପ୍ରବେଶ କରିଥିଲା । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଗ୍ରାମବାସୀଙ୍କୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନରେ ରଖି ଖାଦ୍ୟପେୟ ବ୍ୟବସ୍ଥା କରିଛି । ଏହି ଗ୍ରାମରେ ୧୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଚାଷ ଜମି ବର୍ଷାରେ ନଷ୍ଟ ହୋଇଥିବା ବେଳେ କିଛି ଲୋକଙ୍କ ଘର ଭାଙ୍ଗି ଯାଇଛି । ଏ ନେଇ ଗ୍ରାମବାସୀମାନେ ବଙ୍ଗାଳୀ ସମାଜର ପଦାଧିକାରୀଙ୍କ ନିକଟରେ ସମସ୍ୟା ଉପସ୍ଥାପନ କରିଥିଲେ । ଏହି ଗ୍ରାମରେ ୪୨ ପରିବାର ବସବାସ କରୁଥିବା ବେଳେ ସେଥିମଧ୍ୟରୁ ୧୦୭ ଜଣ ପୁରୁଷ, ୯୩ ଜଣ ମହିଳା ଏବଂ ୦-୫ ବର୍ଷ ବୟସର ୨୧ ଜଣ ଶିଶୁ ରହିଛନ୍ତି । ପ୍ରତିବର୍ଷ ବନ୍ୟା ହେଲେ ଏହି ୧୦ ପରିବାରର ଘର ଜଳମଗ୍ନ ହେଉଥିବା ନଜିର ରହିଛି । ଚଳିତ ବର୍ଷ ମଧ୍ୟ ସେହି ସ୍ଥିତି ଦେଖିବାକୁ ମିଳିଛି । ତେଣୁ ଏହି ୧୦ ପରିବାରଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏହାଛଡା ଗ୍ରାମରେ ବିଦ୍ୟାଳୟ ଥିଲେ ସୁଦ୍ଧା ଶିକ୍ଷକ ନାହାନ୍ତି । ବାଧ୍ୟ ହୋଇ ନିକଟବର୍ତ୍ତୀ ଏମ.ପି.ଭି-୨୦ ବିଦ୍ୟାଳୟକୁ ଏହି ଗ୍ରାମର ୧୭ ଜଣ ଛାତ୍ରଛାତ୍ରୀ ପାଠ ପଢିବାକୁ ଯାଉଛନ୍ତି । ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ସମସ୍ତ ସମସ୍ୟାକୁ ଗୁରୁତର ସହ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରାଯିବ ବୋଲି ବଙ୍ଗାଳୀ ସମାଜ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି ଅବସରରେ ମାଲକାନଗିରି ବଙ୍ଗାଳୀ ସମାଜର ସାଧାରଣ ସମ୍ପାଦକ ମନୋଜ ଚୌଧୁରୀ, କୋର୍ କମିଟି ସଦସ୍ୟ ମାଣିକଲାଲ ଚକ୍ରବର୍ତ୍ତୀ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ବିଧାୟକ ପ୍ରତିନିଧି ନିହାର ରାୟ, ଗଣମାଧ୍ୟମ ସଂଯୋଜକ ଅସୀମ ବିଶ୍ୱାସ, ଭେଜାଙ୍ଗିବାଡା ଜୋନାଲ କମିଟି ସମ୍ପାଦକ ଅଶୋକ ମଣ୍ଡଳ, ସଞ୍ଜୟ ମିସ୍ତ୍ରୀ, ଅମର ଗାଇନ, ସୁନିଲ ମଣ୍ଡଳ, ମୃତ୍ୟୁଞ୍ଜୟ ରାୟ, ମନ୍ମଥ ହାଲଦାରଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବାର୍ଦ୍ଧକ୍ୟ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୨୯/୦୯ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବାର୍ଦ୍ଧକ୍ୟରେ ନିରୋଗ ପାଇଁ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା. ନକୁଳ ସାହୁ ଉପସ୍ଥିତ ରହି କହିଲେ, ବାର୍ଦ୍ଧକ୍ୟରେ ମଧୁମେହ, ରକ୍ତଚାପ, କଟିବାତ, ଗଣ୍ଠିବାତ, ସ୍ମୃତିନାଶ, ନିଦ୍ରା ହୀନତା, କୋଷ୍ଠକାଠିନ୍ୟ ଆଦି ରୋଗ ହୁଏ। ଏହି ସବୁଥିର କାରଣ ଅଶାନ୍ତି, ଅଜୀର୍ଣ୍ଣ, ଆଶା। ଆପଣ ଯେଉଁ ଆଡ଼େ ଗଲେ ପିଲାଙ୍କ ପାଇଁ ଖାଇବା ପିନ୍ଧିବା ପାଇଁ କିଛି ଆଣୁଥିଲେ, ଆଗେ ପିଲାକୁ ଗେଲ କରି ଘରେ ପଶୁ ଥିଲେ ଏବେ ସେହି ଗୁଡିକ ମନରେ ଭାବିବେ ନାହିଁ, ଅତୀତକୁ ପୂରା ଭୁଲି ଯିବେ। ପିଲାମାନେ ପଡିଗଲେ ଅନେକ ଥର ଉଠାଇ ଥିବେ, ଗୋଟିଏ କଥା ବାରମ୍ୱାର ପଚାରିଲେ କହିଥିବେ, ସେହିଗୁଡିକ ଆଶା କରିବେ ନାହିଁ। ଅଜୀର୍ଣ୍ଣ, ରାଗ, ଅତି ଭୋଜନ ଖାଇବେ ନାହିଁ। ଅଧିକ ସମୟ ପୁରାଣ ଓ ଭକ୍ତି ରସରେ ବୁଡି ରହିବେ। ଶିଶୁଙ୍କ ସହିତ ଖେଳିଲେ ବା ଖୁଆଇଲେ ଯଦି ସେମାନଙ୍କ ବାପାମାଆ ବାରଣ କରୁଛନ୍ତି ନିବୃତ ରହିବେ। ରୁଟି, ମାଣ୍ଡିଆ, ଭାତ, ଅମୃତଭଣ୍ଡା, ଶାଗ, ସବୁଜ ପରିବା, ଅଦା, ରସୁଣ ଖାଇବେ, ପାଣି ପିଇବେ, ରାଗିବେ ନାହିଁ। ଯୋଗ, ଆସନ, ପ୍ରାଣାୟାମ କରି ଆଠ ଘଂଟାରୁ ଅଧିକ ଶୋଇଲେ ଉପରୋକ୍ତ ରୋଗ ସବୁ ହେବନାହିଁ।

ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ଡି. ଶ୍ରୀନିବାସ ରାଓ ସହଯୋଗ କରିଥିଲେ ।

# ଭାବବିହ୍ୱଳ ମୁଖ୍ୟମନ୍ତ୍ରୀ: 'ଅରଣ୍ୟରୁ ଅଭିଷେକ' ପୁସ୍ତକ ଗ୍ରହଣ କରି ଲେଖକ ଓ ପ୍ରକାଶକଙ୍କ ପ୍ରଚେଷ୍ଟାକୁ ଭୂୟସୀ ପ୍ରଶଂସା

ଭୁବନେଶ୍ୱର ,୨୯/୦୯ (ନି.ପ୍ର): ରାଜ୍ୟ ବିଧାନସଭାସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଗତ ୨୮ ସେପ୍ଟେମ୍ବର ଅପରାହ୍ନ ୨ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ତାଙ୍କ ଜୀବନୀ ଆଧାରିତ ସାରସ୍ୱତ କୃତି 'ଅରଣ୍ୟରୁ ଅଭିଷେକ' ପୁସ୍ତକ ଆନୁଷ୍ଠାନିକ ଭାବେ ଅର୍ପଣ କରାଯାଇଛି । ଓଡ଼ିଶାର ଅଗ୍ରଣୀ ପ୍ରକାଶନ ସଂସ୍ଥା'ବିଦ୍ୟାଭାରତୀ', ବାଲେଶ୍ୱର ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଏହାର ଲେଖକ, ବିଶିଷ୍ଟ ସାହିତ୍ୟିକ ତଥା ଗବେଷକ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ ଏବଂ ପ୍ରକାଶକ କବି ଅଭୟ ଦାସ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଭେଟି ଦେଇଥିଲେ। ଏହି ବିଶେଷ ଅବସରରେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାୟକ ଏବଂ ଘସିପୁରାର ଜନନେତା ତଥା ସୁସାହିତ୍ୟିକ ଡକ୍ଟର ଶମ୍ଭୁ ନାଥ ରାଉତ ଉପସ୍ଥିତ ଥିଲେ। ଡକ୍ଟର ରାଉତ ଏହି ପ୍ରଚେଷ୍ଟାକୁ ପ୍ରଶଂସା କରିବା ସହ ପୁସ୍ତକଟି ଓଡ଼ିଆ ସାହିତ୍ୟ ଜଗତରେ ଏକ ଅମୂଲ୍ୟ ସମ୍ପଦ ହେବ ବୋଲି ମତ



ରଖିଥିଲେ। "ସଂକଳ୍ପ ଥିଲେ ସିଦ୍ଧି ଆସେ"— ଏହି ଆଦର୍ଶକୁ ପାଥେୟ କରି ବଣ-ପାହାଡ଼ ଘେରା ଗ୍ରାମୀଣ ପୃଷ୍ଠଭୂମିରୁ ଜଣେ ସାଧାରଣ ଜନସେବକ ଭାବେ ନିଜର ଯାତ୍ରା ଆରମ୍ଭ କରି, ବହୁ ସଂଘର୍ଷ ଓ ଆହ୍ୱାନକୁ ଅତିକ୍ରମ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବା ପର୍ଯ୍ୟନ୍ତ ଶ୍ରୀ ମାଝୀଙ୍କ ଜୀବନ ସଂଗ୍ରାମ, ଦୃଢ଼ ନିଷ୍ଠା ଓ ସାଧାରଣ ଜୀବନଶୈଳୀକୁ ଏହି ଗ୍ରନ୍ଥରେ ବର୍ଣ୍ଣନା କରାଯିବା ସଂଗେ ସଂଗେ ତାଙ୍କ ଶାସନକାଳ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୁଗାନ୍ତକାରୀ ବିକାଶମୂଳକ କାର୍ଯ୍ୟ ଓ ଜନକଲ୍ୟାଣକାରୀ ଯୋଜନା ବିଷୟରେ ମଧ୍ୟ ବିସ୍ତୃତ ଆଲେଖ୍ୟ ସ୍ଥାନ ପାଇଛି। ଏହି ଗ୍ରନ୍ଥଟି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଏକ ଶାଶ୍ୱତ ଉତ୍ସ ସାବ୍ୟସ୍ତ ହେବ ବୋଲି ପ୍ରକାଶକ ଅଭୟ ଦାସ ପ୍ରକାଶ କରିଥିଲେ । ପୁସ୍ତକଟିକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭାବବିହ୍ୱଳ ହୋଇପଡ଼ିବା ସହ ଲେଖକ ଡକ୍ଟର ପଟ୍ଟନାୟକଙ୍କ ନିରବଚ୍ଛିନ୍ନ ସାରସ୍ୱତ ସାଧନାର ଭୂୟସୀ ପ୍ରଶଂସା କରିଥିଲେ। ଏହାସହ ସେ ପୁସ୍ତକଟିକୁ ଆଦ୍ୟରୁ ପ୍ରାନ୍ତ ପାଠ କରି ନିଜର ମତାମତ ଦେବେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ।

# କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ ପାଳନ




ବୈଶିଙ୍ଗା ,୨୯/୦୯ (ନି.ପ୍ର): ହେମପୁରସ୍ଥିତ କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ନେତୃତ ରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଡ଼. ପାର୍ଥସାରଥୀ ସେନାପତି, ପ୍ରାଣୀ ଚିକିତ୍ସକ, ବୈଶିଙ୍ଗା ଯୋଗ ଦେଇ ଜଳାତଙ୍କ ରୋଗ ର କାରଣ, ଚିକିତ୍ସା ଓ ନିରାକରଣ ସମ୍ପର୍କ ରେ ଆଲୋଚନା କରିବା ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକ- ଶିକ୍ଷୟିତ୍ରୀ ଙ୍କ ବିଭିର୍ନ ପ୍ରଶ୍ନ ର ଉତ୍ତର ରଖିଥିଲେ । କୁକୁର, ବିରାଡ଼ି, ମାଙ୍କଡ଼, ଅନ୍ୟାନ୍ୟ ପ୍ରାଣୀ ଓ ମନୁଷ୍ୟ ମଧ୍ୟରେ ଶାନ୍ତିପୂର୍ଣ ସହବସ୍ଥାନ ଦ୍ୱାରା ଚଳିତ ବର୍ଷ ର ଥିମ ଏକତା ହିଁ ଶକ୍ତି ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ପ୍ରଧାନଶିକ୍ଷକ ମତ ପ୍ରକାଶ କରି ଥିଲେ । ପ୍ରାଣୀ ଚିକିତ୍ସାଳୟ ବୈଶିଙ୍ଗା ର ଏଲ. ଆଇ. ମନୋରମା ପ୍ରଧାନ,କର୍ମଚାରୀ ହରେକୃଷ୍ଣ ଦାସ ଓ ଜ୍ୟୋତିପ୍ରକାଶ ଗିରି କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । ଶିକ୍ଷକ ତୁଷାରକାନ୍ତ ପାତ୍ର, ଚନ୍ଦନ କୁମାର ଦାସ, ରାଜନନ୍ଦିନୀ ପାତ୍ର, ସବିତା ବାରିକ,ପ୍ରଭାତୀ ପ୍ରଧାନ,ଜୟଶ୍ରୀ ପାଢ଼ୀ, ଜଗନ୍ନାଥ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ହସନାବାଦରେ କଂଗ୍ରେସର ଶୁଖିଲା ଖାଦ୍ୟ ବଂଟନ

ଭଦ୍ରକ,୨୯/୦୯ (ନି.ପ୍ର): ବୈତରଣୀ ଓ ଏହାର ଶାଖା କୋଚିଲା ନଦୀରେ ଆସିଥିବା ଚଳିତ ବର୍ଷର ସପ୍ତମ ବନ୍ୟାରେ ଧାମନଗର ବ୍ଲକର ହସନାବାଦ ପଂଚାୟତ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଛି। ମଙ୍ଗଳବାର ଧାମନଗର କଂଗ୍ରେସର ଏକ ଟିମ ହସନାବାଦ ପଂଚାୟତର ବିଭିନ୍ନ ପ୍ରଭାବିତ ଗ୍ରାମକୁ ଯାଇ ବନ୍ୟା ଦୁର୍ଦ୍ଦଶାର ସ୍ଥିତି ଅନୁଧ୍ୟାନ କରି ପୀଡିତ ଲୋକଙ୍କ ସହିତ ଆଲୋଚନା କରିଥିଲେ।ଏହି ଅବସରରେ ଭଦ୍ରକ ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ଯୁବନେତା ସଞ୍ଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ହସନାବାଦ ପଂଚାୟତସ୍ଥିତ ଅସ୍ତକ ଏବଂ ଅନଳଡ଼ିହ ଗ୍ରାମର ଶହେ ବିପନ୍ନ ପରିବାରକୁ ଚୂଡ଼ା ମୁଢି ଚିନି ବିସ୍କୁଟ ଆଦି ଶୁଖିଲା ଖାଦ୍ୟ ପ୍ୟାକେଟ ବିତରଣ କରଯାଇଥିଲା।

# ପୁନର୍ବାସ ପକ୍ଷରୁ ସୁକାନ୍ତ ଚୌଧୁରୀ ସ୍ମାରକୀ ସମ୍ମାନ ପ୍ରଦାନ

କେନ୍ଦ୍ରାପଡ଼ା,୨୯/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘ ଦେଢ଼ ଦଶନ୍ଧି ଧରି ଥେରାପି ଚିକିତ୍ସା ସେବା ଓ ଦିବ୍ୟାଙ୍ଗଙ୍କ ସଶକ୍ତିକରଣ କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା 'ପୁନର୍ବାସ' ଅନୁଷ୍ଠାନ ପକ୍ଷରୁ ପ୍ରଥମ 'ସୁକାନ୍ତ ଚୌଧୁରୀ ସ୍ମାରକୀ ସମ୍ମାନ' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।
ଚଳିତ ବର୍ଷଠାରୁ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଜଣେ ବାକ୍ ଓ ଶ୍ରବଣବାଧିତ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। କେନ୍ଦ୍ରାପଡ଼ା ସହର ମାଧପୁର ଗ୍ରାମର ପ୍ରତିଷ୍ଠିତ ଦିବ୍ୟାଙ୍ଗ କ୍ରୀଡ଼ାବିତ୍ ସ୍ୱର୍ଗତ ସୁକାନ୍ତ ଚୌଧୁରୀଙ୍କ ସ୍ମୃତିରେ ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ୧୦ ହଜାର ଟଙ୍କା ଓ ସ୍ମାରକୀ ମାନପତ୍ର ପ୍ରଦାନ କରାଯାଉଛି ବୋଲି ଅନୁଷ୍ଠାନର କୋଷାଧ୍ୟକ୍ଷ ଶିବଚରଣ ସାମଲ ସୂଚନା ଦେଇଛନ୍ତି।
ମାଧପୁରସ୍ଥିତ ଅମରଉଦ୍ୟାନ ଶିଶୁ ଥେରାପି କେନ୍ଦ୍ରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ଶ୍ରବଣବାଧିତ ମହାସଂଘର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ବର୍ଷୀୟାନ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମାନ ପ୍ରଦାନ କରାଯାଇଥିଲା।
କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଏବଂ କେନ୍ଦ୍ରାପଡ଼ା ସଦର ଥାନାର ଅତିରିକ୍ତ ଆଇଆଇସି ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଜୟନ୍ତୀ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।
ଅତିଥିମାନେ କହିଥିଲେ ଯେ, ଭାଷାହୀନ ନୀରବତା କିମ୍ବା ଶ୍ରବଣବାଧିତା ଜଣେ ବ୍ୟକ୍ତିଙ୍କ ଦକ୍ଷତା, ସାମର୍ଥ୍ୟ ଓ ପ୍ରତିଭା ପ୍ରଦର୍ଶନରେ ଅନ୍ତରାୟ ହୋଇପାରେ ନାହିଁ।
ଅନୁଷ୍ଠାନର ପ୍ରତିଷ୍ଠାତା ବିରଜା ରାଉତରାୟଙ୍କ ସଂଚାଳନାରେ ଆୟୋଜିତ ସମାରୋହରେ ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ ପ୍ରାରମ୍ଭିକ ଅଭିଭାଷଣ ଦେଇଥିବାବେଳେ ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।
ବାକ୍ ଓ ଶ୍ରବଣବାଧିତଙ୍କ ସଂକେତ ଭାଷା ବ୍ୟାଖ୍ୟାକାର ପ୍ରମୋଦ ମହାପାତ୍ର କାର୍ଯ୍ୟକ୍ରମରେ ସଂକେତ ଭାଷା ମାଧ୍ୟମରେ ଅଭିଭାଷଣଗୁଡ଼ିକୁ ବ୍ୟାଖ୍ୟା କରିଥିଲେ। ଏହା ଉପସ୍ଥିତ ବାକ୍ ଓ ଶ୍ରବଣବାଧିତ ଦଧିବାମନଜୀଉ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଯୁବକମାନଙ୍କ ସହ କାର୍ଯ୍ୟକ୍ରମକୁ ଯୋଡ଼ିବାରେ ଏକ ସେତୁ ଭଳି କାର୍ଯ୍ୟ କରିଥିଲା।
ପୁନର୍ବାସ ପକ୍ଷରୁ ମୁଖ୍ୟ ସିବିଆର୍ ଅଭିଷେକ ଓ ଧରଣୀଧର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁମ୍ଭୀର ଆକ୍ରମଣରେ ଜଣେ ଗୁରୁତର

ପଟ୍ଟାମୁଣ୍ଡାଇ ,୨୯/୦୯ (ନି.ପ୍ର): ଜଙ୍ଗଲ ଭିତରେ ମାଡି ବସିଲା କୁମ୍ଭୀର ଜୀବନ ବଂଚାଇଲେ ବନ କର୍ମଚାରୀ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଭିତରକନିକା ଜଙ୍ଗଲ ମଧ୍ୟରେ ବାଙ୍କୁଆଳ ଗାଁ ର ମଦନ ବେହେରା କଙ୍କଡା ଧରୁଥିବା ବେଳେ କୁମ୍ଭୀର ଆକ୍ରମଣ କରିଛି । ମଦନ ପାଟି କରିବାରୁ ସେହି ରାସ୍ତା ଦେଇ ବନ କର୍ମଚାରୀ ଯାଉଥିବା ବେଳେ ଜାଣିବା ପାଇଁ ପାଇଥିଲେ । ଫଳରେ ୧୦ ରୁ ଉର୍ଦ୍ଧ ବନ କର୍ମଚାରୀ ଘଟଣା ସ୍ଥଳ ରେ ପହଂଚି ପାଣି ରେ ବାଉଁଶ ବାଡେଇ କୁମ୍ଭୀର କୁ ଘଉଡ଼ାଇ ମଦନ ଙ୍କୁ ଉଦ୍ଧାର କରିଛନ୍ତି । କୁମ୍ଭୀର ଆକ୍ରମଣ ରେ ମଦନ ଙ୍କ ଡାହାଣ ଗୋଡ଼ ସମ୍ପୂର୍ଣ ଭାଙ୍ଗି ଯାଇଛି । ତାଙ୍କୁ ଗୁରୁତର ଭାବେ ରାଜନଗର ମେଡିକାଲ ରେ ଭର୍ତ୍ତି କରାଯାଇଛି । ଗୁରୁତର ମଦନ ବେହେରା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରାଯାଇଛି ।

# ବନ୍ତ ପୁରୁଣା ବଜାର ଦୁର୍ଗାପୂଜା ନେଇ ପ୍ରସ୍ତୁତି

ଭଦ୍ରକ,୨୯/୦୯ (ନି.ପ୍ର): ଭଦ୍ରକ ଜିଲ୍ଲା ବନ୍ତ ପୁରୁଣା ବଜାର ଠାରେ ୩ ଶହ ବର୍ଷ ପୂର୍ବେ ଆରମ୍ଭ କରାଯାଇଥିବା ପୁରାତନ ଦୁର୍ଗାପୂଜା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ଦୁର୍ଗାପୂଜାକୁ କିପରି ମହା ସମାରୋହରେ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା । ଏହାକୁ ଅଧିକ ଆକର୍ଷଣୀୟ କରିବା ନେଇ ମାଙ୍କ ମୃଣୟ ମୂର୍ତି, ଆକର୍ଷଣୀୟ ତୋରଣ, ଦୋଳି, ମିନାବଜାର ଓ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା । ପୂର୍ବତନ ସରପଚଂ କୃପାସିନ୍ଧୁ ସେଠୀଙ୍କୁ ସଭାପତି ଓ ଯୁବନେତା ଜ୍ୟୋତିରଞ୍ଜନ ନାୟକଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ବାଦଲ ମଜୁମଦାର, କେଦାରନାଥ ମହାନ୍ତି, ଅଶୋକ ବେହେରା, ଶତ୍ରୁଘ୍ନ ମହାରାଜ, ଆଲୋକ ମୁଖାର୍ଜୀ, ସୂର୍ଯ୍ୟମଣୀ ଜେନା,ସୁସିଲ ଦାସ, ସତ୍ୟନାରାୟଣ ପାଣି, ଗଦାଧର ବେହେରା, ଶିବନାରାୟଣ ମହାନ୍ତି, ଦିବ୍ୟ କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ୫ ଦିନ ଧରି ଏହି ପୂଜା ପାଳନ ହେବାକୁ ଥିବା ବେଳେ ବନ୍ତ ବ୍ଲକ ସମେତ ହାଟଡିହି, ଆନନ୍ଦପୁର, ଭଣ୍ଡାରିପୋଖରୀ ଆଦି ବ୍ଲକରୁ ପ୍ରତ୍ୟେହ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ମାନେ ପୂଜାକୁ ଉପଭୋଗ କରିବାକୁ ଆସିଥାନ୍ତି ।

# ପାଠ ପଢ଼ାଇବା ପରିବର୍ତ୍ତେ ପିଲାଙ୍କୁ ଘାସ ଉପାଡ଼ିବା ଓ ଜାଳେଣି ବୋହିବାରେ ନିୟୋଜିତ କରୁଛନ୍ତି ଶିକ୍ଷୟିତ୍ରୀ

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଏସଏମସି ଓ ଅଭିଭାବକଙ୍କ ସଙ୍ଗିନ ଅଭିଯୋଗ: ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ଦାବି, ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ବେତନଟୀ,୨୯/୦୯ (ନି.ପ୍ର): ପିଲାଙ୍କ ହାତରେ ବହି ଓ କଲମ ଧରାଇ ଭବିଷ୍ୟତ ଗଢ଼ିବା ହେଉଛି ଶିକ୍ଷକଙ୍କ ପ୍ରମୁଖ ଦାୟିତ୍ୱ। କିନ୍ତୁ ବିଦ୍ୟାଳୟରେ ପାଠପଢ଼ା ପରିବର୍ତ୍ତେ ପିଲାଙ୍କୁ ଘାସ ଉପାଡ଼ିବା, ଜାଳେଣି ପତ୍ର ସଂଗ୍ରହ କରିବା ଓ ତାହା ବୋହିବା କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ଏବେ ଶିକ୍ଷା ବ୍ୟବସ୍ଥା ଉପରେ ଗମ୍ଭୀର ପ୍ରଶ୍ନଚିହ୍ନ ଛିଡ଼ା କରିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ବିଦ୍ୟାଳୟର ଶିକ୍ଷା ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକମାନେ। ପ୍ରାପ୍ତ ସୂଚନା ଅନୁଯାୟୀ, ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଗିରିଙ୍କ ବିରୋଧରେ ଏକ ଲିଖିତ ଅଭିଯୋଗପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁସାରେ, ଚତୁର୍ଥ ଶ୍ରେଣୀର କେତେକ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା ସମୟ ବାହାରେ ଶିକ୍ଷୟିତ୍ରୀଙ୍କ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏପରିକି ପିଲାଙ୍କ



ଦ୍ୱାରା ଗୋଡ଼ ଘସାଇବା ଓ ଅନ୍ୟାନ୍ୟ କାମ କରାଯାଉଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଏହାକୁ ନେଇ କେତେକ ଛାତ୍ରଛାତ୍ରୀଙ୍କ ଅଭିଭାବକ ଝଗଡ ସଦସ୍ୟମାନଙ୍କୁ ଜଣାଇବା ପରେ କମିଟି ପକ୍ଷରୁ ଘଟଣାର ସତ୍ୟାସତ୍ୟ ଜାଣିବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। କେବଳ ଏତିକି ନୁହେଁ, ବିଦ୍ୟାଳୟ ପରିସରରେ ଥିବା ଘାସ ଉପାଡ଼ିବା ପାଇଁ ମଧ୍ୟ ପିଲାଙ୍କୁ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ ପରିସରରେ ବିଷଧର ସରୀସୃପ ରହିବାର ଆଶଙ୍କା ଥିବାରୁ ଏଭଳି କାର୍ଯ୍ୟ ପିଲାଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଅଭିଭାବକମାନେ ଉଦ୍ ?ବେଗ ପ୍ରକାଶ କରିଛନ୍ତି। ଏହା ସହିତ ଜାଳେଣି ପତ୍ର ବସ୍ତାରେ ଭର୍ତ୍ତି କରାଇ ସାଇକେଲରେ ବୋହି ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ନେବା କାମରେ ପିଲାଙ୍କୁ ନିୟୋଜିତ କରାଯାଉଥିବା ମଧ୍ୟ ଅଭିଯୋଗ ଉଠିଛି। ପୂର୍ବରୁ ଏଭଳି କାର୍ଯ୍ୟକୁ ନେଇ ବିଦ୍ୟାଳୟରେ ବୈଠକ ହୋଇଥିଲା ଏବଂ ପିଲାଙ୍କୁ ଏପରି କାମରେ ନିୟୋଜିତ ନ କରିବାକୁ ଆଲୋଚନା ହୋଇଥିଲେ ବି ଶିକ୍ଷୟିତ୍ରୀ ଭୃକ୍ଷେପ ଭୃକ୍ଷେପ କରିନାହାନ୍ତି । ତେବେ ଏହି ଘଟଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପିଲାଙ୍କ ସୁରକ୍ଷା ଓ ଶିକ୍ଷାଦାନର ଗୁଣବତ୍ତା। ବିଦ୍ୟାଳୟକୁ ପିଲାମାନେ ପାଠ ପଢ଼ିବା ଓ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଆସୁଥିବା ବେଳେ ସେମାନଙ୍କୁ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ଉଠିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ଜରୁରୀ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଝଗଡ ସଦସ୍ୟ ଓ ଅଭିଭାବକମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ତଦନ୍ତ କରି ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି। ଅଭିଯୋଗର ଶୀଘ୍ର ସମାଧାନ ନ ହେଲେ ପିଲାଙ୍କୁ ବିଦ୍ୟାଳୟକୁ ନ ପଠାଇବା ସହ ଆନ୍ଦୋଳନକୁ ଓହ୍ଲାଇବାକୁ ଅଭିଭାବକମାନେ ଚେତାବନୀ ଦେଇଥିବା ଜଣାପଡ଼ିଛି। ଏବେ ପ୍ରଶ୍ନ ଉଠୁଛି— ଅଭିଯୋଗର ସତ୍ୟତା କେତେ? ବିଦ୍ୟାଳୟରେ ପିଲାଙ୍କୁ ଏଭଳି କାର୍ଯ୍ୟରେ ନିୟୋଜିତ କରାଯାଉଥିଲେ ଏଥିପାଇଁ ଦାୟୀ କିଏ? ଅଭିଭାବକଙ୍କ ଅଭିଯୋଗ ଉପରେ ଶିକ୍ଷା ବିଭାଗ କେବେ ତଦନ୍ତ ଆରମ୍ଭ କରିବ? ଏହି ସମସ୍ତ ପ୍ରଶ୍ନର ଉତ୍ତର ଏବେ ଶିକ୍ଷା ବିଭାଗର ପଦକ୍ଷେପ ଉପରେ ନିର୍ଭର କରୁଛି। ତେବେ ଅଭିଯୋଗର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷା ବିଭାଗର ପକ୍ଷ ଏହି ରିପୋର୍ଟରେ ଉପଲବ୍ଧ ନାହିଁ।

# ଶିକ୍ଷା ବ୍ୟବସ୍ଥାର ସୁଧାର ନିମନ୍ତେ ଆଗେଇ ଆସନ୍ତୁ ସରକାର ପ୍ରଶାସନ ଓ ଛାତ୍ରଛାତ୍ରୀ: ଏବିଭିପି

## ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀରେ ପାରିତ ହେଲା ଶିକ୍ଷା ଓ ସମାଜ ସୁଧାର ପାଇ

ବାଲେଶ୍ୱର, ୨୯/୯ (ନି.ପ୍ର): ଗତ ତାରିଖ ୨୭ ଓ ୨୮ ସେପ୍ଟେମ୍ବର ୨୦୨୬ରେ ବାଲେଶ୍ୱର ସ୍ଥିତ ରାଜସ୍ଥାନ ଭବନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସମ୍ପନ୍ନ ହେଲା ।ଏହି ବୈଠକରେ କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଶ୍ରୀ ଅପାଂଶୁ ଶେଖର ଶିଲ ଓ କ୍ଷେତ୍ରୀୟ ସହ ସଙ୍ଗଠନ ସମ୍ପାଦକ ଶ୍ରୀ ବୈଲୋଚନ ସାହୁ ପୂର୍ଣ୍ଣ ସମୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକାରିଣୀରେ ଏବିଭିପିର ଆଗାମୀ ଯୋଜନା ଉପରେ ଚର୍ଚ୍ଚା ହେବା ସହିତ ଛାତ୍ର ସଂସଦ ନିର୍ବାଚନ ନିମନ୍ତେ ରଣ ନୀତି ପ୍ରସ୍ତୁତ ହେଲା ।ଏହା ସହିତ ଶିକ୍ଷା ବ୍ୟବସ୍ଥାରେ ଅନେକ ତ୍ରୁଟି ଥିବା ଯଥା ପରୀକ୍ଷା ଓ ପ୍ରବେଶରେ ଅନିୟମିତତା ଦେଖାଯିବା ବିଷୟକୁ ଚର୍ଚ୍ଚା କରିବା ସହିତ ଶିକ୍ଷା ବ୍ୟବସ୍ଥାରେ ସୁଧାର ନିମନ୍ତେ ସଜାଗ ହୁଅନ୍ତୁ ପ୍ରଶାସନ ଓ ସରକାର ଶିକ୍ଷା ପ୍ରସ୍ତାବ ପାରିତ ହୋଇଥିଲା । ଏହା ସହିତ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ଓ ପରିବେଶ ଅସନ୍ତୁଳନ କାରଣରୁ ବନ୍ୟା ଆସିବା ବିଷୟ ଚିନ୍ତା ଜନକ ।ତେଣୁ ଏହାକୁ ମଧ୍ୟ ସୁଧାର ପାଇଁ ସରକାର ଓ ଜନ ସମାଜ ଆଗକୁ ଆସିବା ଦରକାର ଏହି ଭଳି ସାମାଜିକ ପ୍ରସ୍ତାବରେ ମଧ୍ୟ ଚର୍ଚ୍ଚା ହୋଇଥିଲା । ଏରଭ -ତ ମାନଙ୍କୁ ଏବିଭିପିର୍ ଆହ୍ୱାନ ଅନ୍ତର୍ଗତ ଝମକ୍ୱରରଭ ଋସଙ୍କର ଷ୍ଟକ୍ସ ଇମକ୍ୱସଙ୍ଗସକ୍ୱଛ ଋସଙ୍କର ଏବଂ ଓଡ଼ିଶାକୁ ନିଶା ମୁକ୍ତ କରିବା ନିମନ୍ତେ ଯୁବକ ମାନଙ୍କୁ ଆଗକୁ ଆସିବା ଦରକାର ବୋଲି ମଧ୍ୟ ପ୍ରସ୍ତାବ ଆଗତ କରା ଯାଇଥିଲା । ଏହି କାର୍ଯ୍ୟକାରୀଣି ବୈଠକରେ ଓଡ଼ିଶା ପୂର୍ବର ୨୩ ଟି ସାଙ୍ଗଠନିକ ଜିଲ୍ଲାରୁ ୧୭୬ ପଦାଧିକାରୀ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।ଏହି ବର୍ଷ ଏବିଭିପିର ସଦସ୍ୟତା ରେ ୧୦୫୬୭୮ ବିଦ୍ୟାର୍ଥୀ ଯୋଡ଼ି ହୋଇ ସାରିଲେଣି ଏବଂ ଏବିଭିପିର ସଦସ୍ୟତା ଲକ୍ଷ୍ୟ ଯାହା ୨୦୦୬୫୦ ଅଛି ତାହା ପୂର୍ଣ୍ଣ କରିବେ ବୋଲି କାର୍ଯ୍ୟକର୍ତ୍ତା ମାନେ ଯୋଜନା କରିଲେ ।୫୦୦ ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟରେ ଏହି ବର୍ଷ ଏବିଭିପି ନିଜର ଶାଖା ଘୋଷଣା କରିବା ସହିତ ୧୪୫ ଟି ନଗରରେ ନିଜର କାର୍ଯ୍ୟକାରିଣୀ ଘୋଷଣା କରିବ । ଆସନ୍ତା ୩ ଓ ୫ ତାରିଖରେ ପ୍ରତ୍ୟେକ କ୍ୟାମ୍ପସରେ ଏବିଭିପି ତରଫରୁ ଶିକ୍ଷା ଓ ସ୍ଥାନୀୟ ସମସ୍ୟାକୁ ନେଇ ଅଧକ୍ଷ କାର୍ଯ୍ୟାଳୟ ଘେରାଉ କରାଯିବ । ଆଗାମୀ ନଭେମ୍ବର ମାସରେ ମହିଳା ସୁରକ୍ଷା ବିଷୟ ଓ ସଂଘ ଶତାବ୍ଦୀ ପାଳନ ନିମନ୍ତେ ଜିଲ୍ଲା ସ୍ତରୀୟ ଯୁବତୀ ସମ୍ମିଳନୀ ମଧ୍ୟ ଏବିଭିପି ଆୟୋଜନ କରିବ ।

## କାଦବରାଙ୍ଗରେ ନିଶାମୁକ୍ତ ଭାରତ ଅଭିଯାନ

ଭଦ୍ରକ, ୨୯/୯ (ନି.ପ୍ର):ଏହି ଜିଲାର ବନ୍ତ ବ୍ଲକ କାଦବରାଙ୍ଗ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ନେଇ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଯାଇଛି । ଆଗରପଡା ଥାନାଧିକାରୀ ରାଜେଶ କୁମାର ସେଠୀ, ଏସଆଇ ଇଭାରାଣୀ ପରିଡା ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ଓ ଏହାର ପ୍ରଭାବ ଉପରେ ମତ ରଖିଥିଲେ । ବିଶେଷ କରି ନିଶା ହିଁ ଯୁବ ସମାଜକୁ ଲକ୍ଷ୍ୟ ଭ୍ରଷ୍ଟ କରୁଥିବା ବେଳେ ଏହାର ସେବନ ଦ୍ୱାରା ହିତାହିତ ଜ୍ଞାନ ହରାଇ ଅନେକ କୁତ୍ସିତ କାମ କରିବାକୁ ପଛାଇ ନଥାନ୍ତି ବୋଲି କହି ଏଥିରୁ ନିବୃତ ରହିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳ କୁମାର ଦାସ, ଅଧାପକ ନାରାୟଣ ଚନ୍ଦ୍ର ପୁରୀ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଇରାନ ସହିତ ଯେକୌଣସି ...

ସେ କହିଛନ୍ତି ଯେ ଇରାନ ନିଜର ସ୍ଥିତିକୁ ଆବଶ୍ୟକତାଠାରୁ ଅତ୍ୟଧିକ ବିସ୍ତାର କରୁଛି । ଆମେରିକା ଅଧିକାରୀଙ୍କ ଅନୁଯାୟୀ, ଇରାନ ପରମାଣୁ ପ୍ରସଙ୍ଗରେ ନିଜର ମତରେ କୋହଳ ଆଭିମୁଖ୍ୟ ଦେଖାଇବାକୁ ଇଚ୍ଛୁକ ବୋଲି ସୂଚାଇ ଦେଇଛି । ତେବେ ଏହି ସର୍ତ୍ତଗୁଡ଼ିକ କେବେ ଏବଂ କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ଉଭୟ ପକ୍ଷ ଏପର୍ଯ୍ୟନ୍ତ ସହମତ ହୋଇନାହାନ୍ତି । ଏହା ସୂଚାଇ ଦେଇଛି ଯେ, ପରମାଣୁ କାର୍ଯ୍ୟକ୍ରମ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଆଲୋଚନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇ ରହିଛି, ଆମେରିକା ଜୋର ଦେଇ କହିଛି, ଚୂଡ଼ାନ୍ତ ଚୁକ୍ତି ପାଇଁ ଏହି ପ୍ରସଙ୍ଗଗୁଡ଼ିକରେ ଠୋସ୍ ପ୍ରଗତି ଜରୁରୀ । ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ମାଇକ୍ ୱାଲ୍ଟ ରବିବାର ସିଏନଏନର ଜେକ୍ ଟାପରଙ୍କୁ କହିଥିଲେ ଯେ ଟ୍ରମ୍ପ ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି କାରଣ ସେ ତେହେରାନ ଗମ୍ଭୀରତାର ସହ ଏବଂ ସଚ୍ଚୋଟତାର ସହିତ ଆଲୋଚନା କରୁଛି ବୋଲି ବିଶ୍ୱାସ କରିନଥିଲେ ।

### ଖଣି ସଂଶୋଧନ ...

କାହାକୁ ବ୍ୟାରିକେଡ୍ ପଛକୁ ଟାଣିନେଲା ପୋଲିସ, ତ ଆଉ କିଏ ଆଗକୁ ବଢ଼ିବାକୁ ଉଦ୍ୟମ ବେଳେ ଟଣା ଓଟରା । ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ, ପୋଲିସର ଅଟକାଇବା ବେଳେ ଗାନ୍ଧୀମାର୍ଗରେ ଦେଖିବାକୁ ମିଳିଥିଲା ହାଇଭୋଲଟେଜ୍ ଡ୍ରାମା । ଏମଏମଡିଆର ବିଲ ସହ ମୁଖ୍ୟ ନିର୍ବାଚନ କମିସନଙ୍କ ଇସ୍ତଫା, ବହି ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଇଣ୍ଡି ମେଣ୍ଟ । ସେପଟେ ବିଜେଡି ପୁଣି ସ୍ୱତନ୍ତ୍ର ବିଧାନସଭା ଅଧିବେଶନ ଡାକି ଆଲୋଚନା ପାଇଁ ଦାବି କରିଛି । ଆଗକୁ ଅର୍ଥନୈତିକ ଅବରୋଧ କରିବାକୁ ଚେତାବନୀ ଦେଇଛି ବିଜେଡି । ବିଜେପି କହିଛି, ଯେଉଁମାନେ ବିରୋଧ କରୁଛନ୍ତି, ତଥ୍ୟ ଆଧାରିତ କରନ୍ତୁ । ଲୋକଙ୍କୁ କନଫ୍ୟୁଜ କରୁଛନ୍ତି । ଲୋକଙ୍କୁ ବିଭ୍ରାନ୍ତ କରିବା ଦାୟିତ୍ୱବାନ ବିରୋଧୀ ଦଳର କାର୍ଯ୍ୟ ନୁହେଁ । ବିକ୍ଷୋଭରୁ ବ୍ୟାରିକେଡ୍ । ବ୍ୟାରିକେଡ୍‌ରୁ ଧସ୍ତାଧସ୍ତି । ଆଉ ଧସ୍ତାଧସ୍ତି ପରେ ପୋଲିସର ଆହ୍ୱାନ ।

### ୮ ଜିଲ୍ଲାରେ ହେବ...

ଭବାନୀ ଫୁଡ୍‌ସ ୧୦୦ କୋଟି ଟଙ୍କା ନିବେଶରେ ଖାଦ୍ୟ ଓ ଚକୋଲେଟ୍ କାରଖାନା କରିବେ । ଇସ୍ପାତ କ୍ଷେତ୍ରରେ ଦେବଗଡ଼ରେ ଏସ୍‌ପିଏସ୍ ଅରିହନ୍ତ ଷ୍ଟିଲ୍ ଷ୍ଟ୍ରକ୍‌ଚର୍ସ ୧୪୦ କୋଟି ଟଙ୍କା, ସୁନ୍ଦରଗଡ଼ରେ ଷ୍ଟିଲ୍‌ଏଜ୍ ଫେବ୍ରିକେସନ୍ ୧୦୮.୮୨ କୋଟି ଟଙ୍କା, କଟକରେ ଭୁବନେଶ୍ୱର ଉଦ୍ୟୋଗ ୧୦୧.୯୯ କୋଟି ଟଙ୍କା ଓ ଅନୁଗୋଳରେ ରେମୁକା ଗ୍ଲୋବାଲ୍ ତରଫରୁ ୫୦.୧୫ କୋଟି ଟଙ୍କା ନିବେଶ କରାଯିବ । କିନେଟା ଗ୍ଲୋବାଲ୍ ଗଞ୍ଜାମରେ କମ୍ପ୍ରେସଡ୍ ବାୟୋ ଗ୍ୟାସ୍ କାରଖାନା ବସାଇବ । ଆକ୍ୱାପ୍ରୁଫ୍ ୱାଲ୍‌କେୟାର ଇଣ୍ଡିଆ କଟକରେ ୬୨.୬୪ କୋଟି ଟଙ୍କା ଓ ଆସିପିୟା କେମିକାଲ୍‌ସ ଆଣ୍ଡ ସୋଲ୍‌ଭେଣ୍ଟ ଜଗତସିଂହପୁରରେ ୬୦ କୋଟି ଟଙ୍କା ନିବେଶ କରିବେ । ଏହି ଅବସରରେ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ କହିଥିଲେ, ଆମର ଲକ୍ଷ୍ୟ କେବଳ ନିବେଶ ହାସଲ କରିବା ନୁହେଁ, ବରଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ରାଜ୍ୟର ସବୁ ଅଞ୍ଚଳରେ ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରିବା । ପ୍ରସ୍ତାବ ଗ୍ରହଣଠାରୁ ପ୍ରକଳ୍ପ କାର୍ଯ୍ୟକାରିତା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ନିବେଶକଙ୍କୁ ସହଯୋଗ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେ କହିଥିଲେ ।

### ସିଏଜି ରିପୋର୍ଟରେ ସାମନାକୁ ..

ମୌଳିକ ସୁବିଧା ପାଇଁ ଉଦ୍ଦିଷ୍ଟ ଟଙ୍କା କୁଆଡ଼େ ଗଲା ? ନିର୍ଦ୍ଦିଷ୍ଟ ନିୟମାବଳୀକୁ ଉଲ୍ଲଂଘନ କରି କେଉଁ କ୍ଷେତ୍ରରେ ଏହି ପାଣ୍ଠି ଖର୍ଚ୍ଚ ହେଲା, ସେ ନେଇ ସିଏଜି ପ୍ରଶ୍ନବାଣ ମାରିଛନ୍ତି । ଯେଉଁ ପାଣ୍ଠି ସ୍ୱାସ୍ଥ୍ୟ, ଶିକ୍ଷା ଓ ବିଶୁଦ୍ଧ ପାନୀୟ ଜଳ ପାଇଁ ଲାଗିବା କଥା, ସେଠାରେ ହୋଇଛି ବେହିସାବି ଖର୍ଚ୍ଚ ଓ ସାଂଘାତିକ ହେରଫେର୍ । କେବଳ ଡିଏମ୍‌ଏଫ୍ ନୁହେଁ, ପୂର୍ବ ସରକାରଙ୍କ ସମୟର ସବୁଠାରୁ ଚର୍ଚ୍ଚିତ 'ଫାଇଭ-ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାକୁ ନେଇ ମଧ୍ୟ ସିଏଜି ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ଡିଏମ୍‌ଏଫ୍ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଛି । ଆଇନ ବାହାରକୁ ଯାଇ ମନଇଚ୍ଛା ପାଣ୍ଠି ଖର୍ଚ୍ଚ କରାଯାଇଛି । ଅଯୋଗ୍ୟ ପ୍ରକଳ୍ପକୁ ଟଙ୍କା ଦିଆଯାଇଛି । ଶେଷ ହୋଇନଥିବା ପ୍ରକଳ୍ପରୁ ଟଙ୍କା ଫେରସ୍ତ ଅଣାଯାଇନାହିଁ । ଆବଶ୍ୟକତାଠାରୁ ଅଧିକ ଅର୍ଥ ଦିଆଯାଇଛି ।

### ନିର୍ବାଚନ କମିଶନଙ୍କ ...

ସଚିବ ଟି.ଭି. ସୋମନାଥନଙ୍କୁ ଲେଖାଯାଇଥିବା ଚିଠି କୌଣସି ନୀତିଗତ ବିଷୟ ସହ ଜଡ଼ିତ ନୁହେଁ, ବରଂ ଡେପୁଟେସନରେ ଥିବା ଜଣେ ଅଧିକାରୀଙ୍କ କାର୍ଯ୍ୟାବଳୀ ସହ ଜଡ଼ିତ । ଏଥିସହ ବିହାର, ପଶ୍ଚିମବଙ୍ଗ ସମେତ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଜାରି ''ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍'' (ଏସଆଇଆର) ଆଦେଶ କମିଶନଙ୍କ ସର୍ବସମ୍ମତ ଅନୁମୋଦନକ୍ରମେ ଜାରି କରାଯାଇଥିଲା ଏବଂ ସୁପ୍ରିମକୋର୍ଟ ମଧ୍ୟ ଏହାକୁ କାଏମ୍ ରଖିଛନ୍ତି ବୋଲି ଆୟୋଗ ଦର୍ଶାଇଛନ୍ତି ।

### ଅକ୍ଟୋବର ୧ରୁ ...

ରାଜ୍ୟ ସଂଯୋଜକ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ଅଭିଯାନ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, 'ସେବା ସେତୁ' ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଓ ସେବା ସମ୍ପର୍କରେ ସୂଚନା ପାଇବା ସହ ପଞ୍ଜୀକରଣ, ଆବେଦନ ଓ ଆବଶ୍ୟକ ସହାୟତା ପାଇପାରିବେ । ଏଥିପାଇଁ ରାଜ୍ୟରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସରକାରୀ ସେବାକୁ ଲୋକଙ୍କ ନିକଟକୁ ନେଇ ଯୋଗ୍ୟ ହିତାଧିକାରୀଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସହ ଯୋଡ଼ିବା ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ।

# କୋରଡେଟ୍, ଇଫକୋ ପାରାଦୀପ ପକ୍ଷରୁ ତିନିଦିନିଆ କୃଷକ ପ୍ରଶିକ୍ଷଣ ଓ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମ




ପାରାଦୀପ, ୨୯/୯ (ନି.ପ୍ର): କୋରଡେଟ୍, ପାରାଦୀପ ପକ୍ଷରୁ ୨୮ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଇଫକୋ ପାରାଦୀପ ୟୁନିଟ୍‌ର ସ୍ୱର୍ଣ୍ଣଜୟନ୍ତୀ ସଭା ଗୃହରେ ତିନିଦିନିଆ ଆବାସିକ କୃଷକ ପ୍ରଶିକ୍ଷଣ ଓ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫ ଜଣ ପ୍ରଗତିଶୀଳ କୃଷକ ଏଥିରେ ଅଂଶଗ୍ରହଣ କରୁଛନ୍ତି । କାର୍ଯ୍ୟକ୍ରମର ଉଦ୍‌ଘାଟନ ଇଫକୋ ପାରାଦୀପ ୟୁନିଟ୍‌ର ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହଙ୍କ ଦ୍ୱାରା କରାଯାଇଥିଲା । ଏହି ଅବସରରେ କେଭିକେ ଜଗତସିଂହପୁରର ମୃତ୍ତିକା ବିଜ୍ଞାନୀ ପ୍ରଦୀପ୍ତ ମାଝୀ, ବୀର କିଶୋର ମିଶ୍ର, ଜିଏମ୍ (ପୋର୍ଟ ଓ ଲଜିଷ୍ଟିକ୍ସ), ବିଜୟ କୁମାର ପରିଡ଼ା, ଡିଜିଏମ୍ (ପି ଆଣ୍ଡ ଏ), କୁଳମଣି ମାଝୀ, ପ୍ରିନ୍ସିପାଲ୍, କୋରଡେଟ୍, ପାରାଦୀପ ଏବଂ ଜୟନ୍ତ କୁମାର ଜେନା, ପ୍ରଶାସନିକ ଅଧିକାରୀ, ଇଫକୋ ଉପସ୍ଥିତ ଥିଲେ ।ସ୍ୱାଗତ ଭାଷଣରେ କୁଳମଣି ମାଝୀ କୃଷକଙ୍କ ବିକାଶ ଓ ସଶକ୍ତିକରଣ ପାଇଁ କୋରଡେଟ୍‌ର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିବା ସହ ନାନୋ ସାରର ଗୁରୁତ୍ୱ ଓ ଭବିଷ୍ୟତ ସମ୍ଭାବନା ବିଷୟରେ କହିଥିଲେ । ଅନିରୁଦ୍ଧ ବିକ୍ରମ ସିଂହ କୃଷକ କଲ୍ୟାଣ ପ୍ରତି ଇଫକୋ ପ୍ରତିବଦ୍ଧତାକୁ ଉଲ୍ଲେଖ କରି ଆଧୁନିକ କୃଷି ପଦ୍ଧତି ଓ ଉନ୍ନତ କୃଷି ପ୍ରଯୁକ୍ତି ଆପଣାଇବାକୁ କୃଷକମାନଙ୍କୁ ଆହ୍ୱାନ କରିଥିଲେ । ବିଜୟ କୁମାର ପରିଡ଼ା ନାନୋ ସାର ଏବଂ ଇଫକୋର କୃଷକ କଲ୍ୟାଣ ଓ ସାମାଜିକ ବିକାଶମୂଳକ ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ । ବୀର କିଶୋର ମିଶ୍ର ସାରର ସୁଗମ ଓ ସମୟୋପଯୋଗୀ ପରିବହନରେ ଦକ୍ଷ ଲଜିଷ୍ଟିକ୍ସ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷଣର ବୈଷୟିକ ଅଧିବେଶନରେ ନାନୋ ସାର, ଜଳଦ୍ରବଣୀୟ ସାର, ଜୈବ ସାର, ଜୈବ ଉତ୍ତେଜକ, ମୃତ୍ତିକା ସ୍ୱାସ୍ଥ୍ୟ, ବୈଜ୍ଞାନିକକୃଷି ପଦ୍ଧତି, ଦୁଗ୍ଧଚାଷ ଏବଂ ଅତିରିକ୍ତ ଆୟବର୍ଦ୍ଧକ କୃଷି କାର୍ଯ୍ୟକଳାପ ଆଦି ବିଷୟରେ କୃଷିବିଜ୍ଞାନୀ ଓ ବିଷୟ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି । ଏହା ସହିତ କୃଷକମାନଙ୍କ ପାଇଁ ଇଫକୋ ପାରାଦୀପ ସାର କାରଖାନା ପରିଦର୍ଶନର ବ୍ୟବସ୍ଥା କରାଯାଇଛି । ଏହି ପରିଦର୍ଶନ ମାଧ୍ୟମରେ କୃଷକମାନେ ସାର ଉତ୍ପାଦନ, ଗୁଣବତ୍ତା ନିୟନ୍ତ୍ରଣ ଓ କାରଖାନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ହାସଲ କରିବେ । କାର୍ଯ୍ୟକ୍ରମକୁ ଜୟନ୍ତ କୁମାର ଜେନା, ପ୍ରଶାସନିକ ଅଧିକାରୀ, ଇଫକୋ ସଂଚାଳନ ଓ ସମନ୍ୱୟ କରୁଛନ୍ତି । ଆଧୁନିକ, ସ୍ଥାୟୀ ଓ ବୈଜ୍ଞାନିକ କୃଷି ପଦ୍ଧତି ଆପଣାଇବା ପାଇଁ କୃଷକମାନଙ୍କ ବୈଷୟିକ ଜ୍ଞାନ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ।

# ଆନ୍ତଃମହାବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

## ମହିଳା କବାଡ଼ିରେ ଏମ୍‌ସିଏଏମ୍ ଚାମ୍ପିଅନ୍: ପୁରୁଷରେ ରନର୍ସଅପ୍



ବାରିପଦା, ୨୯/୯ (ନି.ପ୍ର): ସେପ୍ଟେମ୍ବର ୨୭-ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆୟୋଜିତ ଆନ୍ତମହାବିଦ୍ୟାଳୟ ସ୍ତରୀୟ କବାଡ଼ି ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ ଶନିବାର ବିଶ୍ୱବିଦ୍ୟାଳୟର ନିଜସ୍ୱ ଇଣ୍ଡୋର ଷ୍ଟାଡିୟମ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍‌ସିଏଏମ୍), ବାରିପଦାର ମହିଳା କବାଡ଼ି ଦଳ ଚମତ୍କାର ପ୍ରଦର୍ଶନ କରି ଚାମ୍ପିଅନ୍ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ଏମ୍‌ସିଏଏମ୍ ମହିଳା ଦଳ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ (ଏମ୍‌ପିସି)କୁ ୬୪-୧୪ ପଏଣ୍ଟ ରେ ପରାସ୍ତ କରି ବିଜୟ ମୁକୁଟ ହାସଲ କରିଥିଲା । ଅନ୍ୟପକ୍ଷରେ ପୁରୁଷ କବାଡ଼ିର ଫାଇନାଲ୍ ମୁକାବିଲା ଅତ୍ୟନ୍ତ ରୋମାଞ୍ଚକର ହୋଇଥିଲା । ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଏମ୍‌ସିଏଏମ୍‌କୁ ଅତ୍ୟନ୍ତ ଅଳ୍ପ ବ୍ୟବଧାନରେ ପରାସ୍ତ କରି ଚାମ୍ପିଅନ୍ ହୋଇଥିବାବେଳେ ଏମ୍‌ସିଏଏମ୍ ପୁରୁଷ ଦଳ ରନର୍ସଅପ୍ ହୋଇଛି । ବିଭିନ୍ନ ମହାବିଦ୍ୟାଳୟ ର ୧୯ ଟି ଟିମ ଭାଗ ନେଇଥିଲେ । ପ୍ରତିଯୋଗିତାର ବିଭିନ୍ନ ମ୍ୟାଚ୍ ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟର କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ରଞ୍ଜନ ଦାଶ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା.ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ର ଶ୍ରୀ ସତ୍ୟନାରାୟଣ ବାରିକ ଓ ଏମ୍‌ସିଏଏମ୍‌ର କ୍ରୀଡ଼ା ସମ୍ବିତ କୁମାର ମିଶ୍ର, ବାସ୍ତବ ମହାନ୍ତ ଓ ବିଭିନ୍ନ ମହାବିଦ୍ୟାଳୟ ର କ୍ରୀଡା ଅଧିକାରୀ ପ୍ରତିଯୋଗିତାର ସୁଚାରୁ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଯାପନୀ ସମାରୋହରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର (ଡ.) ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଦଳକୁ ଟ୍ରଫି ଓ ସମ୍ମାନ ପ୍ରଦାନ କରିଥିଲେ ।ଶ୍ରେଷ୍ଠ ଖେଳାଳି ଭାବେ ପୁରୁଷ ବିଭାଗ ରେ ମହାରାଜା ପୂର୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ସୌରଭ ଦାସ ଓ ମହିଳା ବିଭାଗ ରେ ଏମ ସି ଏ ଏମ ର ପୂଜା ପଲେଇ ଙ୍କୁ ପୁରସ୍କୃତ କରାଯାଇଥିଲା.ଏହି ଅବସରରେ ସେ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା ମାଧ୍ୟମରେ ଶୃଙ୍ଖଳା, ଏକତା ଓ ଦଳଗତ ମନୋଭାବ ବିକଶିତ ହୁଏ ବୋଲି ମୁଖ୍ୟ ଅତିଥି ମାନ୍ୟବର କୁଳପତି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ପି ଜି କାଉନସିଲ ର ଅଧକ୍ଷ ଡ଼ ରାଜେଶ କୁମାର ସିଂହ, ଉପ ସଭାପତି ଡ଼ ସୁଦାମ ସାହୁ ଓ ଖେଳ ପରିଷଦ ର ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ରଥ ଉପସ୍ଥିତ ରହି କୃତି କ୍ରୀଡ଼ାବିତ ମାନଙ୍କୁ ସମ୍ବୋଧନ କରିଥିଲେ । ଏମ୍‌ସିଏଏମ୍‌ର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମହିଳା ଦଳର ଚାମ୍ପିଅନ୍ ହେବା ଓ ପୁରୁଷ ଦଳର ରନର୍ସଅପ୍ ହେବା ପାଇଁ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ । ଉଭୟ ଦଳର ଉତ୍ସାହ, ଶୃଙ୍ଖଳା ଓ ଦଳଗତ ମନୋଭାବକୁ ପ୍ରଶଂସା କରି ଆଗାମୀ ଦିନରେ ମଧ୍ୟ ଏହି ଦଳୀୟ ଏକତା ଓ କ୍ରୀଡ଼ାସ୍ପୃହା ବଜାୟ ରହିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଏହି ସଫଳତା ଏମ୍‌ସିଏଏମ୍‌ର କ୍ରୀଡ଼ା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଅଧ୍ୟାୟ ଯୋଡ଼ିଥିବାବେଳେ ମହିଳା ଓ ପୁରୁଷ ଉଭୟ ଦଳର ଉତ୍କୃଷ୍ଟ ପ୍ରଦର୍ଶନ କଲେଜରେ କ୍ରୀଡ଼ା ପ୍ରତିଭାର ଉନ୍ନତି ପାଇଁ ନୂତନ ଉତ୍ସାହ ସୃଷ୍ଟି କରିଛି ।

## ହରିଚନ୍ଦନପୁର ବନବିଭାଗକୁ ମିଳିଛି ବଡ଼ ସଫଳତା

ଘଟଗାଁ , ୨୯/୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଦେଓ ଗାଁ ବନାଂଚଳ ଅଧୀନରେ ହରିଚନ୍ଦନପୁର ବନବିଭାଗକୁ ମିଳିଛି ବଡ଼ ସଫଳତା । କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ ଅଧିକାରୀ ବୁଦ୍ଧଦେବ ସାହୁ, ଫରେଷ୍ଟ ଗାର୍ଡ ରଞ୍ଜନ ବେହେରା ଏବଂ ସ୍ୱାର୍ଡ ତଳଡିହ ଖେସରା ଜଙ୍ଗଲରୁ ଗତକାଲି ରାତି ଅଧିଆ ଲକ୍ଷାଧିକ ଟଙ୍କାର ୧୦ ଖଣ୍ଡ ଶାଳ ଗଣ୍ଡି ଜବତ କରିଥିବା ସୂଚନା ମିଳିଛି ।

# କଂଗ୍ରେସର ଆନ୍ଦୋଳନ ଲୋକ ଦେଖାଣିଆ: ବିଜେପି

ଭୁବନେଶ୍ୱର, ୨୯/୯ (ନି.ପ୍ର): କଂଗ୍ରେସ ବିଧାନସଭା ଘେରାଉ ନେଇ ବିଜେପି ପ୍ରତିକ୍ରିୟା ରଖିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, କଂଗ୍ରେସର ଆନ୍ଦୋଳନ ଲୋକ ଦେଖାଣିଆ । ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ତାଙ୍କର ଆସ୍ଥା ନାହିଁ । ଏମଏମଡିଆରକୁ ନେଇ ବିଜେଡ଼ି ତ ବିଧାନସଭାରୁ ପଳାୟନ ପନ୍ଥୀ ହେଲା କିନ୍ତୁ କଂଗ୍ରେସ ମୁଲତବୀ ନୋଟିସ ଦେଇ ବି ଆଲୋଚନା କଲା ନାହିଁ । ଏଥିରୁ ସ୍ପଷ୍ଟ ସେମାନେ ଆଲୋଚନା ନ କରି ଲୋକ ଦେଖାଣିଆ ଆନ୍ଦୋଳନ କରୁଛନ୍ତି ।

# ଜୀ-ସାର୍ଥକରେ ଆସୁଛି ଏକ ନିଆରା ପ୍ରେମ କାହାଣୀ: ଅକ୍ଟୋବର ୪ରେ 'ଅଧୁରା ପ୍ରେମ କାହାଣୀ'ର ମହାପ୍ରିମିୟର




ଭୁବନେଶ୍ୱର, ୨୯/୯ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ମନୋରଞ୍ଜନ ଚ୍ୟାନେଲ୍ 'ଜୀ-ସାର୍ଥକ' ପରଦାକୁ ଆସୁଛି ଏକ ନୂଆ ତଥା ହୃଦୟସ୍ପର୍ଶୀ ଚଳଚ୍ଚିତ୍ର 'ଅଧୁରା ପ୍ରେମ କାହାଣୀ' । ଆସନ୍ତା ଅକ୍ଟୋବର ୪ ତାରିଖ ସନ୍ଧ୍ୟା ୬:୩୦ ମିନିଟ୍ ?ରେ ଏହି ସିନେମାର ଟେଲିଭିଜନ ପ୍ରିମିୟର ହେବାକୁ ଯାଉଛି ।

ଏହି ଚଳଚ୍ଚିତ୍ରର କାହାଣୀ ରାହୁଲ ନାମକ ଜଣେ ଯୁବ ତଥା ପ୍ରତିଭାବାନ ଗାୟକଙ୍କ ଜୀବନ ଉପରେ ଆଧାରିତ । ବହୁତସାରା ବାଧାବିଘ୍ନ ଓ ସଂଘର୍ଷ ସତ୍ତ୍ୱେ ସଙ୍ଗୀତ ଦୁନିଆରେ ନିଜର ପରିଚୟ ସୃଷ୍ଟି କରିବାର ସ୍ୱପ୍ନ ଦେଖିଛି ରାହୁଲ । ତା'ର ଏହି କଠିନ ଯାତ୍ରାରେ ତାକୁ ସର୍ବଦା ପ୍ରେମ ଓ ପ୍ରେରଣା ଯୋଗାଇ ଆସିଛି ତା'ର ପ୍ରେମିକା କିରଣ । କିନ୍ତୁ ସଫଳତାର ଶୀର୍ଷରେ ପହଞ୍ଚିବା ବେଳକୁ ରାହୁଲର ଜୀବନରେ ଆସେ ଅଙ୍କିତା । ଏହାପରେ କାହାଣୀ ଏକ ନୂଆ ମୋଡ଼ ନିଏ । ଗ୍ଲାମର ଦୁନିଆର ମାୟା, ଅହଂକାର, ପ୍ରତିଯୋଗିତା ଏବଂ ପ୍ରତାରଣା ଭିତରେ ରାହୁଲ ନିଜର ସବୁଠାରୁ ପ୍ରିୟ ମଣିଷଙ୍କଠାରୁ ଦୂରେଇ ଯାଉଛି ନା କିରଣର ପ୍ରେମ ଫେରିପାଇବାକୁ ଚେଷ୍ଟା କରୁଛି , ତାହା ହିଁ ସିନେମାର ମୂଳବସ୍ତୁ । ସଫଳତା ପାଇଁ ମଣିଷକୁ କେତେ ବଡ଼ ବଳିଦାନ ଦେବାକୁ ପଡ଼େ ଏବଂ କିପରି ଏକ ସୁନ୍ଦର ପ୍ରେମ କାହାଣୀ 'ଅଧୁରା' ରହିଯାଏ, ତାହା ଦର୍ଶକଙ୍କ ଆଖିରେ ଲୁହ ଆଣିଦେବ ।

ଏହି ସିନେମାରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଲୋକପ୍ରିୟ ତାରକା ସୁଭାଶିଷ, ସୂର୍ଯ୍ୟମୟୀ ଏବଂ ପୁନମ୍ । ସେହିପରି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ବରିଷ୍ଠ ଅଭିନେତା ଶ୍ରୀତମ୍ ଦାସ ଏବଂ ହାସ୍ୟାଭିନେତା ପ୍ରଜ୍ଞା ଖଟୁଆ ନିଜର ଚମତ୍କାର ଅଭିନୟର ଯାଦୁ ଦେଖାଇବେ ।

ଏହି ସ୍ୱତନ୍ତ୍ର ପ୍ରିମିୟର ଅବସରରେ ଜୀ-ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀଯୁକ୍ତ ରାହୁଲ ରାଓ ଓଡ଼ିଶାର ଦର୍ଶକମାନଙ୍କୁ ଉଦ୍ଦେଶ୍ୟ କରି ଏକ ଭାବପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି । ସେ ଦର୍ଶକଙ୍କୁ ଅନୁରୋଧ କରି କହିଛନ୍ତି 'ଜୀ-ସାର୍ଥକ ସର୍ବଦା ଆମ ଦର୍ଶକମାନଙ୍କୁ ନୂଆ, ମାର୍ମିକ ଏବଂ ପାରିବାରିକ କାହାଣୀ ଭେଟିଦେବାକୁ ପ୍ରୟାସ କରିଆସିଛି । 'ଅଧୁରା ପ୍ରେମ କାହାଣୀ' କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ସ୍ୱପ୍ନ, ସଫଳତା ଏବଂ ପ୍ରେମ ଭିତରେ ଥିବା ଏକ ବାସ୍ତବ ଯୁଦ୍ଧର ନିଚ୍ଛକ ଚିତ୍ରଣ । ମୁଁ ସମସ୍ତ ଓଡ଼ିଆ ଦର୍ଶକଙ୍କୁ ଅନୁରୋଧ କରୁଛି ଯେ, ଆସନ୍ତା ଅକ୍ଟୋବର ୪ ତାରିଖ ସନ୍ଧ୍ୟା ୬:୩୦ ମିନିଟ୍ ?ରେ ନିଜ ପରିବାର ସହିତ ବସି ଏହି ସିନେମାଟିକୁ ନିଶ୍ଚୟ ଦେଖନ୍ତୁ ଏବଂ ଆମକୁ ଆପଣଙ୍କର ଅଫୁରନ୍ତ ଭଲପାଇବା ଓ ଆଶୀର୍ବାଦ ପ୍ରଦାନ କରନ୍ତୁ ।

ତେଣୁ ଦେଖିବାକୁ ଭୁଲିବେ ନାହିଁ, ସଫଳତା, ତ୍ୟାଗ ଏବଂ ବିଶ୍ୱାସଘାତକତାର ଏକ ଅନନ୍ୟ କାହାଣୀ 'ଅଧୁରା ପ୍ରେମ କାହାଣୀ', ଆସନ୍ତା ଅକ୍ଟୋବର ୪ (ଶୁକ୍ରବାର), ସନ୍ଧ୍ୟା ୬:୩୦ ରେ, କେବଳ ଜୀ-ସାର୍ଥକରେ !

# ୨୨ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ସହିତ ଗୋଟିଏ ସ୍କୁଟି ଜବତ



ଜଳେଶ୍ୱର , ୨୯/୯ (ନି.ପ୍ର): ରାଜ୍ୟରେ ନିଶା କାରବାର ବିରୋଧରେ ଅବକାରୀ ବିଭାଗ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଜାରୀ ରହିଛି । ଜିଲ୍ଲା ଅବକାରୀ ଅଧୀକ୍ଷକ, ବାଲେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ତଥା ଜଳେଶ୍ୱର ଅବକାରୀ ନିରୀକ୍ଷକ ପ୍ରଭାକର ସେଠୀଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ବାଲିଆପାଳ, ଭୋଗରାଇ ଏବଂ ଜଳେଶ୍ୱର ର ମିଳିତ ସ୍ୱତନ୍ତ୍ର ଟିମ ସୁଗୋ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଏକ ସ୍କୁଟିରେ ବ୍ରାଉନ ସୁଗାର୍ ଚୋରା ଚାଲାଣ କରୁଥିବା ଦୁଇଜଣ ବ୍ୟକ୍ତିଙ୍କୁ କାବୁକରି ତାଙ୍କ ନିକଟରୁ ୨୧୦ ଗ୍ରାମ ସହିତ ଗୋଟିଏ ସ୍କୁଟି ଜବତ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ୨୨ ଲକ୍ଷ ଟଙ୍କାରୁ ଅଧିକ ହେବ । ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ଥିବା ଭୋଗରାଇ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମର ପ୍ରମୋଦ କୁମାର ଦାସ ୪୫ ଏବଂ ଶ୍ରୀବତ୍ସପୁର୍ ଗ୍ରାମର ତପନ ଲାୟା ୪୬ ଙ୍କୁ ବିଭାଗ ପକ୍ଷ ରୁ ଗିରଫ କରାଯାଇଛି ।ଏହି ସଫଳ ଅଭିଯାନ ରେ ଜଳେଶ୍ୱର ଅବକାରୀ ଥାନାର ଅଧିକାରୀ ଭାବେଶ ଚନ୍ଦ୍ର ନାଏକ, ବାଲିଆପାଳ ଅବକାରୀ ଥାନା ର ଅଧିକୋରୀ ସୁନିଲ କୁମାର ମାଝୀ, ଭୋଗରାଇ ଅବକାରୀ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ପାତ୍ରଙ୍କ ସହିତ ସହ-ଉପନିରିକ୍ଷକ ତପସ୍ୱିନୀ ବଇଠା, ବିଷ୍ଣୁ ମାଝୀ ଏବଂ କନେଷ୍ଟବଳ ମିଥୁନ ମୁର୍ମୁ, ବ୍ରହ୍ମଜିତ୍ ଦାସ ଏବଂ ବାସୁଦେବ କାମିଲା ପ୍ରମୁଖ ସହଯୋଗ କରିଥିଲେ ।

# ଆଙ୍ଗନ୍ କା ଉତ୍ସବର ତୃତୀୟ ଦିବସ

ବସ୍ତା, ୨୯/୯ (ନି.ପ୍ର): ସାରା ରାଜ୍ୟ ରେ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଅଙ୍ଗନୱାଡ଼ି ରେ ତିନି ଦିନ ଧରି ଆଙ୍ଗନ୍ କା ଉତ୍ସବ ପାଳନ ହେଉଅଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ ରେ ଥିବା ସମସ୍ତ ଅଙ୍ଗନୱାଡ଼ି ରେ ସିଡିପିଓ ଗିନ୍ଦିରି ମୁର୍ମୁ ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଆଜି ବସ୍ତା ସେକ୍ଟର ର ସୁପରଭାଇଜର ଜବା ମଣି ହେମରମ ଙ୍କ ନିର୍ଦ୍ଦେଶ ରେ ବ୍ରାହ୍ମଣଦା ଗ୍ରାମ ପଞ୍ଚାୟତ କୁଣ୍ଡପୁର ଅଙ୍ଗନୱାଡ଼ି ରେ ତୃତୀୟ ଦିବସ ରେ ସରକାରଙ୍କ ନିୟମ ଅନୁଯାୟୀ କୁନି କୁନି ଛାତ୍ର ଛାତ୍ରୀଙ୍କୁ ଭିଟାମିନ ଯୁକ୍ତ ଖାଦ୍ୟ ବଣ୍ଟନ କରାଯାଇଥିଲା ଏବଂ ପରେ ଭୋଜୀର ଆୟଜନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ପିତା ମାତା , ଗର୍ଭବତୀ, ପ୍ରସୁତୀ, ଆଶା କର୍ମୀ, ଜାଞ୍ଚ କମିଟିର ମେମ୍ବର ସମାଜସେବୀ ଯୁବନେତା ସୁଶିଲ ବେହେରା,ମ୍ୟାଜିକିସିଆନ ସଦାଶିବ ମହାନ୍ତି ହରିଶ ଚନ୍ଦ୍ର ବେହେରା ପୁଷ୍ପଗୁଚ୍ଛ ସହ ଉତ୍ତରୀ ଦେଇ ସମ୍ମାନିତ କରାଯାଇଥିଲା । ସବାଶେଷରେ ଅଙ୍ଗୱାଡି ଦିଦି ଆରତୀ ମଣି ପରିଡା ହେଲପର କଳ୍ପନା ବେହେରା ସହଯୋଗ କରିଥିଲେ।



# ଜଗନ୍ନାଥଙ୍କ ୩୨ବେଶ ପାଇଁ ଆସିଲା ଆଜ୍ଞାମାଳ



ନୀଳଗିରି, ୨୯/୯ (ନି.ପ୍ର): ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ପାଇଁ ପୁରୀରୁ ଆସିଲା ଆଜ୍ଞାମାଳ। ଗାଁ ଉତ୍ସବମୁଖର, ବାଜା, ସଂକୀର୍ତ୍ତନ, ଶଙ୍ଖ, ଘଣ୍ଟ ଘଣ୍ଟାର ତାଳେତାଳେ ଆଜ୍ଞାମାଳକୁ ଗାଁକୁ ପାଛୋଟି ନେଇଥିଲେ ଗ୍ରାମବାସୀ। ନୀଳଗିରି ବ୍ଲକ ଅମ୍ବିକାପୁର ଗ୍ରାମରେ ଆଗାମୀ ରାହାସପୂର୍ଣ୍ଣିମା ଅବସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ସେହି ଅବସରରେ ଜଗନ୍ନାଥଙ୍କ ୩୨ବେଶ ସହ, ସୁନାବେଶ, ବିମଳା ,ଲକ୍ଷ୍ମୀ ଓ ବେଢି ହନୁମାନଙ୍କ ମୃଣ୍ମୟମୂର୍ତ୍ତୀ ସ୍ଥାପନା କରାଯିବ।ଫଳରେ ଏହି କାମର ଶୁଭାରମ୍ଭ ପାଇଁ ଗ୍ରାମବାସୀ ପୁରୀ ଜଗନ୍ନାଥମନ୍ଦିରରୁ ଆଜ୍ଞାମାଳ ଆଣିଛନ୍ତି। ଯାହାକୁ ସ୍ୱାଗତ ସ୍ୱରୂପ ବାଜା, ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନରେ ଗାଁକୁ ପାଛୋଟି ନେଇଛନ୍ତି ଗ୍ରାମବାସୀ।ବିଶେଷ କରି ୬୫ ଫୁଟର ଜଗନ୍ନାଥମନ୍ଦିର ସ୍ୱରୂପ ତୋରଣ ଓ ଜଗନ୍ନାଥଙ୍କ ୩୨ବେଶ ଲୋକଙ୍କୁ ଆକର୍ଷିତ କରିବ। ଯେଉଁମାନେ ବାର୍ଦ୍ଧକ୍ୟରେ ପୁରୀ ଯାଇପାରୁନାହାନ୍ତି ସେମାନେ ଏଠାରେ ଜଗାକୁ ଦର୍ଶନ କରି ଆର୍ଶୀବାଦ ନେଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

# ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ




ଭଦ୍ରକ , ୨୯/୯ (ନି.ପ୍ର): ଭଦ୍ରକ ଜିଲ୍ଲାସ୍ତରୀୟ ୨ୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ହନୁମାନଜିଉ ହାଇସ୍କୁଲ, ଚରମ୍ପା, ତତ୍ତ୍ୱାବଧାନରେ ରେଳବାଇ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଦେବବ୍ରତ ମହାପାତ୍ର ଯୋଗଦାନ କରି ପିଲାମାନଙ୍କ ମଧ୍ୟରେ ଲୁକ୍‌ୟାତ ପ୍ରତିଭାର ପରିସ୍ଫୁଟନ କରିବାକୁ ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଜଗବନ୍ଧୁ ସାହୁ, ଡ଼. ପ୍ରଫୁଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦାନ କରିଥିଲେ । ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର କୁମାର ନାୟକ ଉଦ୍ଦେଶ ଜ୍ଞାପନ କରିଥିଲେ । ଭୀମ ଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ୍ ମହାପାତ୍ର, ମାନସ କୁମାର ନାୟକ, ଜିତେନ୍ଦ୍ର କୁମାର ସାହୁ, ପ୍ରଭୁଦତ୍ତ ପଣ୍ଡା, ମନୋଜ ଶଙ୍ଖୁଆ, ମାନସ ଜେନା, ପ୍ରଭାତ ଜେନା, ସଚ୍ଚିକାନ୍ତ ପଣ୍ଡା, ଅକ୍ଷୟ କୁମାର ସେଠୀ, ରମେଶ ଚୌଧୁରୀ, ତପନ ମିଶ୍ର, ମାନସୀ ପ୍ରଧାନ, ପ୍ରିୟଙ୍କା ମିଶ୍ର, ବିକଶି ସାହୁ, ଅଶୋକ ପଣ୍ଡା, ସେକ୍ ରିୟାଜ୍, ଏସ୍.କେ ସଲିମ, ରଞ୍ଜନ ବେହେରା, ଆରକ୍ଷ ରଞ୍ଜନ ବେହେରା, ଉପମନ୍ୟୁ ଖୁଣ୍ଟିଆ, ଜୟନ୍ତୀ ନାୟକ, ରିମା ନାୟକ, ରାଜ କିଶୋର ମଲ୍ଲିକ, ସୁଶାନ୍ତ ବାରିକ୍, ସୁକାନ୍ତ ଜେନା, ବିକ୍ରମ ଦାସ, ସତ୍ୟ ନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ୧୪ ବର୍ଷ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକାମାନଙ୍କ ମଧ୍ୟରେ ଦୌଡ଼କୁଦ, ସାଇକେଲିଂ, ଜମ୍ପିଂ, ଥ୍ରୋଇଂ ଇତ୍ୟାଦିରେ ୭ ବ୍ଲକରୁ ୨୦୦ ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଏମାନଙ୍କ ମଧ୍ୟରୁ ୨୦ ଜଣ ଦୌଡ଼କୁଦ, ଜମ୍ପିଂ, ଥ୍ରୋଇଂ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇ ଅଛନ୍ତି ଓ ସାଇକେଲିଂରେ ୧୪ଜଣ ପ୍ରତିଯୋଗୀ ରାଜ୍ୟସ୍ତରକୁ ମନୋନୀତ ହୋଇ ଅଛନ୍ତି ।

# ଘରପୋଡି ମାମଲାରେ ମୁଦାଲା ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୨୯/୯ (ନି.ପ୍ର): ନୀଳଗିରି ଥାନା ଅନ୍ତର୍ଗତ ଗୋବର୍ଦ୍ଧନ ପୁର ଗ୍ରାମରେ ୨୦୨୨ମସିହା ସେପଟ୍ମେର ୪ତାରିଖ ରାତିପ୍ରାୟ ୧୧.୩୦ ସମୟରେ ବାସଗୃହ ସହ ଏକ ଦୋକାନଗୃହ ପୋଡିକୁ ନେଇ,ଉକ୍ତ ଗ୍ରାମର ବୃନ୍ଦାବନ ରଣାଙ୍କ ପୁତ୍ର ରମେଶଚନ୍ଦ୍ର ରଣା ନୀଳଗିରି ଥାନରେ ଏକ ଲିଖିତ ଏତଲା ଦେଇଥିଲେ। ଉକ୍ତ ଏତଲା ମୂଳେ ନୀଳଗିରି ଥାନାରେ ୨୫୩/୫/୯/୨୨ମାମଲା ଦରଜ ହୋଇଥିଲା। ସୂଚନା ମୁତାବକ ଉକ୍ତ ଗ୍ରାମରେ ଲକ୍ଷ୍ମୀଧର ପତିଙ୍କ ପୁତ୍ର ହରେନ୍ଦ୍ର ପତିଙ୍କୁ ଉକ୍ତ ଘରପୋଡି ମାମଲାରେ ପୋଲିସ ଦୋଷୀ ସାବ୍ୟସ୍ତ କରି ଚାର୍ଜସିଟ୍ ଦାଖଲ କରିଥିଲା । ଉକ୍ତ ମୋକଦମାରେ ସମସ୍ତ ସାକ୍ଷୀ ଓ ପ୍ରମାଣପତ୍ରକୁ ଭିତ୍ତିକରି ଆଜି ମାନ୍ୟବର ନୀଳଗିରି ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କର ମୁଦାଲା ହରେନ୍ଦ୍ର ପତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦାଲା ହରେନ୍ଦ୍ର ପତିଙ୍କ ତରଫରୁ ବରିଷ୍ଠ ଆଇନଜୀବି ଦିଗମ୍ବର ସ ମକୋଦ୍ଦମା ପରିଚାଳନା କରୁଥିଲେ।

# ଅଙ୍ଗନୱାଡିରେ ଆଙ୍ଗନ କା ଉତ୍ସବ



ବାଲିଆପାଳ , ୨୯/୯ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମପଞ୍ଚାୟତ ହାସିମପୁରୁ ଓ ବାହାବଳପୁର ଅଙ୍ଗନୱାଡିରେ ଆଙ୍ଗନ କା ଉତ୍ସବ ପାଳିତ ହେଉଛି ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପୋଷଣ ଯୁକ୍ତ ଖାଦ୍ୟ ପ୍ରସ୍ତୁତ କରି କୁନି ପିଲାଙ୍କୁ ପ୍ରଦାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ତିନିଦିନ ଅଙ୍ଗନୱାଡି କେନ୍ଦ୍ରରେ ଆରମ୍ଭ ହୋଇ ପ୍ରଥମ ଦିନରେ ପୋଷଣ ପିଠା, ଚୁଡା ଉପମା, ମାଣ୍ଡିଆ ପିଠା, ମାଣ୍ଡିଆ କ୍ଷୀରି ପରିବାର ସଦସ୍ୟ ସଦସ୍ୟା ମାନେ ପ୍ରସ୍ତୁତ କରିଥିଲେ। ସୋମବାର ମାଣ୍ଡିଆ ପୋଡ଼ପିଠା, ବୁଟ ଛତୁଆ, ଗଜା ମୁଗ, ଗଜା ବୁଟ ପୋଷକ ଖାଦ୍ୟ ମାନ ପ୍ରସ୍ତୁତ କରାଯାଇ ପିଲାଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ମିନତୀ ସିଂ, ସମାଜ ସେବି ଲମ୍ବୁଧର ମହାନା, ହାସିମପୁର ପ୍ରଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଞ୍ଜୟ ମହାପାତ୍ର, ୱାର୍ଡ ମେମ୍ବର ଶୁକେଶ ମିତ, ଦିପ୍ତୀରାନୀ ଜେନା, ସେହ୍ନଲତା ଜେନା ପ୍ରମୁଖ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ଆଭିଭାବକ ଓ ଅଙ୍ଗନୱାଡି ପରିଚାଳନା କମିଟି ର ସଦସ୍ୟ ସଦସ୍ୟା ଅଙ୍ଗନୱାଡି ପରିସରରେ ଉପସ୍ଥିତ ହୋଇଥିଲେ ।

# ପାରାଦୀପ ବନ୍ଦରର ତ୍ୱରିତ ପଦକ୍ଷେପ ଯୋଗୁଁ ଏମଟି ସିଗୁଲ-୯ ଜାହାଜ ଉଦ୍ଧାର : ସମସ୍ତ କ୍ରୁ,ପଣ୍ୟ ସୁରକ୍ଷିତ

ପାରାଦୀପ, ୨୯/୯ (ନି.ପ୍ର): ପାରାଦୀପ ବନ୍ଦର ପ୍ରାଧିକରଣ ଦ୍ୱାରା ଏମଟିସିଗୁଲ-୯ ନାମକ ଏକ ପଣ୍ୟବାହୀ ଜାହାଜକୁ ଗତକାଲି ଉଦ୍ଧାର କରାଯାଇଛି । ଏହି ଜାହାଜଟି ପ୍ରାୟ ୯,୦୦୦ ମେଟ୍ରିକ ଟନ କ୍ରୁଡ଼ ପାମ ଅଏଲ ନେଇ ପାରାଦୀପ ବନ୍ଦର ଅଭିମୁଖେ ଆସୁଥିଲା। ଏହି ପଣ୍ୟ ଆଦାନୀ ଉଇଲମାର ର ରହିଥିବା ବେଳେ ଏମଏସ ଆଣ୍ଟଲାଟିକ ସିପିଙ୍ଗ ଏହାର ଏଜେଣ୍ଟ ରହିଛି କ୍ଷ ପାରାଦୀପ ପାଇଲଟ୍ ଷ୍ଟେସନ୍ ଠାରୁ ପ୍ରାୟ ୩୫ ନଟିକାଲ୍ ମାଇଲ୍ ଦୂରରେ ଥିବା ଏହି ଜାହାଜର ମୁଖ୍ୟ ଇଞ୍ଜିନ୍ ଖରାପ ହୋଇଥିବା ଏବଂ ବାଲାଷ୍ଟ ଟ୍ୟାଙ୍କରେ ପାଣି ପ୍ରବେଶ କରିବା ଯୋଗୁଁ ଜାହାଜ ଟି ପ୍ରାୟ ୧୦ ଡିଗ୍ରୀ ଗୋଟିଏ ପାର୍ଶ୍ୱକୁ ଅଣେଇ ପଡ଼ିଥିଲା । ପାଣି ନିଷ୍କାସନର ହାର ପାଣି ପ୍ରବେଶର ହାର ସହ ସମନ୍ୱୟ ରଖିପାରୁନଥିବାରୁ ତୁରନ୍ତ ସହାୟତାର ଆବଶ୍ୟକତା ଦେଖାଦେଇଥିଲା। ଜାହାଜର ଏଜେଣ୍ଟ ପକ୍ଷରୁ ପ୍ରଥମ ଯୋଗାଯୋଗ ସେପ୍ଟେମ୍ବର ୨୭ ତାରିଖ ସକାଳ ୫:୦୧ରେ ମିଳିଥିଲା। ତେବେ ଏମଆରସିସି ଆବଶ୍ୟକ ସହାୟତା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ମୁଖ୍ୟ କାର୍ଯ୍ୟାଳୟ ୭ କୁ ଅବଗତ କରାଯାଇଥିଲା । ଜରୁରୀ ସହାୟତା ପାଇଁ ପାରାଦୀପ ବନ୍ଦର ପ୍ରାଧିକରଣ ଏକ ହର୍ବର ଟଗ ପାଇଲଟ ଙ୍କ ସହିତ ନିୟୋଜିତ କରାଯାଇଥିଲା । ତେବେ ଗତକାଲି ସନ୍ଧ୍ୟାରେ ଟଗ ଏବଂ ଉଧାରକାରୀ ଦଳ ଜାହାଜ ନିକଟରେ ପହଞ୍ଚି ପାରାଦୀପ ବନ୍ଦର ପୋତାଶ୍ରୟ ଅଭିମୁଖେ ଟାଣି କରି ଆଣିଥିଲେ । ଏହି ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟରେ ପାରାଦୀପ ବନ୍ଦର,ଜାହାଜ ନିର୍ଦ୍ଦେଶାଳୟ, ତଟ ରକ୍ଷୀ ବାହିନୀ, ଏମଆରସିସି ସମେତ ଅନ୍ୟାନ୍ୟ ସମ୍ପୃକ୍ତ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ରହିଥିଲା। ଏହି କାର୍ଯ୍ୟରେ ଭାରତୀୟ ନୌସେନା ଏବଂ ଭାରତୀୟ ତଟରକ୍ଷୀ ବାହିନୀ ଙ୍କ ସହଯୋଗ ଓ ସମନ୍ୱୟ ରହିଥିଲା। ଏହି ମିଳିତ ଜରୁରୀକାଳୀନ ପଦକ୍ଷେପ ଫଳରେ ଜାହାଜଟିକୁ ସୁରକ୍ଷିତ ଭାବେ ଟୋଇଂ କରାଯାଇ ପରବର୍ତ୍ତୀ ସମୟରେ ବର୍ଥିଂ କରାଯାଇଥିଲା। ଏହା ଦ୍ୱାରା ଜାହାଜ, କ୍ରୁ, ମାଲ ଓ ସାମୁଦ୍ରିକ ପରିବେଶର ସୁରକ୍ଷା ସୁନିଶ୍ଚିତ ହୋଇଥିଲା।ଏହି ଅପରେସନ କୁ ପାରାଦୀପ ବନ୍ଦର ଉପ-ସରଂକ୍ଷକ କ୍ୟାପଟ୍ଟେନ ଅଲେଖ ଚନ୍ଦ୍ର ସାହୁ ଙ୍କ ମାର୍ଗଦର୍ଶନରେ ସମନ୍ୱୟ କରାଯାଇଥିଲା। ପରବର୍ତ୍ତୀ ସମୟରେ ଜାହାଜଟି ସୀମିତ ଇଞ୍ଜିନ୍ ସହାୟତାରେ ହାର୍ବର ମଧ୍ୟରେ ପ୍ରବେଶ କରି ଆଜି ଅପରାହ୍ଣ ୪ଟାରେ ଏନକ୍ୟୁ ୨ ବର୍ଥରେ ସୁରକ୍ଷିତ ଭାବେ ବର୍ଥୀଙ୍ଗ କରାଯାଇଥିଲା। ସମନ୍ୱିତ ଜରୁରୀକାଳୀନ ପଦକ୍ଷେପ ଫଳରେ ଜାହାଜଟିକୁ ପାରାଦୀପ ବନ୍ଦର ସୀମା ମଧ୍ୟରେ ସୁରକ୍ଷିତ ଭାବେ ଆଣି କୌଣସି ଅତିରିକ୍ତ ଘଟଣା ବିନା ସୁରକ୍ଷିତ ଭାବେ ସ୍ଥାନିତ କରାଯାଇଥିଲା। ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ପୁରୋହିତ ସମସ୍ତ ସାମୁଦ୍ରିକ ଅଧିକାରୀ, ପାଇଲଟ୍, ଟଗ୍ କ୍ରୁ ଏବଂ ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସମୟୋଚିତ ସମନ୍ୱୟ, ବୃତ୍ତିଗତ ଦକ୍ଷତା ଏବଂ ଜାହାଜର ସୁରକ୍ଷିତ ଆଗମନ ଓ ବର୍ଥିଂ ସୁନିଶ୍ଚିତ କରିବାରେ ସାମୂହିକ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଜାହାଜ, କ୍ରୁ, ମାଲ ଓ ସାମୁଦ୍ରିକ ପରିବେଶର ସୁରକ୍ଷା ପାଇଁ ହୋଇଥିବା ସମନ୍ୱିତ ସାମୁଦ୍ରିକ ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ଏସୀୟ କ୍ରୀଡା ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୯ (ନି.ପ୍ର):ଏସୀୟ କ୍ରୀଡା ପଦକ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏସୀୟ କ୍ରୀଡ଼ା ୨୦୨୬ରେ ପୁରୁଷ ୧,୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିବା ଗୁଲଭୀର ସିଂହଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଜଣେ ଦୃଢ଼ସଙ୍କଳ୍ପବଦ୍ଧ ଭାରତୀୟ ଆଥଲେଟ୍ ଭାବେ ତାଙ୍କର ଆଉ ଏକ ଉତ୍କୃଷ୍ଟ ପ୍ରଦର୍ଶନ ଏସୀୟ କ୍ରୀଡ଼ାରେ ତାଙ୍କର ଚମତ୍କାର ଅଭିଯାନରେ ଆଉ ଏକ ସଫଳତା ଯୋଡ଼ିଛି। ସେ ଆଗାମୀ ଦିନରେ ଆହୁରି ଉଚ୍ଚ ଶିଖରରେ ପହଂଚନ୍ତୁ ବୋଲି କାମନା କରୁଛି। ଅନ୍ୟ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ଏସୀୟ କ୍ରୀଡ଼ା ୨୦୨୬ରେ ପୁରୁଷ ଲଙ୍ଗ ଜମ୍ପରେ ରୌପ୍ୟ ପଦକ ଜିତିଥିବା ମୁରଲୀ ଶ୍ରୀଶଙ୍କରଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଦୃଢ଼ସଙ୍କଳ୍ପ ଓ ଉତ୍କର୍ଷର ଏହି ଚମତ୍କାର ଲମ୍ଫ ଦେଶ ପାଇଁ ଅପାର ଗର୍ବ ଆଣିଛି। ଆଗାମୀ ଦିନରେ ସେ ଆହୁରି ଅନେକ ସଫଳତାର ମାଇଲଖୁଂଟ ଅତିକ୍ରମ କରନ୍ତୁ ବୋଲି ଶୁଭେଚ୍ଛା।

# ଆଜି ବନକଲାଗି ନୀତି: ଶ୍ରୀମନ୍ଦିରରେ ୪ ଘଂଟା ଦର୍ଶନ ବନ୍ଦ

ଭୁବନେଶ୍ୱର, ୨୯/୯ (ନି.ପ୍ର): ଆସନ୍ତାକାଲି (ବୁଧବାର)ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ଏଥିପାଇଁ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୪ ଘଂଟା ସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ତା୩୦.୦୯.୨୦୨୬ରିଖ, ବୁଧବାର ଆଶ୍ୱିନ କୃଷ୍ଣ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

# କଳମା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ



ବୈଶିଙ୍ଗା , ୨୯/୯ (ନି.ପ୍ର): ପୋଲିସ ଓ ଜନସାଧାରଙ୍କ ମଧ୍ୟରେ ସମ୍ପର୍କ ସୁଦୃଢ କରିବା ପାଇଁ ରାଜ୍ୟ ପୋଲିସ ବିଭାଗ ତରଫରୁ ସବୁ ଥାନାରେ ଆମ ପୋଲିସ ସମିତି ଗଠନ କରାଯାଇ ପ୍ରତି ମାସ ବୈଠକ କରାହୋଇ ଆସୁଛି । ଏହି ପରିପେକ୍ଷିରେ ବୈଶିଙ୍ଗା ଥାନା ପକ୍ଷରୁ କଳମା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଶିଙ୍ଗା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇ ଆଇ ସି ବାବା ଶଙ୍କର ସରାଫ ଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା । ଗ୍ରାମାଞ୍ଚଳରେ ଘଟୁଥିବା ମଦ ମୃତ୍ୟୁ ରୋକିବା, ମଦ ବିକ୍ରୀ ବନ୍ଦ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା । ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ ଡକାୟତି ରୋକିବା ପାଇଁ ପୋଲିସ ଅଧିକ ଯତ୍ନବାନ ହେବାକୁ ପ୍ରସ୍ତାବ ଦିଆଯାଇଥିଲା । ଏଥି ସହିତ ଗ୍ରାମାଞ୍ଚଳ ରେ ଟ୍ରାକ୍ଟର ଡ୍ରାଇଭର ମାନଙ୍କର ଲାଇସେନ୍ସ ଯାଞ୍ଚ କରିବା, ରାସ୍ତା ପାର୍ଶ୍ୱ ଢାବା ମାନଙ୍କରେ ମଦ ବିକ୍ରୀ ବନ୍ଦ କରିବା, ବେପରୁଆ ଭାବେ ବାଇକ ଚାଳକଙ୍କୁ ଚେତାବନୀ ଦେବା ସହିତ ସେମାନଙ୍କ ଲାଇସେନ୍ସ ଯାଞ୍ଚ କରିବା , ଦୁର୍ଘଟଣା ରୋକିବା ପାଇଁ ଯତ୍ନବାନ ହେବା ଆଦି ଘଟଣା ଉପରେ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦିଆଯାଇଥିଲା । ପୋଲିସ ତରଫରୁ ମଧ୍ୟ ଜନସାଧାରଣ ଙ୍କ ସହଯୋଗ ଲୋଡା ଯାଇଥିଲା । ଥାନା ଅଞ୍ଚଳରେ ଯେ କୌଣସି ବ୍ୟକ୍ତି ଘଟଣା ବାବଦରେ ଜଣାଇବା ପାଇଁ ଥାନା କୁ ଆସି ନ ପାରିଲେ ଫୋନ ଯୋଗେ ଜଣାଇଲେ ମଧ ପୋଲିସ ତାଙ୍କ ନିକଟରେ ପହଞ୍ଚି ସମାଧାନ କରି ପାରିବ ବୋଲି ଆଇ ଆଇ ସି ବାବା ଶଙ୍କର ସରାଫ୍ ପ୍ରକାଶ କରିଥିଲେ ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ଦୀନମଜୁରିଆଙ୍କ ପରିବାର

ଉଦଳା , ୨୯/୯ (ନି.ପ୍ର): ସବୁ ଗରିବ ପରିବାରକୁ ମୁଣ୍ଡପିଛା ୫କିଗ୍ରା ଚାଉଳ ପ୍ରଦାନ କରାଯାଉଛି ବୋଲି ଏଠାରେ କାର୍ଯ୍ୟରତ ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟିବାରେ ଲାଗିଛନ୍ତି । ମାଗଣା ଚାଉଳ ଦେଇ ସରକାର ଦେଶକୁ ବରବାଦ କରିଦେଲେ । ଯେଉଁଥିପାଇଁ ବାରମାସିଆ ଓ ବେଠିଖଟା ଲୋକ ଆଉ ଦେଖିବାକୁ ମିଳୁ ନାହାଁନ୍ତି ବୋଲି ବଖାଣିବାରେ ବାବୁମାନେ ଲାଗି ପଡ଼ିଛନ୍ତି । କ୍ଷୁଧା ଜ୍ୱାଳାରେ କିଛି ଲୋକ ସବୁଦିନ ରୁହନ୍ତୁ ଓ ଆମର ବୋଲକରା ପାଲଟନ୍ତୁ ବୋଲି ବାବୁ ମାନେ ଚାହୁଁଥିବାର କଥା ଏଥିରୁ ବେଶ ସ୍ପଷ୍ଟ ବାରି ହୋଇ ପଡୁଛି । ଏହିଭଳି ସରକାରୀ ବାବୁ ମାନଙ୍କର ଅଣଦେଖା ପାଇଁ ଏବେ ମଧ୍ୟ ବହୁ ଗରିବ ପରିବାର ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର ଜଣାଯାଇଛି । ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ଦୁତିକାଦେଇପୁର ଗ୍ରାମର ବାସିନ୍ଦା ତାରାଶ କୁମାର ହାଁସଦା ଓ ତାଙ୍କର ସହଧର୍ମିଣୀ କଲ୍ୟାଣି ହାଁସଦାଙ୍କର ୯ବର୍ଷ ବୟସର ପୁତ୍ର ଶୁଭମ୍ ଏବଂ ୮ବର୍ଷ ବୟସର କନ୍ୟା ରୁପସାଙ୍କୁ



ମିଶାଇ ପରିବାରର ମୋଟ ସଦସ୍ୟ ୪ଜଣ ଅଟନ୍ତି । ଏହି ପରିବାର ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବାର କଥା କଲ୍ୟାଣି ହାଁସଦା ଜଣାଇଛନ୍ତି । ଦିନମଜୁରିଆ ଭାବରେ କାମ କରି ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ଏହି ପରିବାର ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । କଲ୍ୟାଣିଙ୍କ କହିବା ଅନୁସାରେ ତାଙ୍କର ସ୍ୱାମୀ ତାରାଶ କୁମାରଙ୍କୁ ପୁର୍ବରୁ ମାସିକ ୫କିଗ୍ରା ଚାଉଳ ମିଳୁଥିଲା । ଏହି ଚାଉଳ ଉପରେ ପରିବାରର ଆମେ ୪ଜଣ ସଦସ୍ୟ ନିର୍ଭରଶୀଳ ଥିଲୁ । କିନ୍ତୁ ଆଜକୁ ୧ବର୍ଷ ଧରି କୌଣସି କାରଣ ନଥାଇ ଏହି ୫କିଗ୍ରା ଚାଉଳ ମଧ ବନ୍ଦ କରିଦିଆଗଲା ।ଏହିପରି ବର୍ତ୍ତମାନ ତାଙ୍କର ପୁରା ପରିବାର ଖାଦ୍ୟ ସୁରକ୍ଷାରୁ ବଂଚିତ ଅଛନ୍ତି । ତାଛଡ଼ା ଆଦିବାସୀ ଭାଇ ଓ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଅଥଚ କଲ୍ୟାଣି ହାଁସଦାଙ୍କ ପରିବାର ଏକ ଆଦିବାସୀ ପରିବାର ହୋଇଥିଲେ ମଧ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida